
ମହ୍ଲାର
ଈ- ପତ୍ରିକା
ଏପ୍ରିଲ - ୨୦୨୨
ଏକ ନୂତନ ଆଶାରେ ପ୍ରାଣ ସଞ୍ଚାର...
ସମ୍ପାଦକ
ଶିଶିର କୁମାର ସାମଲ
www.MalharOdia.Com
ମହ୍ଲାର

# ମହ୍ଲାର

'**ମହ୍ଲାର**' ଏହା ଏକ ସମ୍ପୂର୍ଣ୍ଣ ଓଡ଼ିଆ ପତ୍ରିକା ,

ଓଡିଶା ତଥା ଓଡ଼ିଶା ବାହାରେ ରହୁଥିବା ସମସ୍ତ ଓଡ଼ିଆ ପ୍ରେମୀ ମାନଙ୍କ ନିମନ୍ତେ ଏହା ଇ-ବୁକ/ ପି.ଡି.ଏଫ ଫର୍ମାଟରେ ଉପଲବ୍ଧ ..

ଓଡ଼ିଶାରେ ଏମିତିବି କିଛି ଲେଖକ / ଲେଖିକା ଅଛନ୍ତି , ଯେଉଁମାନଙ୍କ ଇଚ୍ଛାଶକ୍ତି ଅର୍ଥ ଆଗରେ ହାର ମାନୁଛି , ସେମାନଙ୍କ ଇଛା ଶକ୍ତିକୁ ସମ୍ମାନ ଜଣେଇ ଆମେ ସେମାନଙ୍କ ନିକଟରେ ଆମର ଏ ଛୋଟ ପ୍ରୟାଶ ' **ମହ୍ଲାର** ' କୁ ଭେଟି ଦେଉଛୁ .....

ଏହା ସମ୍ପୂର୍ଣ ମାଗଣା , ଏଥିପାଇଁ ଆପଣଙ୍କୁ କିଛି ବି ଅର୍ଥ ଦେବାକୁ ପଡ଼ିବନି । ପ୍ରତିମାସ ଏହାର ଗୁଗଲ-ଫର୍ମ ଟି ଆପଣଙ୍କୁ ପଠେଇ ଦିଆଯିବ.. ସେହି ଫର୍ମାଟ ମାଧମରେ ଆପଣ ଆପଣଙ୍କ ଲେଖାକୁ ଆମ ନିକଟକୁ ପଠାଇ ପାରିବା ସହ ଆପଣଙ୍କ ପ୍ରିୟଜନଙ୍କ ଲେଖାକୁ ମଧ୍ୟ ଆମ ନିକଟକୁ ପଠାଇବାରେ ସହାୟକ ହେବେ ...

ଆମେ ଆପଣଙ୍କ ଲେଖାକୁ ସମସ୍ତ ଓଡ଼ିଆ ପାଠକ /ପାଠିକା ଙ୍କ ନିକଟରେ ବିନା ମୂଲ୍ୟରେ ପହଞ୍ଚାଇ ଆପଣଙ୍କୁ ଜଣେ ଲୋକପ୍ରିୟ ଲେଖକ / ଲେଖିକା ର ସ୍ଥାନ ଦେବା ହିଁ ଆମର ମୁଖ୍ୟ ଉଦ୍ୟେଶ ....

## ଯୋଗାଯୋଗ

ପ୍ଲଟ ନଂ - ୧୭୪, ଡିଷ୍ଟ୍ରିକ ସେଣ୍ଟର , ଚନ୍ଦ୍ରଶେଖରପୁର , ଭୁବନେଶ୍ୱର

ଫୋନ - ୭୮୯୪୦୭୦୬୬୬

ଇ- ମେଲ : malharmagazine@gmail.com

ୱେବ ସାଇଟ : Www.MalharOdia.Com

# ମତରେ....



ପ୍ରିୟ ମହ୍ଲାର,

ତତେ କେବେ ସାଧାରଣ ମାଗାଜିନ୍ ଖଣ୍ଡେ ଭାବିନି। ତେଣୁ ତତେ ମୁ ବର୍ଣ୍ଣନା କରି ପାରିବିନି। ମୋର ପ୍ରଥମ ଲେଖାକୁ ଅତି ଯତ୍ନରେ ନିଜ ପୃଷ୍ଠା ରେ ସ୍ଥାନ ଦେଇଚୁ ବୋଲି ତତେ ଧନ୍ୟବାଦ ବି କରିବିନି। କାହିଁକି ନା ତୁ ମୋର ଅତି ନିଜର ଅତି ପ୍ରିୟ। ତତେ ଛାଡ଼ି ବୋଧେ ମୁଁ ନିଜକୁ ଭାବି ପାରିବିନି। ସମ୍ପାଦକ ମଣ୍ଡଳୀ ର ସଦସ୍ୟ ଭାବରେ ଯେଉଁ ସମ୍ମାନ ପାଇଛି ତା ଶବ୍ଦରେ ବର୍ଣ୍ଣନା କରିବା ଅସମ୍ଭବ। ତୋ ଠୁଁ ମୁଁ ଶିଖିଛି ଛୋଟରୁ ବଡ଼ ହେବା। ହାର ନ ମାନିବା। ଭଗବାନ କରନ୍ତୁ ତୁ ଆହୁରି ଆଗକୁ ଯା। ତତେ ଦେଶ ବିଦେଶ ରେ ବହୁତ୍ ଭଲ ପାଇବା ମିଳୁ...

**କ୍ଷିରାବ୍ଧି ଦାଶ**
ମୁଖ୍ୟ ପରିଚାରିକା
(ମହ୍ଲାର ଇ-ପତ୍ରିକା)



ସାହିତ୍ୟକୁ ନେଇ ପ୍ରତିଯୋଗିତା ଓ ଅମଳିନ ଯୁଗର ମରୁଡ଼ିର ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ପ୍ରଯୁକ୍ତିକରଣ ଓ ସମ୍ପ୍ରସାରଣବାଦର ଏକ ସଫଳ ରୂପାୟନ ମହ୍ଲାର -ଇ ପତ୍ରିକା । ତରୁଣ ଠାରୁ ପ୍ରୌଢ ପର୍ଯ୍ୟନ୍ତ ବିସ୍ତାରିତ କଳା ପ୍ରତିଭାର ସମନ୍ୱୟରେ ସମୁଜ୍ଜ୍ୱଳ ଏ ପରିବାରର ଏକ ଅଂଶ ହୋଇ ମୁଁ ଅତି ସୌଭାଗ୍ୟବନ ମନେ କରୁଛି ।

ପତ୍ରିକାର ମୁଖ୍ୟ ପୁରୋଧା, ପ୍ରତିଷ୍ଠାତା ଓ ସମ୍ପାଦକ ଶ୍ରୀ ସାମଲଙ୍କୁ ମୋର ଆନ୍ତରିକ ଧନ୍ୟବାଦ ଓ ଶୁଭେଚ୍ଛା ।

**ଚିରଞ୍ଜିବି ସାହୁ**
ସହ-ସମ୍ପାଦକ
(ମହ୍ଲାର ଇ-ପତ୍ରିକା)



ମହ୍ଲାରର ସଂକ୍ଷିପ୍ତ ବର୍ଣ୍ଣନା ଏକ କଠିନତମ ବିଷୟବସ୍ତୁ ମୋ ପାଇଁ। ତଥାପି ଯାହା ମୁଁ ଅନୁଭବ କରିଛି ତାହା ଗୋଟିଏ ଉଦାହରଣ ମାଧ୍ୟମରେ ବ୍ୟକ୍ତ କରୁଛି। କେବେ ଦେଖିଛନ୍ତି ଆପଣ ଅଳିଆ ଆବର୍ଜନା ମଧ୍ୟରେ ପରିତ୍ୟକ୍ତ ହୋଇ ପଡିଥିବା ଗୋଟେ ସଦ୍ୟ ପ୍ରସବିତ ନିରୀହ ପ୍ରାଣ ପିଣ୍ଡଟିଏ ଏବଂ କେବେ ଦେଇଛନ୍ତି ତା'କୁ ଜଳ ଟୋପାଏ। ଦେଖିବେ ନୂତନ ଜୀବନ ପାଇଯାଏ ସେ ଶିଶୁଟି।

ଠିକ୍ ସେମିତି କିଛି ଲେଖିକା ଓ ଲେଖକମାନଙ୍କ ପାଇଁ ମହ୍ଲାର ସେଇ ଅମୃତ ସ୍ୱରୂପ ଜଳ ଟୋପାଏ। ଲେଖିବା ପାଇଁ ଏକ ପ୍ରେରଣାର ମାଧ୍ୟମ। ଆଉ ଏ ଅମୃତ ସ୍ୱରୂପ ମହ୍ଲାରର ଗୋଟେ ସଦସ୍ୟ ରୂପେ ଥାଇ ମୁଁ ନିଜକୁ ଗୌରବାନ୍ୱିତ ମନେକରେ। ମହ୍ଲାର ପରିବାରର ମୁଖ୍ୟ ପରିଚାଳକ, ସମସ୍ତ କର୍ମକର୍ତ୍ତା ଓ ଲେଖକ ଲେଖିକାମାନଙ୍କୁ ମୋର ହୃଦୟରୁ ସାଦର ଧନ୍ୟବାଦ।।

**ରଶ୍ମିରଞ୍ଜନ ସାହୁ**
ମୁଖ୍ୟ ଉପଦେଷ୍ଟା
(ମହ୍ଲାର ଇ-ପତ୍ରିକା)

# ସମ୍ପାଦକୀୟ...



**ଶିଶିର କୁମାର ସାମଲ.**
**ପ୍ରତିଷ୍ଠାତା / ସମ୍ପାଦକ**
**ମହ୍ଲାର ଇ-ପତ୍ରିକା**

ପ୍ରଭୁ ଜଗତର ନାଥ ଜଗନ୍ନାଥ ଙ୍କର ଚରଣାଶ୍ରିତ, ମାତା ଜଗତ ଜନନୀ ମା ତାରିଣୀ ଙ୍କ ଚରଣ ରେ ମୋର ଭକ୍ତି ଭାବ ଓ ସମର୍ପଣ ଭାବ ନେଇ ସାଷ୍ଟାଙ୍ଗ ପ୍ରଣିପାତ ଜଣାଉଅଛି।

ପ୍ରଥମତଃ ମୁଁ ଯାହାଙ୍କ ପଦ୍ମ ପୟରେ ଚିର ଋଣୀ, ଚିର କୃତଜ୍ଞ ଓ ଚିର ନମନ, ମୋର ପିତା.... ଓ ମୋର ମାତାଙ୍କୁ ସହୃଦ ଧନ୍ୟବାଦ ସହ ସାଷ୍ଟାଙ୍ଗ ପ୍ରଣାମ।

ସଦ୍ ଦିଗ୍ଦର୍ଶକ ଯାହାଙ୍କ ଆଶୀର୍ବାଦ, ଅସୀମ ସ୍ନେହ- ଶ୍ରଦ୍ଧା ଓ ପ୍ରେରଣା ରେ ପ୍ରେରିତ ହୋଇ ମୁଁ ଆଜି ଏହି ସ୍ଥାନ ରେ ପହଞ୍ଚି ପାରିଛି। ମୋର ମାତୃ ଭାଷା ଓଡ଼ିଆ ଭାଷା ସାହିତ୍ୟ କୁ ପରିମାର୍ଜିତ ଓ ତାର ଉତ୍ଥାନ ନିମନ୍ତେ ମୋ ଦ୍ୱାରା ସଙ୍କଳିତ **" ମହ୍ଲାର ଇ-ପତ୍ରିକା ",** ଏକ ନୂତନ ଆଶାରେ ପ୍ରାଣ-ସଞ୍ଚାର ।

ଏହି କ୍ଷେତ୍ର ରେ ମୁଁ ବଢ଼ାଇ ଥିବା ମୋର ପ୍ରଥମ ପାଦ। ମୋ ପରିବାରର ଆଶୀର୍ବାଦ ଓ ସ୍ନେହ ପୂର୍ଣ୍ଣ ଭଲ ପାଇବା ମୋତେ ନୂତନ ଦିଗରେ ଚାଲିବା କୁ ଶକ୍ତି ଯୋଗାଉଛି। ସେଥିପାଇଁ ମୁଁ ସଦା ତାଙ୍କ ପାଖରେ ଚିର ନମନ ରହିବି।

ଜଗତମାତାଙ୍କର ଚରଣ ରେ ଅଦ୍ୟାବଧି ମୁଁ ଯେଉଁ ଯେଉଁ ଭେଟି ଦେଉଅଛି, ସେଗୁଡିକ ମଧ୍ୟରେ ମୋର ପୁଣ୍ୟ ଓଡିଶା ଭୂମି, ମୋର ମାତୃଭୂମି ଓଡିଶା ର ଭାଷା ଓଡ଼ିଆ ଭାଷା ସାହିତ୍ୟ କୁ ସମୃଦ୍ଧ ଓ ମାର୍ଜିତ କରିବା ସବୁଠାରୁ ଅଧିକ କ୍ରାନ୍ତିକାରୀ ଓ ମହତ୍ତ୍ୱପୂର୍ଣ୍ଣ ମନହେଉଛି। ଏହା ଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ଓ ମୂଲ୍ୟବାନ୍ ଭେଟି ମୁଁ ଯେ ଜଗତ ସମ୍ମୁଖରେ ଥୋଇପାରିବି ତାହା ମୋର ପ୍ରତ୍ୟୟ ହେଉ ନାହିଁ।

ଏଥିରେ ରହିଅଛି ମୋର କ୍ଷୁଦ୍ର ଏକ ପ୍ରୟାସ ମୋର କାର୍ଯ୍ୟକ୍ରମ କୁ ପ୍ରୟୋଗାତ୍ମକ କରିବାର ଚାବିକାଠି। ଓଡ଼ିଆ ଭାଷା ସାହିତ୍ୟ ର ସମୃଦ୍ଧି ପାଇଁ ଯେଉଁ ନୂତନ ଏକ ଆକାଂକ୍ଷା ଜାଗ୍ରତ ହୋଇଅଛି। ତାହାକୁ ମୁଁ ସହୃଦ, ପୂର୍ଣ୍ଣ କରିବାର ପ୍ରଚେଷ୍ଟା ଜାରି ରଖିବି। ଏବଂ ସେମାନଙ୍କୁ ଧନ୍ୟବାଦ ସହ ସ୍ନେହ ପୂର୍ଣ୍ଣ ଭଲପାଇବା ଦେବାକୁ ଚାହିଁବି।

ମୋର ପୁସ୍ତକ " ମହ୍ଲାର" ପ୍ରକାଶନ କ୍ଷେତ୍ର ରେ ସଦା ସହଯୋଗ ଓ ତତ୍ପର ଥିବା ସମସ୍ତ କବି ଓ କବୟତ୍ରୀ ମାନଙ୍କୁ ସ୍ୱଷ୍ଟ ବ୍ୟକ୍ତ କରିବା ପାଇଁ ଚାହେଁ କି ଆପଣ ମାନଙ୍କ ସହଯୋଗ ବିନା ମୋର ଏହି କ୍ଷୁଦ୍ର ପ୍ରୟାସ ଆଦୌ ସଫଳଯୁକ୍ତ ହେବା ଅସମ୍ଭବ। ଆପଣ ମାନଙ୍କ ସହଯୋଗ ପାଇଁ ମୁଁ ଆପଣ ମାନଙ୍କ ପାଖରେ ସଦା କୃତଜ୍ଞ ରହିବି।

ପରିଶେଷରେ ମୁଁ ଏହା ଆଶା କରୁଅଛି କି ମହ୍ଲାର ପୁସ୍ତକ ଟି ପାଠକୀୟ ମାନଙ୍କର ହୃଦୟ ରେ ସ୍ଥାନ ସୃଷ୍ଟି କରିବା ସହ ଓଡିଶା ର ପ୍ରତ୍ୟେକ ଟି କୋଣାନୁକୋଣରେ ପହଞ୍ଚି ପାରୁ...।

**......ଧନ୍ୟବାଦ.........**

# ମହ୍ଲାର

## ଏକ ନୂତନ ଆଶାରେ ପ୍ରାଣ ସଞ୍ଚାର ...




# ପରିବାର



**ଶିଶିର କୁମାର ସାମଲ.**
ପ୍ରତିଷ୍ଠାତା / ସମ୍ପାଦକ
ମହ୍ଲାର ଇ-ପତ୍ରିକା



**ଚିରଞ୍ଜିବୀ ସାହୁ**
ସହ-ସମ୍ପାଦକ
ମହ୍ଲାର ଇ-ପତ୍ରିକା



**କ୍ଷିରାବ୍ଧି ଦାଶ**
ମୁଖ୍ୟ ପରିଚାରିକା
ମହ୍ଲାର ଇ-ପତ୍ରିକା



**ରଶ୍ମିରଞ୍ଜନ ସାହୁ**
ମୁଖ୍ୟ ଉପଦେଷ୍ଟା
ମହ୍ଲାର ଇ-ପତ୍ରିକା

# ସୂଚୀ- ପତ୍ର


| କ୍ର.ସଂ. | ସ୍ରଷ୍ଟାଙ୍କ ନାମ | ସୃଷ୍ଟିର ନାମ | ବିଭାଗ | ପୃଷ୍ଠା. |
|---|---|---|---|---|
| ୦୧ | ବେଣୁଧର ସୂତାର | କବି କବିତା | କବିତା | ୦୯ |
| ୦୨ | ପୂଜା ବାରିକ୍ | ଅପେକ୍ଷା | ଗଳ୍ପ ଓ କାହାଣୀ | ୧୦ |
| ୦୩ | ସବିତା ପଟ୍ଟନାୟକ | ଜୀବନର ସଞ୍ଜ | କବିତା | ୧୩ |
| ୦୪ | ଅକ୍ଷୟ କୁମାର ଦାସ | ମୋନାଲିସା | କବିତା | ୧୪ |
| ୦୫ | ସୁହାସିନୀ ପଟ୍ଟନାୟକ | ଅନାମିକା ସ୍ୱପ୍ନ | କବିତା | ୧୬ |
| ୦୬ | ଜ୍ୟୋତି ରଞ୍ଜନ ଜେନା | ନିଜେ ଶବ୍ଦ ଖୋଜୁଛି ନିଜକୁ ପୂର୍ଣ୍ଣ କରିବା ପାଇଁ | କବିତା | ୧୭ |
| ୦୭ | ଇତୁସ୍ମିତା ବେହେରା | କପେ ଚା ରୁ ଆରମ୍ଭ | ଗଳ୍ପ ଓ କାହାଣୀ | ୧୮ |
| ୦୮ | ଅଞ୍ଜୁ ବେହେରା | ପ୍ରେମ ଦାନ | ଗଳ୍ପ ଓ କାହାଣୀ | ୨୧ |
| ୦୯ | ନିତ୍ୟାନନ୍ଦ ମିଶ୍ର | ଦୂର ଦିଗନ୍ତ | କବିତା | ୨୨ |
| ୧୦ | ବାବାଜୀ ଚରଣ ସାହୁ | ଲୁହ କାହାର | କବିତା | ୨୩ |
| ୧୧ | ଇତିଶ୍ରୀ ଜାନା | ହୋଲି | କବିତା | ୨୪ |
| ୧୨ | କ୍ଷୀରାବ୍ଧି ଦାଶ | ଗୋଲାପି ଅତୀତ | ଗଳ୍ପ ଓ କାହାଣୀ | ୨୫ |
| ୧୩ | ଯଶଶ୍ରୀ ବେହେରା | ରୁଧିରା ରମଣୀ | କବିତା | ୨୮ |
| ୧୪ | ଶୁଭମ କୁମାର ସାହୁ | ଶେଷଦୃଶ୍ୟ | କବିତା | ୩୦ |
| ୧୫ | ସୂର୍ଯ୍ୟ ନାରାୟଣ ସାହୁ | ପ୍ରିୟା ପାଇଁ ଚିଠିଟିଏ | ଗଳ୍ପ ଓ କାହାଣୀ | ୩୧ |
| ୧୬ | ତ୍ରିନାଥ ନନ୍ଦୀ | ଉତ୍କଳୀୟ ମାଟି | କବିତା | ୩୩ |
| ୧୭ | ସ୍ମୃତିବନାନୀ ପଟନାୟକ | ଖବକାଗଜ | ଗଳ୍ପ ଓ କାହାଣୀ | ୩୪ |
| ୧୮ | ଭାବଗ୍ରାହୀ ତ୍ରିପାଠୀ | ଧର୍ମ ହେ ଆଚର ନର | କବିତା | ୩୫ |
| ୧୯ | ଦେବିକିଙ୍କର ସ୍ୱାଇଁ | ମୋର ଦୁଃ-ସ୍ୱପ୍ନ | କବିତା | ୩୭ |
| ୨୦ | ରଶ୍ମି ରଞ୍ଜନ ସାହୁ | ପଶ୍ଚ୍ୟାତାପର ଦ୍ୱାରଦେଇ | କବିତା | ୩୮ |
| ୨୧ | ତୋଷାରାଣି ସାହୁ | ବାପା | ଶିଶୁ ସାହିତ୍ୟ | ୪୦ |
| ୨୨ | ଦିନେଶ ମେହେର | ଅନାମିକା | କବିତା | ୪୨ |
| ୨୩ | କୃଷ୍ଣଚନ୍ଦ୍ର ବାରିକ | ନାଙ୍ଗେଲି | କବିତା | ୪୩ |
| ୨୪ | ଉଷଶ୍ରୀ ଜେନା | ମୁଁ ଅଭିଶପ୍ତ ପ୍ରେମିକା ଟିଏ | କବିତା | ୪୫ |
| ୨୫ | ଅର୍ଚ୍ଚନା ଜେନା | ଆଖିରେ ଆଖିରେ | କବିତା | ୪୬ |

| କ୍ର.ସ. | ସ୍ରଷ୍ଟାଙ୍କ ନାମ | ସୃଷ୍ଟିର ନାମ | ବିଭାଗ | ପୃଷ୍ଠା. |
|---|---|---|---|---|
| ୨୬ | ହିମାଳିନୀ ହୋତା | ସେହି ଭୟାନକ ରାତି | ଗଳ୍ପ ଓ କାହାଣୀ | ୫୮ |
| ୨୭ | ଦେବ୍ରାଜ୍ ରଣା | ଭାବ ମିଶିଗଲା ରାଜଜେମା ସାଥେ | କବିତା | ୬୧ |
| ୨୮ | ଶୁଭମୟୀ ଷଡ଼ଙ୍ଗୀ | ଝିଅ ଟି ର ସଂଘର୍ଷ ର କାହାଣୀ | ଗଳ୍ପ ଓ କାହାଣୀ | ୬୨ |
| ୨୯ | ମୃତ୍ୟୁଞ୍ଜୟ ଦାସ | ବିଶ୍ୱ ମହିଳା ଦିବସରେ ନାରୀଙ୍କୁ ସମ୍ମାନ | କବିତା | ୬୪ |
| ୩୦ | ନର୍ମଦା ନାୟକ | ମୋହ | ଗଳ୍ପ ଓ କାହାଣୀ | ୬୫ |
| ୩୧ | ଲିଜାରାଣୀ ପ୍ରଧାନ | ଘର ର ଲକ୍ଷ୍ମୀ | ଗଳ୍ପ ଓ କାହାଣୀ | ୬୮ |
| ୩୨ | କୁଞ୍ଜବିହାରୀ ରାଉତ | ଭିକାରୀ | କବିତା | ୭୦ |
| ୩୩ | ଲକ୍ଷ୍ମୀଧର ସିଂ | ଏହି ତ ମଣିଷ ଜୀବନ | କବିତା | ୭୧ |
| ୩୪ | ରାଜେଶ୍ୱରୀ ଭୂୟାଁ | ଜିତ୍ | ଗଳ୍ପ ଓ କାହାଣୀ | ୭୨ |
| ୩୫ | ସାଗର ସାହୁ | ମା ପାଇଁ ଚିଠି ଟିଏ | ଗଳ୍ପ ଓ କାହାଣୀ | ୭୧ |
| ୩୬ | ସୁବାସ ଚନ୍ଦ୍ର ମଲ୍ଲିକ | ପୂର୍ଣ୍ଣୋତ୍କଳ | କବିତା | ୭୩ |
| ୩୭ | ମାନସ ରଞ୍ଜନ ଯାଦବ | କାଳି ଝିଅ | ଗଳ୍ପ ଓ କାହାଣୀ | ୭୪ |
| ୩୮ | ସଂଘମିତ୍ରା ପୃଷ୍ଟି | ଏକା | କବିତା | ୭୬ |
| ୩୯ | ଗୋବର୍ଦ୍ଧନ ସେନାପତି | ପାହାଚ | କବିତା | ୭୮ |
| ୪୦ | ସୁମିତ୍ରା ନାୟକ | ଜୀବନ ର ବାସ୍ତବତା | କବିତା | ୭୯ |
| ୪୧ | ଶାନ୍ତନୁ ବିଶୋଇ | ସ୍ତ୍ରୈଣ୍ୟ। | ଗଳ୍ପ ଓ କାହାଣୀ | ୮୧ |
| ୪୨ | ରାକେଶ ମୁଦୁଲି | ପିତା | କବିତା | ୮୫ |
| ୪୩ | ସୁନନ୍ଦା ମହାନ୍ତି | ରାତି | କବିତା | ୮୬ |
| ୪୪ | ପୁଷ୍ପାଞ୍ଜଳି ପଣ୍ଡା | ଉଛନ ହେବାର ଉତ୍ସବ | କବିତା | ୮୭ |
| ୪୫ | ସତ୍ୟରଞ୍ଜନ ସ୍ୱାଇଁ | ହୃଦୟ | କବିତା | ୮୮ |
| ୪୬ | ସୀମାଞ୍ଚଳ ପଣ୍ଡା | ବନ୍ଦେ ଉତ୍କଳ ଜନନୀ | କବିତା | ୮୯ |
| ୪୭ | ଜଗଦୀଶ ଶତପଥୀ | ବନ୍ଦେ ଉତ୍କଳ ଜନନୀ | କବିତା | ୯୦ |
| ୪୮ | ବସନ୍ତ କୁମାର ସାହୁ | ଉତ୍କଳ ର ଗୌରବ ଗାଥା | କବିତା | ୯୧ |
| ୪୯ | ପ୍ରଜ୍ଞାଅର୍ପିତା ପ୍ରଧାନ | ଅପରିଚିତ ପୃଥିବୀ | କବିତା | ୯୨ |
| ୫୦ | ଜ୍ଞାନ ରଞ୍ଜନ ରାଉଳ | ରାତି | କବିତା | ୯୩ |
| ୫୧ | ଶରତ ଚନ୍ଦ୍ର ପଣ୍ଡା | ପ୍ରଳୟ ଅବସମ୍ଭାବୀ | କବିତା | ୯୪ |
| ୫୨ | ସିଦ୍ଧି ପ୍ରସାଦ ସାହୁ | ସବୁ ମାୟା ରେ ବାୟା | ଗଳ୍ପ ଓ କାହାଣୀ | ୯୫ |
| ୫୩ | ଐଶ୍ୱର୍ଯ୍ୟା ମହାରଣା | ବିଶିକା ମାଆ | ଗଳ୍ପ ଓ କାହାଣୀ | ୯୯ |
| ୫୪ | ଶାନ୍ତା କୁମାରୀ ନନ୍ଦ | ଗପ ହେଲେ ବି ସତ | ଗଳ୍ପ ଓ କାହାଣୀ | ୧୦୧ |

| କ୍ର.ମ. | ସ୍ରଷ୍ଟାଙ୍କ ନାମ | ସୃଷ୍ଟିର ନାମ | ବିଭାଗ | ପୃଷ୍ଠା. |
|---|---|---|---|---|
| ୫୫ | ରୋଜି ଭୋଇ ପ୍ରଧାନ | ପ୍ରେମିକା | କବିତା | ୧୦୪ |
| ୫୬ | କୃଷ୍ଣ ଚନ୍ଦ୍ର ବାରିକ | ପ୍ରୀତି ଭିକ୍ଷା | କବିତା | ୧୦୫ |
| ୫୭ | ଆଦିତ୍ୟ ନାରାୟଣ ପତି | ଅସହାୟତା | ଗଳ୍ପ ଓ କାହାଣୀ | ୧୦୬ |



**ଏଥିରେ ପ୍ରକାଶ ପାଇଥିବା ସମସ୍ତ ଲେଖାଗୁଡ଼ିକ ଲେଖକଙ୍କ ନିଜସ୍ୱ ଲେଖା , ଲେଖାରେ ଥିବା କୌଣସି ତ୍ରୁଟି ଓ ନକଲ ପାଇଁ ଆମ୍ଭର " ମହ୍ଲାର " କର୍ତ୍ତୃପକ୍ଷ ଦାୟୀ ନୁହନ୍ତି ...**

*ଦୟାକରି ଧ୍ୟାନ ଦିଅନ୍ତୁ :-*

୧) ଏହା ଏକ ମାସିକ ଇ-ପତ୍ରିକା .
୨) ପ୍ରତ୍ୟକ ମାସ ୧୦ ତାରିଖ ସୁଦ୍ଧା ଏହା PDF ଫର୍ମାଟ ରେ ପ୍ରକାଶ ପାଇବ ..
୩) ଏହା ଆମର ୱେବ୍-ସାଇଟ Www.MalharOdia.Com ରେ ପ୍ରକାଶ ପାଇବ .
୪) ଆପଣଙ୍କ ଲେଖାକୁ ଆମ ପତ୍ରିକାରେ ସ୍ଥାନ ଦେବା ନିମନ୍ତେ ଆମକୁ ସମ୍ପର୍କ କରନ୍ତୁ.
୫) ଆମର ପୂର୍ବ ସଂସ୍କରଣ ଗୁଡ଼ିକୁ ପଢିବା ନିମନ୍ତେ ଆମର ୱେବ୍-ସାଇଟ କୁ ଯାଆନ୍ତୁ ।
Www.MalharOdia.Com

ମହ୍ଲାର ଇ-ପତ୍ରିକା
ଏକ ନୂତନ ଲେଖାରେ ପ୍ରାଣ ସଞ୍ଚାର.

★★★★★★★★★★★★★★★★★★★★★★★★★★★★★★★★★★★★★★★★

ମହ୍ଲାର ଇ-ପତ୍ରିକାରେ ଅଂଶଗ୍ରହଣ କରିଥିବା ସମସ୍ତ ଲେଖକ ଓ ଲେଖିକାଙ୍କୁ ହୃଦୟରୁ ଧନ୍ୟବାଦ ...

ଭଗବାନ ଆପଣଙ୍କ କଲମକୁ ଏମିତି ଚିର ରୁଦ୍ଧିମନ୍ତ କରି ରଖିଥାନ୍ତୁ.....

ମହ୍ଲାର ଇ-ପତ୍ରିକା ର ପରବର୍ତ୍ତୀ ମଇ ମାସର ସଂକଳନ ନିମନ୍ତେ ଆପଣଙ୍କ ଲେଖା ଦେବାକୁ ଚାହୁଁଥିଲେ ଆମ ୱେବ୍ସାଇଟ ରେ ସମ୍ପର୍କ କରନ୍ତୁ...

# କବି କବିତା...



ବେଣୁଧର ସୂତାର
କେଶଦୁରାପାଳ,

ହୃଦ ଆବେଗରେ କଳ୍ପନାର ଧାରେ
ସୃଷ୍ଟିକରେ ସିନା ସାହିତ୍ୟ ବନ୍ୟା ,
ଜ୍ଞାନ ମାଧୁର୍ଯ୍ୟର ପୀୟୂଷ ପସରା
ସେପରା କବିର ମାନସ କନ୍ୟା ll

ଅସରା ସାଧନା ଅଜସ୍ର କଳ୍ପନା
ଚେତନାର ଉଦ୍ଦାମ ତରଙ୍ଗେ'
ସାଜ ଯୋଗାରୂଢ କଳ୍ପଯୋଗୀ ତୁମେ
ଭାବମୟ ଅମୃତ ପରାଗେ ll

ଭାଷାପ୍ରୀତି ସ୍ରୋତେ କଳ୍ପନାର ପୋତେ
ଚେତନାର ପ୍ରତିଟି ଅଣୁରେ ,
ଦିବ୍ୟ ରୂପାନ୍ତର କବିତା ସମ୍ଭାର
ସାରସ୍ୱତ ପ୍ରଜ୍ଞାର ରେଣୁରେ ll

ଗୁଢ଼ ଜ୍ଞାନତତ୍ତ୍ୱେ ସୃଷ୍ଟିର ଅସ୍ତିତ୍ୱେ
ଅନୁରାଗ ରଙ୍ଗ ଦିଅ ତୋଳି ,
ଶବ୍ଦ କୁହୁକରେ ମାନସରୁ ଝରେ
ପ୍ରଲୁବ୍ଧ ପ୍ରାଣର ପଦ୍ୟାବଳୀ ll

ମାନସ ପ୍ରସୂତା କନ୍ୟା ଚାରୁଲତା
ନିଖିଳ ପ୍ରାଣରେ ଭରେ ଚେତନା ,
ନବ ସନ୍ଦୀପନା ପବିତ୍ର ଭାବନା
ଆର୍ଯ୍ୟଧର୍ମ ନ୍ୟାୟ ସଙ୍ଗତି ସିନା ll

ପ୍ରଭାଦୀପ୍ତ କାୟା ଚାରୁଚିତ୍ର ମାୟା
ପ୍ରଜ୍ଞା ପୀୟୂଷ ର ଅଥଳ ସିନ୍ଧୁ ,
ଜ୍ଞାନ ରସାୟନେ ଭସାଇ ଦିଏ ସେ
ଅସତ୍ୟ ଅନ୍ୟାୟ ଅଶୁଭ ବିନ୍ଦୁ ll

ଭାଷା ବିଭୂଷଣ ଛନ୍ଦମୟତାର
ଅନୁରାଗ ଭରା ସୃଜନ ଲତା ,
ଭାବ ମନ୍ଦାକିନୀ ପ୍ରଜ୍ଞା ପ୍ରଦାୟିନୀ
ନିଖିଳ ମୋହିନୀ କନ୍ୟା କବିତା ll

ସମ୍ବେଦନଶୀଳା ସଂପ୍ରୀତି ପଖଳା
ରସ ରହସ୍ୟର ଚାରୁ କଳିକା ,
କବିତା କମିନୀ ମତ୍ତ ଉଲ୍ଲାସିନୀ
କବିମନ ମରୁଦ୍ୟାନ ମଲ୍ଲୀକା ll

ଚିରଞ୍ଜିବୀ ସିନା ଏ କବିତା କନ୍ୟା
ବିତରି ବିତରି ଜ୍ଞାନ ପୀୟୂଷ ,
କବିର ସୃଜନ ଚିର ଆୟୁଷ୍ମାନ
ଢାଳୁଥାଏ ସଦା ଦିବ୍ୟ ଆଶିଷ ll

# ଅପେକ୍ଷା...



**ପୂଜା ବାରିକ୍**

ବେଗୁନିଆ, ହରିପୁର, ବାଲେଶ୍ୱର

ଗୋଟିଏ,... ଗାଁ.. ରେ.. ବିମଳା ମାଉସୀ ଆଉ ତାର ପୁଅ ମାଧବ.. ରହୁଥିଲେ । ବେସ ସୁରଖୁରୁରେ ମା' ପୁଅ ବଞ୍ଚୁ ଥିଲେ... ପୁଅ ଟି ଦେଖିବାକୁ ବହୁତ ସୁନ୍ଦର । ବିମଳା ମାଉସୀ ବାର ଘର କାମ କରି ଚଳେ । ପୁଅ ଟି କୁହେ.. ବୋଉ ମୁଁ ବଡ଼ ହେଲେ ତୋତେ ଆଉ କାମ କରିବାକୁ ଯିବା କୁ ପଡିବନି । ହଉ ରେ ବାପା ତୁ ବଡ ହେଇ ଯା, ତା ପରେ ଦେଖିବା । କଣ କରିବା, ଏବେ ଯା, ପାଠ ଏବେ ପଡ଼ିବୁ ।

ମାଧବ - ମୁଁ କଣ ଖାଇବି, ଖାଇବାକୁ ଦେ..ବୋଉ,

ରହ ବାପ, ମୁଁ ତାଙ୍କ ଘରେ ଟିକେ କାମ ସାରି ଆସେ, ତା ପରେ ଦେବି ।

ବିମଳା ମାଉସୀ ମାଲିକ ଘରେ ଯାହା କିଛି ଟିକେ ବଳେ ତାକୁ ଆଣି ପୁଅ କୁ ଖାଇବା କୁ ଦିଏ । ପୁଅ ତ ଖାଇ ଦିଏ, ଆଉ ପଚାରେ ବୋଉ ତୁ କିଛି ଖାଇଛୁ.| ହଁ ରେ ବାପା ମୁଁ ମାଲିକ ଘରୁ ଖାଇ କରି ଆସିଛି | ହଉ ତା ହେଲେ, ମୋର କଣ ଅଛି ରେ ବାପା ତୁ ଖାଇଲେ ତୋତେ ଦେଖି ମୋ ପେଟ ପୁରିଯିବ | ମୁଁ ପାଣି ପିଇ ଶୋଇ ପଡିବି | ବିମଳା ମନେ ମନେ ଭାବି ଆଖି ଲୁହ ପୋଛି ଶୋଇ ପଡିଲା |

ତା ପର ଦିନ ବିମଳ କାମକୁ ଯାଉ ଯାଉ ବାଟରେ ପଡି ଗଲା | ମୁଣ୍ଡ ଟା ବହୁତ ଜୋରେସେ ବୁଲାଇଲା | ସବୁ ଆଡେ ଅନ୍ଧାର ଦେଖା ଗଲା | ତାକୁ ଗାଁ ଲୋକ ପାଇଁ ଡ଼ାକ୍ତରଖାନା ନେଇ ଗଲେ | ଡାକ୍ତର କହିଲା ଖଇବା ପିଇବା ଭଲ ସେ କରୁ ନ, ଦେହ ର ଯତ୍ନ ନିଅନ୍ତୁ.| ଆଜ୍ଞା ଡାକ୍ତର ବାବୁ.! ଏ କଥା ମୋ ପୁଅ କୁ କହିବେନି.| ହଉ, ଏମିତି ପୁଅ ପାଠ ପଢି ବଡ଼ମଣିଷ କରିବା ବିମଳ ର ଆଶା | ସେ ଲାଗି ଦିନ ରାତି କାମ କରେ | କାମ କରି ଆଣି ପୁଅ କୁ ପଇସା ଦିଏ |

ପୁଅ ବି ଭଲ ପଢୁଥିଲା | ପୁଅ ର ଇଚ୍ଛା ଓକିଲ ହବ | ଏ କଥା ସେ ତା ବୋଉ କୁ କହିଲା | ଓକିଲାତି ପଢିବା ପାଇଁ ସେ ବିଦେଶ ଯିବ | ତା ପାଇଁ ସବୁ ଗହଣା କୁ ତାର ମାଲିକ ପାଖରେ ବନ୍ଧା ରଖି କିଛି ଟଙ୍କା ଆଣି ଦେଲା | ନେ ମାଧବ, ଏବେ ତୁ ବିଦେଶ ଯାଇ ପାରିବୁ | ହଁ ବୋଉ - ହେଲେ ତୁ ଏତେ ଟଙ୍କା ଆଣିଲୁ କୋଉଠୁ? ତୁ ସେ କଥା ଛାଡ | ତୁ ବଡ ଓକିଲ ହେଇ ଫେରିବୁ | ମୁଁ ତୋ ବାଟ ଅପେକ୍ଷା କରିଥିବି | ଭଲ ର ଯିବୁ. ଯାଇ ଫୋନ କରିବୁ | ହଁ ବୋଉ-

ପୁଅ ମାଧବ ସବୁ ଦିନ ଫୋନ ର କଥା ହେଉଥାଏ | କେବେ ଫେରିବୁ ବାପା, ହଁ ଯିବିଯିବି ପୁଅ କହି କହି 5ବର୍ଷ ଏମିତି ବିତି ଗଲା | ପୁଅ ୬ ବର୍ଷ ରେ ଫେରିଲା | ବାପା ତତେ ଅପେକ୍ଷା କରି କରି | ମୋ ଦେହ ବଡ ଖରାପ | ମାଧବ ତୁ କିଛି କହୁନୁ କଣ ପାଇଁ?

-ବୋଉ ମୁଁ ବାହା ହେଇ ପଡିଛି | ମୀରା ଆସ |

ଏହାକୁ ଦେଖି ବିମଳ ଚୁପ ମାରିଗଲା |
-ଆଉ ଅମେ ସବୁଦିନ ବାହାରେ ରହିବୁ | ତୁ ଯଦି ମୋ ସହ ଯିବ କୁ ଚାଁହୁଛୁ ଯାଇ ପାରୁ |
ବୋଉ କଣ ହେଲା ? ବହୁ ମନ ମାନିଲାଣି.
-ହଁ ବହୁତ ସୁନ୍ଦର | ହେଲେ ତୁ ମୋତେ କେବେ ଫୋନ ରେ ଏଇ ବିଷୟରେ କହିଲୁନି କଣ ପାଇଁ?
-ଛାଡ଼ ସେ କଥା, ଯିବୁ ଯଦି ବାହାରେ...
ତା ପରେ ବିମଳା ଗାଁ ଛାଡି ଯିବା କୁ ବାଧ ହେଲା । ଯିବାକୁ ତ ଇଛା ନଥିଲା, ହେଲା ପୁଅ ଖୁସି ରେ ସେ ଖୁସି, ତେଣୁ ସେ ମନ କୁ ବୁଝାଇଲା | ଆଉ ଚାଲି ଗଲା |
କିଛି ଦିନ ଗଲା | ତା ପରେ ମୀରା ରାଗିବାକୁ ରାଗିଲା | ମନେ ମନେ ଭାବିଲା, ଏଇ ବୁଢ଼ୀ କୁ ଏଇଠୁ ତଡ଼ି ବି | ମୀରା ବିମଳା କୁ ସବୁ କାମ କରାଉଥିଲା | ହେଲେ ମାଧବ ଆସି ଜାଣି ନିଜେ ଛଡେଇ ନେଇ କରିବାକୁ ଲାଗିଯିବ |
ମୀରା ଦେଖିଇ ହବ ବୋଲି କେତେ କାମ କରିବି , ବୋଉ ତ ବଷି କରି କହୁଛନ୍ତି | ଏଇକଥା ମାଧବ କାନ ରେ ସବୁ ଦିନ କହୁଥାଏ |

ପୁଣି କିଛି ଦିନ ପରେ ବିମଳା ଉପରେ ଚୋରି ର ମିଛ ଆରୋପ ଲଗେଇଲା ମୀରା | ହେଇ, ଦେଖୁଛ ତୁମ ବୋଉ ମୋର ସବୁ ତକ ଗହଣା ନେଇଯାଇଛନ୍ତି | ପୁଅ ରାଗି ଯାଇ ଆସି ବୋଉ ର ଲୁଗା ବ୍ୟାଗ ରେ ଖୋଜି ବାକୁ ଲାଗିଲା | ମିଳିଲା ମଧ୍ୟ | ମିଳି ବନି କେମିତି, ମୀରା ପ୍ରଥମ ରୁ ନେଇ ରଖି ଦେଇଥିଲା | ମାଧବ ବହୁତ ଜୋରସେ ରାଗି ଯାଇ କହିଲା - ଏଇ ସବୁ କଣ ବୋଉ? ତୁ ଚୋରି କରୁଛୁ | --ନା ରେ ବାପା, ମୁଁ ଜାଣିନି କୋଉଠୁ ଆସିଲା ଏଆଇଗୁଡ଼ା | ହେଲେ ପୁଅ ତାର ବୋଉ ର ଗୋଟିଏ କଥା ବି ବିଶ୍ୱାସ କଲା ନାହିଁ | ଏଇ କଥା ବିମଳା କୁ ବହୁତ ବାଧିଲା | ସେ ବହୁତ କାନ୍ଦି ବାକୁ ଲାଗିଲା | ତା;ପରେ ମୀରା ମାଧବ କୁ କହିଲା, ଚାଲ ତୁମ ବୋଉଙ୍କୁ ବୃଦ୍ଧା ଆଶ୍ରମ ରେ ଛାଡି ଦେଇ ଆସିବା | ହଁ ମୀରା, ତୁମେ ଠିକ କହିଛ | ହେଲେ କଣ କହି ନେବା?
-କହିବ ମନ୍ଦିର କୁ ଯିବା ଚାଲ...
- ହଁ.. ମୀରା ସେମିତି ହିଁ କରିବା..

ସକାଳୁ ହେଲା, ବୋଉ ଚାଲ ତୁ.. ତୋତେ ମୁଁ ନୂଆ ମନ୍ଦିର ନେଇଯିବି | ଭାରି ପଡ ..
-ସତରେ, ସମସ୍ତେ ଯିବା...
-ନା ବୋଉ, ମୀରା ଦେହ ଭଲ ନାହିଁ ତୁ ଆଉ ମୁଁ ଯିବା..
- ହଉ ତା ହେଲେ...
ଏମିତି ମିଛ କହି ମାଧବ ବୋଉ କୁ ନେଇ ଗଲା | ଏବଂ ଗୋଟିଏ ବୃଦ୍ଧା ଆଶ୍ରମ ପାଖରେ ଛାଡି ଦେଲା | ଆଉ କହିଲା, ତୁ ଟିକେ ଛିଡା ହେଇଥା, ମୁଁ ଆସୁଛି | ଆସିଲେ ମନ୍ଦିର ଯିବା |
ଏମିତି ବିମଳା ସକାଳୁ ରୁ ସନ୍ଧ୍ୟା ଯାଏ ଅପେକ୍ଷା କଲା | ହେଲେ ମାଧବ ଆସିଲା ନାହିଁ | ଠକି ଦେଇ ଚାଲି ଗଲା..

ଆଶ୍ରମର ଲୋକ ପଚାରି ଲେ -ତୁମେ ବିମଳା ଦେବି..
-ହଁ..
-ତୁମେ ଆଜି ଠୁ ଏଇଠି ରହିବ...
-ନା ନା. ମୋ ପୁଅ ଆସିଲେ ମୁଁ ଜିମି ତା ସହ,
-ସେ ଆଉ ଆସିବନି, ସେ ହିଁ ତୁମକୁ ଏଇଠି ଛାଡିଛନ୍ତି | ବିଶ୍ୱାସ କର ଆମକଥା, ଭିତର କୁ ଆସନ୍ତୁ | ଆପଣଙ୍କ ପୁଅ ଆସିବନି..
-ସେ ନ ଆସିବା ଯାଏ ମୁଁ ଅପେଖ୍ୟା କରିବି ...

କଣ, କେବେ ମାଧବ ଫେରିବ | ବିମଳା ଅପଖ୍ୟା ର ଅନ୍ତ କେବେ ଘଟିବ | ଏମିତି ଅପେକ୍ଷା କରିକରି ବିମଳା କଣ ଏଇ ଦୁନିୟା ରୁ ଚାଲିଯିବ? ନା, ସୀତା ମାତା ଙ୍କ ପରି ୧୪ ବର୍ଷ ଅପେକ୍ଷା କରିବାକୁ ପଡିବ ବିମଳା କୁ....

ଆଜି କାଲି ଏଇ ସ୍ୱାର୍ଥ ପର ପୁଅମାନେ ମିଛ କହି ଆଣି ମା' କୁ ଏଣେ ତେଣେ ଛାଡି ଦେଇ ଯାଉଛନ୍ତି | ବାଃ ରେ ପୁଅମାନେ, ଯୋଉ ମା ମଣିଷ କଲା , ତାକୁ ହିଁ ରାସ୍ତା ରେ ଛାଡି ଚାଲି ଯାଉଛନ୍ତି...

ବାଃ ବାଃ ରେ ସମାଜ, ଟିକେ ତ ମା' ମମତା ବିଷୟରେ ଚିନ୍ତାକର.....

ଭଗବାନ ହାତ ଦେଇଛନ୍ତି ଲେଖିବାକୁ ଏମିତି ଲେଖ, ଯେମିତି ତାକୁ ପଢି ଶତ୍ରୁ ବି ତୁମକୁ ପ୍ରେମ କରିବ ।

- ଓଡ଼ିଆ ନୀତିବାଣୀ

ବିପଦ ରେ ଧୈର୍ଯ୍ୟ, ସମ୍ପଦ ରେ ଦୟା, ଓ ସଙ୍କଟ ରେ ସହନଶୀଳତା ଶ୍ରେଷ୍ଠ ଲୋକଙ୍କ ଲକ୍ଷଣ ।

-ଚାଣକ୍ୟ ମୁନି

# ଜୀବନର ସଞ୍ଜ...



**ସୁହାସିନୀ ପଟ୍ଟନାୟକ**
ବଡରମ୍ପାସ, କେନ୍ଦୁଝର

ଜୀବନ ର ସଞ୍ଜ ଆସିଯିବ ଦିନେ
ଗୋଧୂଳି ସମୟର ସାଥେ ସାଥେ ,
ମଶାଣି ର ବାଟ ସ୍ୱଚ୍ଛ ଦେଖାଯିବ
ଗାଆଁ ବାଟ ର ଶେଷ ଅନ୍ତେ ॥

ଯୂଇ ଧୂଆଁ ଦିନେ ଆକଶେ ମିଶିବ
ଦେହ ର ଶେଷ ଅଂଶ ଜ୍ୱଳନ୍ତ ରେ,
ସମ୍ପର୍କ ର ଡୋରି ଛିଡ଼ିଯିବ ପୁଣି
ଜୀବନ ଜଳିବା ସାଥେ ସାଥେ ॥

ଦିନ ର ଆଲୁଅ ସାଜିବ ଅନ୍ଧାର
ଆଖିର ପଲକ ପଡ଼ିବା ପରେ ପରେ ॥
ଦୁନିଆ ସାଜିବ ସ୍ମୃତିପଟ ଗୁଚ୍ଛା
ବୋହି ଯିବୁ ହୋଇ ଲୁହ ଧାରେ ଧାରେ ॥

ଉଭେଇ ଯିବ ସବୁ ଅଂଶ ତୋର
ଶ୍ମସାନର ସେଇ ଧୂଆଁ ରେ,
ନୀରବି ଯିବେ ସବୁ ଦିନେ
ତୁ ଚାଲି ଗଲା ପରେ ଆର ପାରେ ॥

ଆଖିର ଲୁହରେ ମିଳେଇ ତୁ ଯିବୁ
ସମୟ ର ଏଇ ଚଲା ପଥେ,
କାଇଁ ଏ ଶତ୍ରୁତା ତୋଳି ଥାଏ ଜୀବନ
ତୁଚ୍ଛା ଲୋଭ ମୋହ ସମ୍ପର୍କ ରେ ॥

ସବୁ ଏଠି ମିଶିବେ ମାଟି ର କୋଳ ରେ
ହୋଇ କାଠ କଳା ପାଉଁସ ରେ,
ଗର୍ବ ହିଂସା କ୍ରୁର କାହା ପାଇଁ ସବୁ
ସାଉଁଟି ଥାଉ ଜୀବନ ଦିପହର ରେ ॥

# ମୋନାଲିସା...



**ଅକ୍ଷୟ କୁମାର ଦାସ**
ରବରପୁର, ଅଭିମାନପୁର, କଟକ

ମେଘୁଆ ଆଖିରେ,
ମେଘୁଆ ରାତିରେ,
କଜଳ ଯେବେ ନାଉ,
ମୋ ମୋନାଲିସା ପରି ହଉ ।...।।୧।।

ପ୍ରଥମ ଦେଖାରେ
ପ୍ରେମ ହେଇଗଲା
ଚାହିଁ ଦେଲୁ ଯେବେ ହସି,
ପ୍ରେମରେ ମୁଁ ଯାଏ ତର୍ଷି ।..।।୨।

ତୋ ପାଦ ପାଉଁଜି
ଯେବେ ଗାଏ ଗୀତ,
ମୁଁ ହୁଏ ଆନନ୍ଦିତ
ଆଉ ଆତ୍ମ ବିଭୋରିତ ।..।।୩।।

କହି ପାରେନି
ମୋ ହୃଦୟ ତତେ କେତେ ଚାହୁଁଚି,
କାଳେ ଭାଙ୍ଗିଯିବ ମୋ ଆଶା
ତୁ ମୋ ମୋନାଲିସା ।..।।୪।।

ମୋ ଘର ବାଟ ଦେଇ
ଚାହୁଁ ଯେବେ ବୁଲିବୁଲି,
ମୋ ହୃଦୟ ସ୍ପନ୍ଦନ
ଯାଏ କାଇଁ ବଢ଼ି ।..।।୫।।

କେତେ କଥା କହୁଥିଲୁ
ଭଲ ମତେ ପାଉଥିଲୁ
ମତେ ଦେଖେଇଲୁ ଆଶା
ତୁ ମୋ ମୋନାଲିସା ।..।।୬।।

ତୋ ପାଇଁ ବାଲି ଘର
ମୋ ମନ ଧଡ ଧଡ଼
କେମିତି ରଖିବି ସେଠି
କରି ତତେ ନିଜର ।..।।୭।।

କାହା ପାଇଁ ତୁ କେତେ ସୁନ୍ଦର
ହେଲେ ମୋ ପାଇଁ ତୁ ବହୁତ୍ ସୁନ୍ଦର
ମତେ ଦେଖେଇଲୁ ଆଶା
ତୁ ମୋ ମୋନାଲିସା ।..।।୮।।

ତୋ ଗଳିର ସେପାଖେ
ଶେଫାଳୀ ଯେମିତି ବାସେ

ମୁଁ ତୋ ପ୍ରେମରେ ସେମିତି ଖସେ ।..।।୯।।

ରାତି ଅଧିଆ ତୋ ବିନା ପ୍ରିୟା

ବଞ୍ଚିବାର ଦେଖିଚି ଆଶା,

ତୁ ମୋ ମୋନାଲିସା ।..।।୧୦।।

ତୋ ପ୍ରେମ ଛିଟିକା

ଓରେ ମୋର ଅଭିସାରିକା

ହୋଇଜା ତୁ ମୋ ନାୟିକା ।..।।୧୧।।

ତୁମ ଓଦା ଆଖି

ଯେବେ ମୁଁ ଦିଏ ଦେଖି

ଛାତିର ସ୍ପନ୍ଦନ ଖାଲି

ତୋ ନାଆ ଦିଏ ଡାକି ।..।।୧୨।।

ଏ ମନ ଡାକିଲେ

ସେ ମନ ଶୁଣୁଚି

ଆଲୋ ମୋ ସୁନା ଇଲିସି

ତତେ ଧରିବାକୁ ମୋ ପାଖେ ନାହିଁ ବନିଶି
।..।।୧୩।।

କହିଦେ ତୁ କହିଦେ

ଭଲ ତୁ ପାଉ ବୋଲି

ତୁ ଥରେ ମିଛ ରେ ନ ଦେଖାଇ ଆଶା

ତୁ ମୋ ମୋନାଲିସା ।..।।୧୪।।

ଫୁଟୁକି ଗାଲି ତୁ ମୋ ସୁନା ହରିଣୀ

ତୋ ପ୍ରେମରେ ଦିୱାନା ମୁଁ

ଆଲୋ ସାହେବାଣୀ ।..।।୧୫।।

ଆଲୋ ପାଗେଳି

ଗଲୁ ବଦଳି

ପ୍ରେମ ରେ ତୋର

ବହ୍ଲାରା ହେଲି ।..।।୧୬।।

ତତେ କାଇଁ ଖୋଜେ ଏଇ ମୋ ନଜର

ନା ଦୋଷ ତୋର ନା ମୋର ।..।।୧୭।।

ଭୋଲି ଭାଲି ମୁହଁ ତୋର

କାହିଁ ଏମିତି ହୁଏ

ନଜର ହଟୁନି ମୋର

ସଦା ଚାହିଁ ଥାଏ ।..।।୧୮।।

ତୁ ମୋ ଜୀବନ

ତୁ ମୋ ସପନ

ସାଥୀ ତୁ ମୋର ଶେଷ ଶ୍ରାବଣ ।..।।୧୯।।

ଲାଗେ ରେ ଆଜି ତୁ କେବଳ ମୋର

ମୋନାଲିସା ତୁ ମୋ ସ୍ୱପ୍ନ ର ।..।।୨୦।।

# ଅନାମିକା ସ୍ୱପ୍ନ...



**ସୁହାସିନୀ ପଟ୍ଟନାୟକ**
ବଡରପାସ, କେନ୍ଦୁଝର

ଲାଗେ ଯେମିତି ପହିଲି ଖରା ର କିରଣ ରେ ପ୍ରଥମେ ଫୁଟି ଉଠୁଥିବା
ଫୁଲ ଟିଏ ତୁମେ,
ଲାଗେ ଯେମିତି ନଦୀ ର ପ୍ରଥମ କୁଳୁକୁଳୁ ନାଦ ଟିଏ ତୁମେ,
ସଦା ବହି ଚାଲିଛ ନିଜକୁ କୋଉଠି ବି ନ ଅଟକାଇ।
ପହିଲି ସ୍ପର୍ଶ ରେ ନିଜକୁ ଲୁଚେଇ ଦେଇ ଲୁଚି ଯାଉଥିବା ଲାଜକୁଳୀ
ଲତା ଟିଏ ପରି ମୁଁ,
ତୁମେ ସତେ ଯେମିତି ଅବୁଝା ସ୍ପର୍ଶ।
ପ୍ରତ୍ୟେକ ସ୍ୱପ୍ନ ର ପରିମାପ କରିବା ପରି,
ତୁମେ ସତେ ଯେମିତି ଗୋଟେ ଗଣିତ ପୁସ୍ତକ,

ସବୁ ହସ ଖୁସି ଲୁଚେଇ ରଖୁଥିବା ବହି ଟିଏ ତୁମେ।
ଅଜଣା ଗଳ୍ପ ର ଶୀର୍ଷକ ଟିଏ ପରି,
ପ୍ରତିଥର ମନକୁ ଛୁଇଁ ଯାଉଥିବା ବାସ୍ତବ କଳ୍ପନା ଟିଏ ତୁମେ,
ଯାହାର ଆରମ୍ଭ ମୋ ଠାରୁ ହେଇ ମୋ ପାଖରେ ଶେଷ ହେଇଟି।
ଅଜଣା କେତେ ଯେ ମୋର ଭାବନା ର ନାୟକ,
କାହାଣୀ ପରିଧି ମଧ୍ୟକୁ ନଆସି ବି,
ସବୁ କିଛି କୁ ଅକ୍ତିଆର କରିବାର ଶକ୍ତି ଯେ ଅଛି ପାଖରେ ତୁମର।
ବସ୍ ଏସବୁ କଳ୍ପନା ଆଉ ଅବାସ୍ତବ ଯନ୍ତ୍ରଣା ଦେଉଥିବା,
ଶକ୍ତ ପଥର ଟିଏ ପରା ତୁମେ,
ଯାହା ସାହାରା ରେ ମୁଁ ଥାଇ ବି ଆଜି ମୁଖ ମୋର ମୁକ,
ହେଲେ ଏତିକି ରେ ଖୁସି ହେଇପାରି ଆଗକୁ ତ ଚାଲି ପାରିଛି।
ଏତିକି ରେ ଜାଣି ପାରିବୁ ଏ କାହାଣୀ ରେ ମୋର,
ଅନାମିକା ଆଶା ସାଜିଥିବା ସାଥୀ ଟିଏ ହେଇ,
ତୁ ରହିବା ମୋ ପାଇଁ କେତେ ଯେ ଜରୁରୀ।

# ନିଜେ ଶବ୍ଦ ଖୋଜୁଛି ନିଜକୁ ପୂର୍ଣ୍ଣ କରିବା ପାଇଁ...



**ଜ୍ୟୋତି ରଞ୍ଜନ ଜେନା**
ନହରା , ଭୋଗରାଇ, ବାଲେଶ୍ୱର

ନିଜେ ଶବ୍ଦ ଖୋଜୁଛି ନିଜକୁ ପୂର୍ଣ୍ଣ କରିବା ପାଇଁ
ମାୟାବୀ ଶବ୍ଦ ମେଳରେ ସାମିଲ ହୋଇ
କ୍ଷଣିକ ଖୁସିରେ ନିଜକୁ ହଜାଇ ଦେଇ
ବେଢ଼ଙ୍ଗିଆ ଧ୍ୱନିରେ ରଞ୍ଜିତ ହୋଇ
ଭଗ୍ନ ବାକ୍ୟଟିଏ,
ନିଜେ ଶବ୍ଦ ଖୋଜୁଛି ନିଜକୁ ପୂର୍ଣ୍ଣ କରିବା ପାଇଁ
।

ନୂତନ ଶବ୍ଦର ଅମେଳରେ
ରହିଯାଉଛି ବାକ୍ୟଟି
ପୂର୍ଣ୍ଣ ହେଉନାହିଁ ଅନୁଚ୍ଛେଦଟି
ଭଗ୍ନ ବାକ୍ୟଟିଏ,
ନିଜେ ଶବ୍ଦ ଖୋଜୁଛି ନିଜକୁ ପୂର୍ଣ୍ଣ କରିବା ପାଇଁ
।

କଲମର ପ୍ରତି ଲେଖନୀକୁ ପରଖି ଦେଖି
ପୃଷ୍ଠା ପରେ ପୃଷ୍ଠା କାଗଜ ଲେଉଟାଇ
ଆବେଗକୁ ଅସମ୍ଭାଳ କରି
ଭଗ୍ନ ବାକ୍ୟଟିଏ,
ନିଜେ ଶବ୍ଦ ଖୋଜୁଛି ନିଜକୁ ପୂର୍ଣ୍ଣ କରିବା ପାଇଁ
।

ଛାଡ଼ି
ଯାଇଥିବା
ନିଜ
ରଚନାତ୍ମକ ଶବ୍ଦର ଅନୁସନ୍ଧାନରେ
ଅଣ୍ଡାଳି ହେଉଛି ପ୍ରତି ଏକ ପଦରେ
ଝୁଣ୍ଟି ପଡୁଛି ପ୍ରତ୍ୟେକ ପୂର୍ଣ୍ଣଚ୍ଛେଦରେ
ଭଗ୍ନ ବାକ୍ୟଟିଏ,
ନିଜେ ଶବ୍ଦ ଖୋଜୁଛି ନିଜକୁ ପୂର୍ଣ୍ଣ କରିବା ପାଇଁ
।

ପ୍ରତ୍ୟେକ କବିତାର ମର୍ମସ୍ପର୍ଶୀ ସାରାଂଶରେ
ପ୍ରତ୍ୟେକ କାହାଣୀର ଦୁଃଖଦ ଅନ୍ତରେ
ପଶ୍ଚାତାପର ଲୁହରେ ଭିଜି
ଭଗ୍ନ ବାକ୍ୟଟିଏ,
ନିଜେ ଶବ୍ଦ ଖୋଜୁଛି ନିଜକୁ ପୂର୍ଣ୍ଣ କରିବା ପାଇଁ
।

# କପେ ଚା ରୁ ଆରମ୍ଭ...



**ଇତୁସ୍ମିତା ବେହେରା**
ତାଳପଦା, ମୟୂରଭଞ୍ଜ

**ଆ**ଜି ବହୁତ ଦିନ ପରେ ମୁଁ ଏକୁଟିଆ ଚା' କପ ଟିଏ ଧରି ବସିଥାଏ ମୋ ରୁମ ରେ | ମୋତେ ସହଯୋଗ କରେ ମୋ ସାନ ଭଉଣୀ | ଚା' କପ କୁ ଟେବୁଲ ଉପରେ ଥୋଇ ମୁଁ କିଛି କାମ କରିବାକୁ ବସିଥାଏ | ସେ ଆସି ମୋତେ କହେ ଦିଦି ତ ଚା' ଟା ଥଣ୍ଡା ହେଇଯାଉଛି ଯେ |

ମୁଁ ଆଗରୁ ତତେ କହିଦେଉଛି ମୋତେ ବାବା ଆଉ ଥରେ ପଠେଇବୁନି ଚା' ଗରମ କରିବାକୁ | ମୁଁ ମୋର ପ୍ରାକ୍ଟିକାଲ ନୋଟ ଲେଖିବି | ମୁଁ ଟେବୁଲ ଉପରେ କଲମ କୁ ରଖିଦେଇ କହିଲି --ହଁ ତୁ ଯାଆ ଲେଖିବୁ ମୁଁ ପି ନେବି | କେଜାଣି ତାର କଣ ଇଛା ହେଲା ସେ ଆସି ମୋ ପାଖରେ ଟିକେ ବସି ମୋତେ କହୁଥିଲା -- ଦେଖା ନା ଦିଦି ଆଜି କଣ ଲେଖୁଛୁ |

ସଙ୍ଗେ ସଙ୍ଗେ କଥା ବୁଲେଇ ମୁଁ କହି ବସିଥିଲି କିଛି ନାହିଁ ରେ ମୁଁ ନୋଟ ଟିଏ ଲେଖୁଥିଲି | ତୁ ଯାଅ ଶୀଘ୍ର ଲେଖିଦେବୁ ଆଉ
ଶୋଇଯିବୁ | ନହେଲେ ଶୀଘ୍ର ନ ଉଠିଲେ ବାପା ପୁଣି ପାଟି କରିବେ | ସେ କିନ୍ତୁ ମୋ ପଛରେ ପଡ଼ି ଯାଇଥାଏ |

କହନା ଦିଦି ଆଜି ତ ଗଳ୍ପ ର କିଏ ନାୟକ | ଆଛା ଦିଦି ତୁ ମୋତେ ଗୋଟେ କଥା କହିଲୁ ଏଇ ସବୁ ନାମ ଭିତରେ ଥିବା ନାୟକ ମଧ୍ୟରେ କେହି ଜଣେ ସତରେ ତ ଜୀବନ ରେ ନାୟକ ର ଭୂମିକା ନେଇଯାଇନି ତ ! ମୋତେ ତ ଲାଗୁଛି ଏଇ ସୁରଜ, ରାଜ, ପୁରବ, ରାହୁଲ ଏଇମାନଙ୍କ ମଧ୍ୟରୁ କିଏ ଜଣେ ତ  ମନ ର ନାୟକ ଆଉ ତୁ ତା ନାୟିକା...

ତା କଥା ଶୁଣି ମୁଁ ଟିକେ ହାଡବଡେଇ ଗଲି | ଆରେ ଆଜି ଆର କଣ ହେଇଛି ? ଇଏ ଆଉ ମୋ ଡ଼ାଇରୀ ପଢି ଦେଇନି ତ ? ଆଶଙ୍କା ରେ ମନ ରେ ମୋର ହଜାରେ ପ୍ରଶ୍ନ | କିନ୍ତୁ ସେମାନଙ୍କ ଭିତରେ ମୋ ଜୀବନ ର ନାୟକ ଭୂମିକା.....

ନିହାତି ଫାଲତୁ କଥା |ତାକୁ ଟିକେ ତାଗିଦ କରିବା ଭଙ୍ଗି ରେ ମୁଁ କହିଲି -- ତର ଏତେ କଥା କଣ ପାଇଁ | ଜଣେ ଭାବୁକ ର ଭାବନା କୁ ଏମିତି ସବୁ ଚରିତ୍ର ଆସିବା ସ୍ୱାଭାବିକ କଥା | ତାକୁ ବାସ୍ତବ ଜୀବନ ସହ ତୁଳନା କରିବା ଆଦୌ ଉଚିତ ନୁହଁ | ହୋଉ ଛାଡ଼ ତୁ ଯାଆ ଶୀଘ୍ର ପଢା ସାରି ଶୋଇଯିବୁ |

ନାଇଁ ଦିଦି, ତୁ ମୋତେ ନ କହିଲେ ମଧ ମୁଁ ଜାଣିଛି କେହି ତ ଏମିତି ଥିବ ଯାହାର ଭୂମିକା କୁ ତୁ ବିଭିନ୍ନ ନାମ ରେ ସଜାଉଛୁ | ସେ ଯିଏ ବି ହୋଉ କିନ୍ତୁ କେତେ ଖୁସି ଲାଗୁଥିବ ନା ଯେତେବେଳେ ସେ ତା ଜୀବନ ର ଅନୁଭୂତି କୁ ତା' ସହ ବିତେଇଥିବା ସମୟ କୁ ଗଳ୍ପ ମାଧମ ରେ ପଢୁଥିବ | ଆଚ୍ଛା ଶୁଣ ନା ତାଙ୍କୁ ପଚାରିବୁ ନା.... ସେ କଣ ଏସବୁ ପଢ଼ନ୍ତି | ହଁ.... ସେ ବା କେମିତି ପଢିବେ ଏସବୁ ଗଳ୍ପ ତ ତାର ହାତ ଲେଖା ଡ଼ାଇରୀ ତଳେ ଚାପି ହେଇରହିଯାଇଛି | ଯଦି ସେ କେବେ ପଢ଼ନ୍ତି ନା ତାହାଲେ ନିଶ୍ଚୟ ତାଙ୍କ ଓଠ ରେ ସୁନ୍ଦର ହସ ଟିଏ ଖେଳି ଯାଉଥିବ |

ଏତିକି କହି ସେ ରୁମ ରୁ ବାହାରି ଗଲା | ସେ ଯିବା ପରେ ମୁଁ ମୋ ହାତ ମୁଠା ଖୋଲିଲି | ସେଠି ଲେଖାଥିଲା ମନ୍ମୟ | ତା କଥା କୁ ମନେ ପକେଇ ମୁଁ ମଧ ଟିକେ ହସି ଦେଲି | ମନ ରେ ମୋର ସ୍ୱତଃ ପ୍ରଶ୍ନ ଟିଏ ଆସିଲା -- ସତରେ କଣ ଏସବୁ ପଢିଲେ ତାଙ୍କ ଓଠରେ ଏକ ହସ ର ଲହରୀ ଖେଳିଯିବ | ନାଇଁ ତାଙ୍କୁ ତ ସବୁବେଳେ ଟିକେ ନିଆରା କାହାଣୀ ପଢିବାକୁ ଭଲ ଲାଗେ | ମୋ କାହାଣୀ ସେ ପଢ଼ିବେନି |

ସେତେବେଳେ ମୁଁ ମୋ ହାତ ରେ ଲେଖିଥିବା ନାମ କୁ ଆଉ ଟିକେ ସଜାଡି ନେଇ ତା ତଳେ ମୋ ନିଜ ନାମ ଲେଖିଦେଲି | ଟା' କପ ଯଦି ସେତେବେଳକୁ ଥଣ୍ଡା ହେଇସାରିଥିଲା କିନ୍ତୁ ମୋ ପ୍ରେମ ର ଉଷ୍ମତା ରେ ମୁଁ ସେ ଥଣ୍ଡା କୁ ଅନୁଭବ କରିପାରୁନଥିଲି | ମନକୁ ମନକୁ କହୁଥିଲି -- ହଁ.... ମୁଁ ତ ତାଙ୍କୁ ହିଁ ଭାବି ଏସବୁ ଲେଖେ | କାହାଣୀ ର ଚରିତ୍ର ପଛରେ ମୋ ମନ ର ମଣିଷ କୁ ଲୁଚେଇ ତାଙ୍କୁ ବିଭିନ୍ନ ଚରିତ୍ର ରେ ସଜାଡ଼େ | ମନ୍ମୟ ମୋ ଜୀବନ ର ନାୟକ | କାହିଁକି କେଜାଣି ଏଇ ନାମ ଶୁଣିଲେ ମନ ରେ ଅଲଗା ପ୍ରକାର ର ଏକ ଭାବନା ଧସେଇ ପଶି ଆସେ | ଖାଲି ସେତିକି ନୁହଁ, ସେ ନା' ଆଉ କାହା ମୁହଁ ରେ ଶୁଣିଲେ ମୁଁ ତ ରାଗ ରେ ଜଳି ଯାଏ | ଅନ୍ୟମାନେ ତ ତାଙ୍କ ସହ କଥା ହେବା ପାଇଁ କେବଳ ସୁଯୋଗ ଅପେକ୍ଷାରେ ଥାଆନ୍ତି | ରହିବେନି କେମିତି ତା ଚେହେରା ଟା ସେଇଭଳି ସୁନ୍ଦର ଥିଲା ନା | ତାର ସେ ଢଳ ଢଳ ସରୁ ଆଖି ଏବଂ ଗହଳିଆ କେଶ କୁ ଖଣ୍ଡା ଭଳି ନାକ ଆଉ ତା ସାଙ୍ଗ କୁ ତାର ସେ ଗୋରା ଚେହେରା ରେ ଗୋଲାପୀ ଓଠ ର ଅଳ୍ପ ହସ | ଓଃ...... ମୁଁ ବିନା ମନ ର ନାୟକ କୁ ଏକ ନାୟିକା ଭାବେ ସଜାଡ଼ିବସିଛି | କିନ୍ତୁ ବାସ୍ତବ ରେ ତ କଳ୍ପନା କରି ଆଣିଲେ ଠିକ ଏଇଭଳି ତା ଚେହେରା | ଇଛା ହୁଏ ତୂଳୀ ଟେ ଧରି ନିଜ ସାମର୍ଥ୍ୟ ପର୍ଯ୍ୟନ୍ତ କାନଭାସ ଉପରେ ତାକୁ ଆଙ୍କି ପକାନ୍ତି ଏବଂ ସବୁ ସମୟ ରେ ତାକୁ ମୋ ଆଖି ଆଗରେ ରଖନ୍ତି | ସେଦିନ ମୋତେ ପ୍ରଶ୍ନ ଟିଏ ପଚାରିଥିଲା ସୌରଭ--ସ୍ମିତା, ତ ମନ ର ମଣିଷ ର ଏକ କାଳ୍ପନିକ ରୂପ ବର୍ଣ୍ଣନା କରିଲୁ | ମୁଁ ତ ଠିକ ଏମିତି କହିଥିଲି | ଯିଏ ବାସ୍ତବ ରେ ଏକ ହଳଦୀ ରଙ୍ଗ ର ଚେକ ଚେକ ଡ୍ରେସ ରେ ମୋ ସାମ୍ନା କୁ ଆସିଥିଲା | ଜଣା ନାହିଁ ସେଦିନ ସମସ୍ତେ ବୋଧେ ନିଜକୁ ମୋ ବର୍ଣ୍ଣନା ଭଳି ଦେଖିବାକୁ ଚେଷ୍ଟା କରିଥିବେ | ପ୍ରଥମ ଦେଖା ରେ ମୁଁ ତାକୁ ମୋ ନିଜର ଭାବିନେଇଥିଲି | କିନ୍ତୁ ଏବେ ଯାଏଁ ତ ମୁଁ ତାଙ୍କୁ ମୋ ମନ ର କଥା କହିଲିନି |

ମନ ରେ ମୋର ସ୍ୱତଃ ପ୍ରଶ୍ନ -- ସତରେ କଣ ସେ ବି ମୋତେ ଭଲ ପାଆନ୍ତି | କିନ୍ତୁ ତାଙ୍କ ହାବ ଭାବ ରୁ ଲାଗେ | ସୌରଭ କହୁଥିଲା -- ମନ୍ମୟ କୁଆଡେ ତାକୁ କହୁଥିଲେ ମୋ ଆଖି ତାଙ୍କୁ ବହୁତ ଭଲ ଲାଗେ | ସାମ୍ନା ରେ ଥିବା ମିରର କୁ ଆଣି ମୁଁ ମୋ ନିଜକୁ ଦେଖି କହିଲି -- ସତରେ କଣ ମୋ ଆଖି ତାଙ୍କୁ ପସନ୍ଦ | ହଁ.... ହେଇଥିବ.....

ଭାବୁଛି ମନ୍ମୟ ଙ୍କୁ ମୋ ମନ ର କଥା ର ଟା କହିଦେବି | ନିଜ ଫୋନ ଉଠେଇବା ବେଳକୁ ମେସେଜ ଟିଏ ଥାଏ |

Hiii..... ମୁଁ ମନ୍ମୟ... କହ କଣ କହୁଛୁ | ମୁଁ ସବୁବେଳେ ଫୋନ ଧରେନି | ତୋର ଯାହା କହିବା କଥା ତୁ କହିଦେବୁ ମୁଁ ପଛେ ତୋ ଉତ୍ତର ଦେଇଦେବି ଠିକ ଅଛି ରହିଲି |

ମୁଁ ଟିକେ ବ୍ୟସ୍ତ ହେଇଗଲି ମନ୍ମୟ ମୋତେ ଏମିତି କହୁଛି | ଠିକ ଅଛି ମୁଁ ମଧ କହିବା ଠିକ ହେବ | ତାର ହାଲଚାଲ କଥା ପଚାରି ତା ଉତ୍ତର କୁ ଅପେକ୍ଷା କରିଥାଏ ମୁଁ | କେତେବେଳେ ସେ ମୋ ଉତ୍ତର ଦେବ | ହଠାତ ଫଟୋ ଟିଏ ପଠାନ୍ତି | ତାଙ୍କ ସହ ସାରା ଜୀବନ ରହିବାର ଅନୁମତି ମାଗିବା ପାଇଁ |

ଯୋଉ ସମୟ କୁ ମୁଁ ଏତେ ସମୟ ରୁ ଅପେକ୍ଷା କରିଥିଲି ଏବେ ସେ ସମୟ ଆସିଯାଇଛି | ଆଉ ଅପେକ୍ଷା କରିବା ଠିକ ହେବ ନି | କିଛି ସମୟ ପରେ ସେ ସଙ୍ଗେ ସଙ୍ଗେ କହୁଥିଲେ -- ସ୍ମିତା, ମୋର ତତେ କିଛି କହିବାର ଥିଲା | ମୁଁ ବେଶ ଆଗ୍ରହ ର ସହ ତାଙ୍କ କଥା ଶୁଣିବାକୁ ବସିଥାଏ | ଗୋଟେ ମୁହୂର୍ତ୍ତ ବି ମୁଁ ଧର୍ଯ୍ୟ ଧରିବା ଭଳି ପରିସ୍ଥିତି ରେ ନଥିଲି |ତେଣୁ ତାଙ୍କୁ ବ୍ୟସ୍ତ ହେଇ କହୁଥିଲି -- ହଁ....କୁହ କଣ କହୁଛ ? ଏତେ ଭାବୁଛ କଣ ? କୁହ...

ସେ ନୀରବ ରହି କୁହନ୍ତି -- ରୁହ ତମେ ମୋତେ ଏତେ ବ୍ୟସ୍ତ କାହିଁକି କରୁଛ | ମୁଁ ଚିନ୍ତା କରୁଛି କହିବା କଣ ଠିକ ହେବ | ଏଇ କିଛି ଦିନ ହେବ ମୁଁ ତମ ସହ ମିଶିଛି ସେକଥା ଶୁଣିବା ପରେ ତମେ ବନ୍ଧୁତା ରଖିବ ତ |

ସେତେବେଳେ ମୋ ଖୁସି ଦୁଇଗୁଣିତ ହେଇସାରିଥିଲା | କାରଣ ମୁଁ ଅନୁମାନ କରିସାରିଥିଲି ଯେ ଯାହା ମୁଁ ଭାବୁଛି ସମାନ କଥା ସେ ମଧ ଭାବୁଛନ୍ତି ମୋତେ ନେଇ |  ମୁଁ ତାଙ୍କୁ ହସି ହସି କହିଲି -- ଓହୋ.... କହିଦିଅ ନା..... କଣ କହିବାକୁ ଚାହୁଁଛ | କିଛି କରିବିନି ମୁଁ | ତମେ ସବୁବେଳେ ମୋ ବନ୍ଧୁ ହେଇ ରହିବ |

କେତେବେଳେ କୁଆଡେ ଗଲେ କେଜାଣି ସେତ? ବେଳ ରୁ ସେ ଆଉ କୌଣସି ଉତ୍ତର ରଖିଲେନି କି କଥା କହିଲେନି | ଟା' କପ ରେ ଆରମ୍ଭ ହେଇଥିବା ଏଇ ବାର୍ତାଳାପ ଟା ଶେଷ ବେଳକୁ ସରି ସାରିଥିଲା |

# ପ୍ରେମ ଦାନ...



**ଅଞ୍ଜୁ ବେହେରା**
ହାଣ୍ଡିଫୁଟା, ଗୋପାଇପାଲି, ବରଗଡ

**ସେ**ଦିନ କେତେ ଖୁସି ହେଉଥାଏ ସରିତା। ଦ୍ରୌପଦୀ ଯେମିତି କୃଷ୍ଣ ଙ୍କ ବଦଳରେ ଅର୍ଜୁନ ଙ୍କୁ ପତିରୁପେ ପାଇଥିଲେ। ପ୍ରେମିକ ପୁରୁଷ ରୁପେ ଗ୍ରହଣ କରି ନିଜକୁ ସମ୍ପୂର୍ଣ୍ଣ ସମର୍ପି ଦେଇଥିଲେ । ବରଣମାଳା ପିନ୍ଧାଇ ଦେଇଥିଲେ , ମନରେ ଅସୁମାରୀ ସ୍ୱପ୍ନ ନେଇ ଯାଇଥିଲେ ଅର୍ଜୁନ ଓ ଚାରି ଭ୍ରାତାଙ୍କ ସହ। ସେ ଭାବିଥିଲେ ଅର୍ଜୁନ ଙ୍କ ପ୍ରେମ ରେ ନିଜକୁ ଢାଳି ଦେବେ ସାରା ଜୀବନ। ହେଲେ ଦୁର୍ଭାଗ୍ୟ ବଶତଃ ତାଙ୍କ ପ୍ରେମ କୁ ପଞ୍ଚ ପାଣ୍ଡବମାନଙ୍କ ମଧ୍ୟରେ ବଣ୍ଟାଗଲା। ତଥାପି ସେ ବିଚଳିତ ନ ହୋଇ ତାକୁ ସାଦରେ ଗ୍ରହଣ କରିଥିଲେ । କାରଣ ପଞ୍ଚ ପାଣ୍ଡବମାନଙ୍କ ମଧ୍ୟରେ ରେ ତାଙ୍କ ପ୍ରାଣର ପ୍ରିୟତମ ପୁରୁଷ ଅର୍ଜୁନ ମଧ୍ୟ ଥିଲେ। କିନ୍ତୁ ଦ୍ରୌପଦୀଙ୍କ ସବୁ ଆଶା ନିରାଶା ରେ ପରିଣତ ହୋଇଛି ।ଯାହା ଙ୍କ ପାଇଁ ସେ ପଞ୍ଚପତି ବରଣ କଲେ ଯାହାଙ୍କୁ ସେ ସର୍ବଦା ମନ , ପ୍ରାଣ, ପ୍ରେମ ଦେବାକୁ ଚାହୁଁଥିଲେ ସେ ସବୁ ବେଳେ କିଛି ନା କିଛି ବାହାନାରେ ତାଙ୍କ ଠୁ ଦୂରରେ ରହୁଥିଲେ । ଶେଷରେ ଅର୍ଜୁନ କୃଷ୍ଣ ଭଉଣୀ ସୁଭଦ୍ରା ଙ୍କୁ ବିବାହ କରି ଆଣିଛନ୍ତି। ଦ୍ରୌପଦୀ ଭାଂଗି ଚୁରମାର ହୋଇଯାଇଛନ୍ତି । ନ' ଚାହିଁ ମଧ୍ୟ ସୁଭଦ୍ରା ଙ୍କୁ ନିଜ ପ୍ରେମକୁ ଦାନ ଦେଇଛନ୍ତି ।

ଦ୍ରୌପଦୀ ଙ୍କ ପରି ଆମ ଗଳ୍ପ ନାୟିକା ସରିତା ଜୀବନ ରେ ମଧ୍ୟ ସେମିତି କିଛି ଘଟିଯାଇଛି । ସରିତା ବିବାହ କରେ ମାଧପୁର ଜମିଦାର ଙ୍କ ପୁଅ ନରେଶ କୁ । ନରେନ୍ଦ୍ର ଓ ଦିନେଶ ଦୁଇ ଭାଇ । ନରେଶ ବଡ ଦିନେଶ ସାନ। ନରେଶ ସହିତ ସରିତା ର ବାହାଘର ଧୂମଧାମ ରେ ସରିଛି। ବାହାଘର ପନ୍ଦର ଦିନ ପରେ କାର୍ ଆକ୍ସିଡେଣ୍ଟ ରେ ନରେଶ ର ମୃତ୍ୟୁ ହୋଇଛି। ଜମିଦାର ବାବୁ ବଡ ଚିନ୍ତା ରେ ବାହାସରିବାକୁ ପନ୍ଦର ଦିନ ହୋଇନି ନବ ବଧୂ ଘରେଅଛି ଏବେ କ'ଣ କରାଯିବ । ସମସ୍ତେ ପରାମର୍ଶ ଦେଲେ ଯେହେତୁ ଦିନେଶ ଦିଅର ଅଛି ତା ସହ ବୋହୂ ର ପୁନର୍ବାର ବିବାହ ହେଇଯାଉ । ସେ ଦିନେଶ ର ସ୍ତ୍ରୀ ହେଲେ ଏ ଘରର ବୋହୂ ହୋଇ ରହିବ । ତାକୁ ସାରାଜୀବନ ବିଧବା ସାଜି ବଞ୍ଚିବାକୁ ତ ପଡିବନି ।ନରେଶ ଏଥିରେ ରାଜି ନ ଥିଲା । କାରଣ ସେ ଆଗରୁ ଗୋଟିଏ ଝିଅ କୁ ଭଲପାଉଥିଲା। ତାକୁ ବାହା ହବ ବୋଲି କଥାଦେଇ ସାରିଥିଲା। ତଥାପି ସମସ୍ତ ଙ୍କ କଥାକୁ ହତାଦର ନକରିପାରି ସିଏ ସରିତା କୁ ବିବାହ କରିଥିଲେ। ସରିତା ଖୁସିଥିଲା, କାରଣ ସେ ନରେଶ ସହ ବିବାହ ପୂର୍ବରୁ ମନରେ ମନରେ ଦିନେଶ କୁ ଭଲପାଉଥିଲା। କଲେଜ ରେ ପଢୁଥିବା ସମୟରେ ସେ ଦିନେଶ ସହ କେତେ ସମୟ ଧରି ନିରୋଳାରେ ସମୟ ମଧ୍ୟ ଅତିବାହିତ କରିଛି। କିନ୍ତୁ ଦିନେଶ ତାକୁ କେବେ ଭଲ ପାଇନି । ସବୁବେଳେ ତାକୁ ବନ୍ଧୁ ଭାବେ ଗ୍ରହଣ କରିଛି ।ଦ୍ରୌପଦୀ ଙ୍କ ପରି ସେ ଶ୍ରୀ କୃଷ୍ଣ ଙ୍କ ବଦଳରେ ଅର୍ଜୁନ ଙ୍କୁ ପାଇଛି। ନରେଶ ସରିତା ଠାରୁ ସବୁବେଳେ ଦୂରେଇ ରହୁଥିଲେ ।କେବେ ତାକୁ ନିଜ ପତ୍ନୀ ରୁପେ ଦେଖୁନଥିଲେ। ସବୁବେଳେ ନିଜ ପ୍ରେମିକା ପାଖରେ ରହୁଥିଲେ । ସରିତା କୁ ଏସବୁ ଭଲ ଲାଗୁନଥାଏ। ଯାହାଙ୍କୁ ସେ ଅର୍ଜୁନ ଭାବି ତାଙ୍କ ପାଖରେ ନିଜ କୁ ସମର୍ପି ଦେବାର ଅଭିଳାଷ ରଖିଥିଲେ ସେ ହି ଅନ୍ୟ କାହା ପ୍ରେମ ରେ ଲିପ୍ତ । ଶେଷରେ ସରିତା ନିଜେ ଛାଡପତ୍ର ଦେଇ ଦିନେଶ ଓ ତା ପ୍ରେମିକା ର ବାହା କରାଇଥିଲେ । ଦ୍ରୌପଦୀ ଙ୍କ ପରି ସେ ନିଜ ପ୍ରେମକୁ ଦାନ କରିଛି ଦିନେଶ ସ୍ତ୍ରୀ ରୂପା କୁ।

# ଦୂର ଦିଗନ୍ତ...



**ନିତ୍ୟାନନ୍ଦ ମିଶ୍ର**
ପୋଟଳ (ମଠସାହି), ଜଗତସିଂହପୁର

ସେଦିନର ରକ୍ତ ସୂର୍ଯ୍ୟ ଫୁଟିଥିଲା ଦିଗନ୍ତ ବୃନ୍ତରେ ,
ଫିକା ଫିକା କୁହେଳିକା କାନ୍ଦୁଥିଲା ସୁଦୂର ପ୍ରାନ୍ତରେ (୦୧)

ଅମା ଅପସରି ନଥିଲା, ଅଚେତନ ଥିଲା ମନ ,
ଅବଲୁପ୍ତ ଥିଲା ମାନବର ସାମାଜିକ ଦୈହିକ ବିଧାନ (୨)

ମନ, ସେ ଆଉ କିଛି ନୁହ ଏକ ସାମାନ୍ୟ କଥନ ,
ନୁହେଁ ବିଧି, ସମ୍ବିଧାନ ଅବା ମୌଳିକ ବିଜ୍ଞାନ (୩)

ଫେଡାଣରେ ପ୍ରାରମ୍ଭ, ମିଶାଣରେ ଆରମ୍ଭ
ହରଣରେ ରହେ ଅବଶେଷ, ଗୁଣନରେ ଶୁନ ......(୪)

**"କେତେ ଦୂରେ ଚନ୍ଦ୍ର କେତେ ଦୂରେ କୁମୁଦିନୀ**
**ପ୍ରୀତି ଅଭେଦ ତାଙ୍କର,**
**ଯେତେ ଦୂରେ ଥିଲେ**
**ଯେ ତାହାର ସେ ତାହାର ।"**
**-: କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ**

# ଲୁହ କାହାର...



**ବାବାଜୀ ଚରଣ ସାହୁ**

ଉଷୁମା , ଫୁଲନଖରା

ହୋଇ ପାରିବ କେବେ ଏ ହସର ନା ଖୁସିର ନା ଦୁଃଖର ପୁଣି ପ୍ରେମର
ସମୟ ବୋହୁଛି ଉଜାଣି ସବୁ କିଛି ଲାଗେ ଏଠାରେ ଅଲଗା ଅଲଗା
ହସକୁ କିଣିବା ପାଇଁ ବହୁତ ପଡି ରହିଛି ଗୋଲାପ ଶେଯର ବିଛଣା
ଲୁହକୁ ନିଜର ଲାଗି ସବୁ ପୂର୍ଣ୍ଣିମା ହୋଇ ଯାଏ ଅମାବାସ୍ୟା ର ଝରଣା।।

ଲୁହକୁ ନିଜର କରିବା ପାଇଁ ସବୁ ଅନ୍ଧକାର ଲୁହ କାହାର,,,,,,,
କୋମଳତାର ସ୍ପର୍ଶ ପାଇ ହୋଇ ଯାଏ ମନ ମଧୁଚନ୍ଦନ ର ମଧୁବନ
ହୃଦୟ ହୁଏ ବ୍ୟାକୁଳ ନ ପାଇ ପ୍ରେମ ବଦଳି ଯାଏ ତା ବ୍ୟାକରଣ
ସମସ୍ତେ ଜୋସ୍ନାର ବନବାସୀ ଅନ୍ଧକାର ପାଇଁ ନାହିଁ କାହାର ଯୌବନ
ଲୁହ ଏମିତି ଏକ ମଧୁଶଯ୍ୟା ର ମହକମୂଲ୍ୟ ତା ପାଇଁ ଧର୍ମ ସୌନ୍ଦର୍ଯ୍ୟ।।
ଏ ଲୁହ ହେବ କାହାର ରାଧା ରାଣୀ ର ନା ମୀରା ବାଇର,,,,,,,,,,,
ବସିଛନ୍ତି ମହାଦେବ କୈଳାସରେ ନାହାଁନ୍ତି ସେ ହସଖୁସିରେ ଜୀବନେ
ସବୁ କିଛି ହସକୁ ସମର୍ପଣ କରି ହେଲେ ମହାଯୋଗି ସବୁ କାଳକୁ
ତଥାପି ସେ ଖୁସିକୁ ପାଇ ପାଖରେ ମିଛରେ ଖୁସି ହେଲେ ଆଖି ଲୁହରେ
ସେ ମହାକାଳ ଜୀବନ ଅଧିର ତାଙ୍କର ବିଶ୍ୱ କଲ୍ୟାଣ ପାଇଁ ମନ ଅଧିର ।।
ତାପରେ ବି ସେ ଲୁହ ପାଇଁ ବ୍ୟାକୁଳତା ଲୁହ କହିଛନ୍ତି ହେବି କାହାର,,,,,
କେମିତି ଏମିତି କଳ୍ପନା ରେ ପରିବର୍ତ୍ତନ ହୋଇ ଗଲା ସମୟ ନିଜେ
ବୁଝି ବାର କ୍ଷମତା ଥାଇ ହୋଇ ଗଲା ସେ ଅଭୁଜା ର ପଣତକାନୀ ରେ
ଏ ଲୁଗା ଲୁହ ର ଏମିତି ପବିତ୍ର ପୋଛାବା ପାଇଁ କେବଳ ତା ମନ ଅଧିର
ନିଜେ ପିଇବା ଲାଗି ଲୁହର କଳଙ୍କିତ ବିଷ ଶେଷରେ ହେଲା ନୀଳକଣ୍ଠ।।
ଲୁହ କାହାର ଲୁହ କେବଳ ଆଖି ବସ୍ତ୍ର କପଡା ର,,,,,,,

# ହୋଲି...



**ଇତିଶ୍ରୀ ଜାନା**
ଗୋଡ଼ା, ଏରସମା, ଜଗତସିଂହପୁର

ଫାଲ୍‌ଗୁନ ମାସର ପୂର୍ଣ୍ଣିମା ଦିନ
ହୋଲି ଦିବସ ରୂପେ,
ରଙ୍ଗବେରଙ୍ଗ ଅବିର ବୋଳି
ଖେଳନ୍ତି ମନ ଉଲ୍ଲାସେ।
ବାର ମାସରେ ତେର ପରବ
ଓଡ଼ିଶାର ଇଏ ବଡ଼ ଗୌରବ
ଆବାଳବୃଦ୍ଧବନିତା ଗଣ
ଖୁସିରେ ବୋଳନ୍ତି ହୋଲିର ରଙ୍ଗ।
ଉତ୍କଳ ପ୍ରଦେଶେ ବିଭିନ୍ନ ସ୍ଥାନେ
ଦୋଳ ପାଳନ୍ତି ସଭିଙ୍କ ଘରେ,
ରାଧାକୃଷ୍ଣଙ୍କୁ ଲଗାନ୍ତି ହୋଲି
ଭୋଗ ଖୁଆନ୍ତି ଘରକୁ ଆଣି।
ପୂର୍ବେ ହୋଲିକାକୁ ବିନାଶ କରି
ଆସିଲେ କୃଷ୍ଣ ଘରକୁ ଫେରି,
ଦୋଳ ବିମାନରେ ତାଙ୍କୁ ବସାଇ
ସ୍ୱାଗତ କଲେ ନଗର ବାସୀ।
ଜାତି ଧର୍ମ ବର୍ଣ୍ଣ ସଭିଏଁ ମିଶି
ରଙ୍ଗ ଖେଳିବେ ହୋଇଣ ଖୁସି
ଏହି ପର୍ବର ଗୋଟିଏ ଲକ୍ଷ
ଦୂର କରିବା ସମସ୍ତ ଦ୍ୱେଷ।

# ଗୋଲାପି ଅତୀତ...



**କ୍ଷୀରାବ୍ଧି ଦାଶ**
ଯୋଧପୁର, ରାଜସ୍ଥାନ

ମୁଁ ଆକାଶ ପଟ୍ଟନାୟକ। ଆଜି ଗୋଟେ ପ୍ରତିଷ୍ଠିତ ମଲ୍ଟି ନାସନାଲ୍ କମ୍ପାନୀ ରେ ମାନେଜର୍। ଓ ହୋ। ସରି.... Event manager। ଆମ କମ୍ପାନୀ ବାହାଘର ଆଉ ପାର୍ଟି ପରି ବଡ଼ ବଡ଼ event host କରେ। କିନ୍ତୁ ଆପଣ ଜାଣିଲେ ଆଶ୍ଚର୍ଯ୍ୟ ହେବେ ଯେ ଆଜି ର ଏ ସର୍ବଗୁଣସମ୍ପନ୍ନ ଆକାଶ ପଟ୍ଟନାୟକ ଆଗରୁ ମାନେ ପିଲା ଦିନରୁ ପାଠ ପଢା ରେ ବିଲକୁଲ୍ ଶୁନ ଥିଲା। ସବୁ ପିରିୟଡ଼ ରେ ସବୁ ସାର୍ ଙ୍କ ଠୁ ମାଡ଼ ଖାଇବା ଆଉ ମୂର୍ଗା ବସିବା ଏବଂ ଶେଷରେ ବାପା ଙ୍କ ଠୁ ଘରେ ଗାଳି ଶୁଣିବା ଏ ସବୁ ହି ଥିଲା ମୋର ନିତିଦିନିଆ କାମ। ଏତିକି ନୁହେଁ, ମୁଁ କେତେ ଥର ଘରେ ମିଛ ବି କହିଛି। ମୋ ରେସଲ୍ଟ ଆଉ ପାଠ ପଢ଼ା କୁ ନେଇ। କିନ୍ତୁ ଯେବେ ସେ ଆସିଲା ମୋ ଜୀବନ ର ପ୍ରାୟ ସବୁ ବଦଳି ଗଲା। ନିଜେ ଆକାଶ ପଟ୍ଟନାୟକ ବି। ସେ ମୋ ପ୍ରିୟ ନୈନା। ହଁ। ନୈନା ଦାଶ୍। ମୋ ପ୍ରଥମ ପ୍ରେମ। ଆଉ ଶେଷ ବି ବୋଧେ। ବ୍ରାହ୍ମଣ ଘରର ଝିଅ। ଆଉ ମୁଁ କରଣ ଘର ର। ଯେତେବଳେ ସେ ପ୍ରଥମ ଦିନ ଆସିଲା ସେ ଦିନ ଠୁ ହି ତା ରୂପ ଗୁଣ ର ଚର୍ଚ୍ଚା ହୁଏ। ମୋତେ ବିରକ୍ତ ଲାଗେ। ମୁଁ କୁହେ "ଓ... କାହିଁ ଏତେ ତା କଥା ଗପୁଚ ବେ। ଐଶ୍ୱର୍ଯ୍ୟ ରାଏ ନା କାଟରିନା କେଫ୍ ମ ସେ।

" ସତ କଥା ହେଲା ମୁଁ ତାକୁ ଏମିତି କେବେ ନିରେଖି ଦେଖିନି। ମୁଁ ପାଠ ରେ ସେତେ ଭଲ ନୁହେ କିନ୍ତୁ ମୋର ଗଣିତ ଭଲ ହୁଏ। ମୁଁ ଗ୍ରାଫ୍ ଆଉ ଜ୍ୟାମିତି ମୁହଁରେ ମୁଁହରେ କରିଦିଏ।

ଗୋଟେ କ୍ଲାସ୍ ପରୀକ୍ଷା ରେ ତାର ଜ୍ୟାମିତି ରେ ୨୫ ରୁ ପାଞ୍ଚ ନମ୍ବର୍ ଥିଲା ଆଉ ମୋର ପଚିଶ ରୁ ପଚିଶ। ସେଦିନ ଖାଇବ ଛୁଟି ରେ ସେ ବହୁତ୍ କାନ୍ଦିଲା। ମୋତେ ଟିକେ ଖରାପ୍ ଲାଗିଲା। ମୁଁ ତା ପାଖକୁ ଯାଇ ବସିଲି। କହିଲି "ଆରେ ଏତେ ମନ ଦୁଃଖ କରେନି। ତୁ ଟିକେ ମୁଣ୍ଡ ଖର୍ଚ୍ଚ କଲେ ଆରାମସେ ହେଇ ଯିବ। ତୋର ତ ସବୁ ବିଷୟ ରେ ଭଲ ମାର୍କ ରହୁଚି। ଏଥିରେ ବି ଭଲ ହେବ ମ।" ସେ କିଛି ନ କହି ଉଠି ଚାଲିଗଲା। ମୁଁ ଭାବିଲି ଏତେ ଗର୍ବ କୋଉ ଗୁଣକୁ ମ। ଓ......। ତା ବାପା ଆଉ ମୋ ବାପା ଗୋଟେ ଅଫିସ୍ ରେ ଚାକିରି କରନ୍ତି। ଏମିତି କଥା ଛଳରୁ ଦିନେ ତା ବାପା କହିଲେ ଯେ ତାଙ୍କ ଝିଅ ର ଗଣିତ ଭଲ ହୁଏନି। ତା ପାଇ ଗୋଟେ ଟିଉସନ ସାର୍ ଖୋଜି ବାକୁ। ଆମ ବାପା କହିଲେ ଯେ ଏ ଜାଗା ରେ ଟିଉସନ ସାର୍ ମିଳିବା ତ କଷ୍ଟ। କିନ୍ତୁ ମୋ ପୁଅର ଭଲ ଗଣିତ ହୁଏ। କହିବେ ଯଦି କେତେବେଳେ କେମିତି ସେ ଟିକେ ସାହାଯ୍ୟ କରିଦେବ। ହଉ କହି ଚାଲିଗଲେ ତା ବାପା। ତା ପରଦିନ ନୈନା ର ମା ମୋତେ ଡକେଇ ପଠେଇଲେ ଆଉ ଟିଉସନକଥା କହିଲେ। ମୋ ଇଛା ନ ଥିଲେ ବି ବାପାଙ୍କ ନାଲି ଆଖି ଦେଖି ମୁଁ ହଁ କଲି। ଆରମ୍ଭ ହେଲା ପାଠ ପଢ଼ା। ସେ ମୋତେ ଇତିହାସ ଆଉ ଭୂଗୋଳ ବୁଝାଏ ଆଉ ମୁଁ ତାକୁ ଗଣିତ ଆଉ ଜ୍ୟାମିତି। କିନ୍ତୁ ସେ କେବେ ମୋ ସହ କଥା ହୁଏନି।

ଦିନେ ସ୍କୁଲ ରେ ଦେଖିଲି କି ମୋ ଟେବୁଲ୍ ଉପରେ ଗୋଟେ ଟଙ୍କିକିଆ ଚକଲେଟ୍ ଥୁଆ ହେଇଚି। କାହାର ଭୁଲ୍ ରେ ପଡ଼ିଥିବ ଭାବି ମୁଁ ଖୁସି ହେଲି ଆଉ ଖାଇଦେଲି। ତା ପରଠୁ ପ୍ରାୟ ସବୁ ଦିନ ଏମିତି ହୁଏ। ମୁଁ ବେଶି କିଛି ଭାବେନି। ଆଜି କାଲି ମୁ ବି ଟିକେ ବଦଳି ଯାଇଥିଲି। ସାର୍ ଙ୍କ ଠୁ କମ୍ ମାଡ଼ ଖାଉଥିଲି ଆଉ ବାପା ବି ଏତେ ରାଗୁନଥିଲେ ମୋ ଉପରେ।ଦିନେ ଦେଖିଲି ଗୋଟେ ଚିଠି ଥୁଆ ହେଇଚି ଚକୋଲେଟ୍ ସହ। ଚିଠିଟି ଥିଲା ଏମିତି: ଆକାଶ ମୁଁ ଜାଣିଚି ତୁ ମୋତେ ନେଇ ସାଙ୍ଗ କି କ୍ଲାସମେଟ୍ ଠୁ କିଛି ଅଧିକା ଭାବିନୁ। ତଥାପି ମୁଁ ହାରିଗଲି ରେ। ସବୁ ହାରି ଗଲି। ତୁ କିଛି ମାଗିନୁ। କିନ୍ତୁ ମୁଁ ସବୁ ଦେଇଦେଲି ତତେ। ହଁ, ମୁଁ ତତେ କେବେ ନିଜର କରି ପାରିବିନି ବୋଧେ। କିନ୍ତୁ ସବୁ ଜନ୍ମ ରେ ମୁଁ ତୋର।ଖାଲି ତୋର। ଇତି, ଆକାଶ ର ନୈନା।

ଏସବୁ ପଢି ମୁଁ ରାଗି ନ ଥିଲି ତା ଉପରେ। କିନ୍ତୁ ମୁଁ କିଛି ଭାବି ବି ନଥିଲି। ମୁଁ ତା ପାଖକୁ ଗଲି। କହିଲି," ଏ ଡ୍ରାମା ବାଜି ଛାଡ଼ି ପାଠରେ ମନ ଦେ। ନ ହେଲେ ତୁ ତ ଯାହା ହଇରାଣ ହେବୁ ହେବୁ। ମୋ ବାପା କିନ୍ତୁ ମୋତେ ଛାଡିବେନି। ସେ କିଛି କହିଲାନି। ତଳକୁ ମୁହଁ ପୋତି ଚାଲିଗଲା। ସେ ଦିନ ଠୁ ମୋ ଟେବୁଲ୍ ଉପରେ ଆଉ ଚକୋଲେଟ୍ ଥୁଆ ହୁଏନି। ଦଶମ ପରୀକ୍ଷା ସରିଲା। ଶେଷ ଦିନ ରଫ୍ ଖାତା ରୁ କାଗଜ ଚିରି ସେ ପୁଣି ଆଉ ଗୋଟେ ଚିଠି ଲେଖିଥିଲା। ଆଉ ଗୋଟେ ଗୋଲାପ ସହ ମୋତେ ଦେଇଥିଲା। ଏଥର କିନ୍ତୁ ମୁ ମୋ ନିଜ ଭିତରେ କିଛି ଅଲଗା ଅନୁଭବ କଲି। ସେ ଲେଖିଥିଲା: ଆକାଶ, ମୁଁ ତୋ ଉପରେ ରାଗିନି। କି ସେ ଦିନର କଥା ପାଇ କିଛି ଖରାପ୍ ବି ଭାବିନି। ସବୁ ମୋ ଭୁଲ୍। ଦୟା କରି ମୋତେ କ୍ଷମା କରିଦେବୁ। ମୋତେ ପାଠ ପଢ଼ା ରେ ସାହାଯ୍ୟ କରିଥିବାରୁ ମୁଁ ବହୁତ୍ ଖୁସି ଆଉ କୃତଜ୍ଞ।ମୁଁ କାଲି ସକାଳୁ ମୋ ବାପାଙ୍କ ସଙ୍ଗେ ଦିଲ୍ଲୀ ଯାଉଛି। ଆଉ କେବେ ଗାଁ କୁ ଫେରିବି ଜାଣିନି। ଯଦି କେବେ ବି ସାଙ୍ଗ ବୋଲି ଭାବି ଥିବୁ ତା ହେଲେ ଆଜି ସନ୍ଧ୍ୟା ରେ ମନ୍ଦିର ପାଖକୁ ଆସିବୁ। ରହିଲି। ଇତି, ଆକାଶ ର ନୈନା। ମୋତେ ସେ ଚିଠି ଦେଇ ଚାଲିଗଲା। ଆଉ ମୁଁ ହେଲି ଦୁନିଆର ଗୋଟେ ବଡ଼ ମୂର୍ଖ, ଗବ-ଗାଂଡୁ। ମୁଁ ଚିଠି ତ ପଢିଲି କିନ୍ତୁ ଯିବା ଟା ଠିକ୍ ଭାବିଲିନି। କାରଣ ମୋତେ ମୋ ବାପା ଆଉ ଗାଁ ଲୋକଙ୍କୁ ହାଲ୍ ଭୟ।

ଆଜି ମୁଁ ସୁଦୂର ଜାପାନ ରୁ ଭୁବନେଶ୍ୱର ଆସିଚି ଖାସ୍ ତାକୁ ଦେଖା କରିବାକୁ। ରଫ୍ ଖାତାର ସେ ପୃଷ୍ଠା ଆଉ ସେ ଶୁଖିଲା ଗୋଲାପ କୁ ଧରି।ମୋର ଗୋଟେ ସାଙ୍ଗ କହିଲା କି ସେ ତାକୁ ଫେସବୁକ୍ ରୁ ଦେଖି ଖୋଜି ବାହାର କରିଚି। ସେ ଏବେ ଗୋଟେ କଲେଜ୍ ରେ ଲେକ୍ଚର୍ ଅଛି। ଗଣିତ ଘରେ ତ ତାର ଶୁନ। କୋଉ ଲେକ୍ଚର ଅଛି କେଜାଣି। ଛାଡ। ବହୁତ୍ ଅନୁରୋଧ ପରେ ସେ ଦେଖା କରିବାକୁ ରାଜି ହେଲା। ପୁଣି ସେଇ ଚିଠିରେ ହିଁ ଉତ୍ତର ଦେଲା। ଏଥର ଭାରି ରାଗ ଲାଗିଲା। ମଣିଷ କାହିଁ କୋଉ ଦୂର ରୁ ଆସିଚି ଟିକେ ଦେଖା କରିବା ପାଇଁ। ଏତେ ଗର୍ବ, ସୁନ୍ଦରୀ ବୋଲି କଥା ପଦେ ବି ହେଲାନି। ଛି...। ମନେ ମନେ ନିଜ ଉପରେ ହିଁ ରାଗ ଆସିଲା। ମନେ ମନେ ଠିକ୍ କାଲି। ଏଥର ସିଧା ସେ ଫୁଲ ଆଉ ଚିଠି ତା ମୁହଁକୁ ଫିଙ୍ଗି ଦେବି ଆଉ ଚାଲି ଆସିବି। ସେ ଆସିଲା। ମୁଁ ସିଧା ପଚାରିଲି "ଯଦି କଥା ହେବାକୁ ଇଛା ନ ଥିଲା ତା ହେଲେ କାହିଁ ଆସିଥିଲୁ। ମୁଁ ବି ତୋ ପରି ସୁନ୍ଦରୀ ପାଇ ମରିଯାଉନି। ତୋର କିଛି ଜିନିଷ ମୋ ପାଖେ ଥିଲା। ଇଛା ହେଲେ ନେ ନ ହେଲେ ଯା। ସେ

ସୌନ୍ଦର୍ଯ୍ୟ ର ଗର୍ବ ଆଉ କାହା ପାଖେ ଦେଖେଇବୁ। ଆକାଶ ପାଖେ ନୁହେଁ "। ମୁଁ ଚାଲି ଆସୁଥିଲି। ହଠାତ୍ ସେ ମୋ ହାତ ଧରି ପକେଇଲା। ତା ପରେ ମୁଁ ଯାହା ଦେଖିଲି ମୁଁ ସ୍ତବ୍ଧ ହେଇ ଗଲି। ସେ ତାର ସାଙ୍କେତିକ ଭାଷାରେ କହିବା ଆରମ୍ଭ କଲା। ତା ସାଙ୍ଗରେ ଆସିଥିବା ତାର ଗୋଟେ ସାଙ୍ଗ ମୋତେ ସବୁ କହିଲେ। ସେ ଜନ୍ମ ରୁ କଥା କହି ପାରେନି। ସେ ସ୍କୁଲ ପରେ ବହୁତ୍ ଖୋଜିଛି ତୁମକୁ। ଭଗବାନ ଙ୍କ ଦୟାରୁ ତୁମେ ବି ତାକୁ ଖୋଜି ପାଇଗଲ। ସେ ତାର ସବୁ ଭୁଲ୍ ପାଇ ତୁମକୁ କ୍ଷମା ମାଗୁଚି। ଆଉ ତା ଠୁ ଦୂରେଇ ଯିବ ପାଇଁ ନେହୁରା ହେଉଛି। ତୁମେ କେବେ ତା ସହ ଖୁସିରେ ରହି ପାରିବନି।

ନିଜ ପାଇଁ ଘୃଣା ଆସୁଥିଲା ମନରେ। ଲାଗୁଥିଲା ଯେମିତି ସେ ଶୁଖିଲା ଗୋଲାପ ମୋତେ ପରିହାସ କରି କହୁଛି, ଗୋଟେ ଗୋଲାପି ଅତୀତ କୁ ତ ଛାଡ଼ି ଦେଲୁ, ଏବେ କଣ ଗୋଟେ ସୁନେଲି ବର୍ତ୍ତମାନ କୁ ବି ଛାଡ଼ି ଜୀବନ ସାରା ଗୋଟେ ଶୁଖିଲା ଗୋଲାପ ହେଇ ରହିଯିବୁ....?

"ମାନବ ତୁ ଯେ କ୍ଷୁଦ୍ର ନୋହୁ
ଅନନ୍ତରେ ପ୍ରତିଭା ବହୁ,
ବୁଝୁଛି କିରେ ସତ୍ୟ ଏହି,
ଅନ୍ତର ତୋ ନିୟତ ଧରେ ।"

-: ଅନନ୍ତ ପଟ୍ଟନାୟକ

ମହ୍ଲାର...
ଏକ ନୂତନ ଆଶାରେ ପ୍ରାଣ ସଞ୍ଚାର...

# ରୁଧିରା ରମଣୀ...



ଯଶଶ୍ରୀ ବେହେରା
କଟକ, ଓଡିଶା

କୋପାନଳ କାଳେ, ଲୋହିତ ରଂଜିତା
ମୁକ୍ତ କେଶେ ହସ୍ତେ ବିନାଶ ସଂହିତା,
ଧରା ବରଣ ରେ ସେ ଚିତ୍ର ଚିତ୍ରିତା,
ଶେଷ ପ୍ରଳୟେ ଉଦ୍ଧାର ଉର୍ଦ୍ଧିତା..।।

ସେ ରମଣୀ ହସ୍ତେ ଶୋଭା ରେ ସଜ୍ଜିତା,
ତୀକ୍ଷ୍ଣ କରେ ପ୍ରାୟ ସାଜେ ତ୍ରିଶୁଳ ବିଦିତା
ନେତ୍ର ଶୋଭା ଅବା କି ଉପମା ଉଦିତା,
ରଙ୍ଗ ଅଧରେ ମନ୍ଦ ହାସ୍ୟ ମନ୍ଦରେ ମଣ୍ଡିତା..।।

ଲଲାଟେ ଲାଲ ପ୍ରାୟ ରଙ୍ଗର ରଙ୍ଗିତା,
ଓଷ୍ଠ ଧାରେ ତାର ସଜ ରଙ୍ଗଣୀ ରୁଧିତା,
ଦୁଗ୍ଧ ଧବଳେ ଶରୀରେ କାର ଅମ୍ବରୀ ରଚିତା,
ଗଳା ରେ ମନ୍ଦାର ମାଳା ମନ୍ଦିରେ ପୁଜିତା..।।

ସେ ରମଣୀ ଚକ୍ଷୁଶୁଳ ରକ୍ତ ରେ ବିଧୌତା,
ବର୍ଣ୍ଣିବି କିବା ତାର କ୍ରୋଧ ର ବିହିତା,
ରୁଧିରେ ଜର୍ଜରିତ ହସ୍ତ ଦିଶେ ପ୍ରଳୟ ପ୍ରଳିତା,
ପାପ ବିନାଶନେ ଆଜି ସଂହାର ସଂହିତା..।।

ସୁକୁମାରୀ ସୁନ୍ଦରୀ ଅଲିଅଳି ଦୁହିତା,
ଏସନ ର କାଳ ରେ କାଳରାତ୍ରୀ ରେ ବନ୍ଦିତା,
ସଂହାର ଯେ ଆଜ ପ୍ରାୟ ପାପ ର ମୋଚିତା,
ରମଣୀ ରୁ ସାଜେ ଆଜି ରକ୍ତପାତରେ ପୂର୍ଣ୍ଣିତା..।।

ନାଶ ସେ କରିବ ଆଜ କାମୁକି କାମତା,
ଅବଳା ଅତ୍ୟାଚାରୀ ପୁଣି ହିଂସା ର ବିଧାତା,
ନୁହେଁ ସେ ଶକ୍ତିହୀନା ନିରୀହ ସଳିତା,
ନାଶେ ଆଜ ସର୍ବ ର କୁକର୍ମ ର କାଳିତା।..।।

ପଦ୍ମ ରେ ଶୋଭା ଯେ ପାଏ ରକ୍ତ ତ ଅଳତା,

ହସ୍ତେ ତା ଅଭୟ ମୁଦ୍ରା ପାଳନ ପାଳିତା,

ଆବର ଯେ ଶରୀରେ ତାର ଶାନ୍ତି ର ମୁଦ୍ରିତା,

ନୁହେଁ ଯେ ସେ ଭୟଭୀତା ଦୁହିତା ଦୁର୍ବିତା।..।।

ଧରାବତରଣ ରେ ତାର ରହସ୍ୟ କଳ୍ପିତା,

ରକ୍ତ ବସନେ ଯେ ସେ ଦୁର୍ମୁଲ୍ୟ ଦେବତା,

ପାଶେ ତାର ଶୋକକାରି ପାପ ଅର୍ପିତା,

ତା ଅଭୟ କୋଳେ ଯେ ବିଶ୍ୱ ରେ ବର୍ଣ୍ଣିତା।..।।

ଆସ ସର୍ବେ ପାପ ରୂପୀ ଦାନବ ନାଶିତା,

ଦୟା କରେ ତାର ସ୍ନେହ ଜଗତ ଜିଣିତା,

କାବ୍ୟେ ଅବା କି ବିହିବି ତାହାର ଭଣିତା,

ପୂଜନୀୟା ପୂଜିତା ସେ ରମଣୀ ବିଧୃତା..।।

"ଜାତି ଇତିହାସ ଜାତିର ନିର୍ଝର
ସଦା ବହେ ତହୁଁ ଜାତି ପ୍ରାଣଧାର,
ସେ ଧାର ରୁ ନୀର ପିଉଛି ଯେ ନର
ନିଶ୍ଚୟ ହେବ ସେ ଜାତି କର୍ମବୀର ।"
-: ଉତ୍କଳ ଗୌରବ ମଧୁସୂଦନ ଦାସ

# ଶେଷଦୃଶ୍ୟ...



**ଶୁଭମ କୁମାର ସାହୁ**
ପଦାପଡ଼ା, ଗୁଦିଖଲା , ବାଲେଶ୍ୱର

ଚିରଦିନ ପାଇଁ ବୁଜି ଯାଉଥିବା ଆଖିର ଶେଷ ଦୃଶ୍ୟ କୁ
କେବେ ଦେଖିଛ କି ?
ସେ ସଂପୂର୍ଣ୍ଣ ନିସ୍ତବ୍ଧ !
ଆଖିରେ ଶେଷ ଥର ପାଇଁ
ପଡୁଥିବା ପଲକ ଟେ
କେବେ ହେଲେ ଛବି ଉତ୍ତୋଳନ କରିପାରେନା କି
ଆକାଶରେ ଉଇଁଥିବା ଜହ୍ନ କୁ ଦେଖି ମଧ ଦେଖି ପାରେନା
ସେ ନିଜ ଆଖିରେ ଶେଷଦୃଶ୍ୟ କୁ ଏକ ମାଟି କଣ୍ଢେଇ ପରି ଦେଖିଯାଏ
ହେଲେ,
ଓଠ ଖୋଲି କିଛି କହିପାରେନା
ଆଖି ଆଗରେ ନିସ୍ତବ୍ଧ ରହିଯାଏ..
ବୋହିଯାଉଥିବା ଝରଣା ଓ ରାତିର ଚନ୍ଦ୍ରମା
ଆଉ,
ଆଖିର ଶେଷଦୃଶ୍ୟ ଟେ
ଚିରଦିନ ପାଇଁ ବନ୍ଧା ପଡ଼ିଯାଏ
ଏକ ଶାନ୍ତ ନିବୁଜ କୋଠରୀ ଭିତରେ .....

# ପ୍ରିୟା ପାଇଁ ଚିଠିଟିଏ...



**ସୂର୍ଯ୍ୟ ନାରାୟଣ ସାହୁ**
ଝାଡ଼ାଭୂମି, ଗଞ୍ଜାମ

ପ୍ରିୟା ,

ମୁଁ ତମ ପ୍ରାଣ କହୁଛି, ତମର ମନ ଅଛି ଯେଉଁ ଦିନ ମୁ ତୁମ ଗାଁକୁ ଆସିଥିଲି,ତୁମେ ମତେ ଦେଖି ଲାଜେଇ ଗଲ ଏବଂ ସ୍ମିତ ହସି ଦେଇ ଦୌଡି ଚାଲିଗଲ ଘର ଭିତରକୁ। ତା' ପରେ ମୁଁ ତୁମ ଘର ଆଗରେ ବାଇକ୍ ରଖି ତୁମ ମା' ଙ୍କ ସହ କଥା ହେଉଥିଲି। ତାପରେ ପ୍ରଥମ ଦେଖାରେ ହିଁ ତମ କୁ ହୃଦୟ ରେ ଜାଗା ଦେଇ ସାରି ଥିଲି।

ତାପରେ ତୁମେ ମୋ ସହ କେତେ ଥର ଭେଟିଛ ଲୁଚି ଲୁଚି, ତା'ର ହିସାବ ନାହିଁ। ମୁଁ ମଧ୍ୟ ଆମ ଘରେ କେତେ ବାହାନା କରି ବା ମିଛ କହି ତୁମ ପାଖକୁ ଆସୁଥିଲି, ସେକଥା ମୁଁ ହିଁ ଜାଣେ। ତୁମେ କେତେ ଥର ମୋ ପାଇଁ ଖାଇବା ଜିନିଷ ଲୁଚାଇ ଲୁଚାଇ ଆଣି ଦେଉଥିଲ ଏବଂ ମୋ ପାଇଁ ସବୁଠାରୁ ମୁଲ୍ୟ ବାନ କଥା ଏୟା ଥିଲା କି ତୁମେ ତୁମ ପ୍ରେମ ଭରା ହାତରେ ମତେ ଖୁଆଇ ଦେଉଥିଲ ।କେତେ ଭଲ ଥିଲ ସେଇ ଦିନ ଗୁଡିକ । ଯୋଉଦିନ ତୁମ ମୁହଁ ରୁ ମୁଁ ମୋ ନାମ ଶୁଣିଲି ସେଦିନ ବେଶି ଖୁସି ହୋଇ ଯାଇଥିଲି । ତୁମେ ସର୍ବଦା ମତେ ତୁମେ ବୋଲି ଡାକ। କେଜାଣି କାହିଁକି ସେ ତୁମେ ଡାକରେ ଏକ ଯାଦୁ ଥିଲା ଯେମିତି।

" ସମସ୍ତେ ଡାକନ୍ତି ତୁମେ ତୁମେ ବୋଲି ସେ ତୁମେ ର ମାନେ ନାହିଁ", " ତୁମେ ଯେତେବେଳେ ତୁମେ ବୋଲି ଡାକ ଏତେ ଭଲ ଲାଗେ କାହିଁ ।"

ମତେ ଲାଗୁଥିଲା ଯେମିତି ଆକାଶ ର ଚାନ୍ଦ ମୋ ହାତରେ ଖସି ପଡିଚି। ମୁଁ ତୁମକୁ ପାଇ ସର୍ବଦା ଆତ୍ମବିହ୍ୱଳ ହୋଇ ଯାଉଥିଲି। ତୁମେ ସର୍ବଦା ମତେ ସମ୍ମାନ ଦିଅ, ମୁଁ ବି ସର୍ବଦା ତୁମକୁ ମୋ ହୃଦୟ ରଖି ପୂଜା କରେ। ତୁମେ ହିଁ ମୋର ସବୁକିଛି ଥିଲ, ତୁମ ପାଇଁ ମୁଁ ମୋ ଜୀବନ ବି ଦେବା ପାଇଁ ପଛଉ ନଥିଲି। ତୁମେ ସବୁବେଳେ ମତେ ଭଲ କାମ କରିବା ପାଇଁ ପ୍ରେରଣା ଆଉ ଉପଦେଶ ଦିଅ , ଆଉ ସେ ଉପଦେଶ କୁ ମୁଁ ଅକ୍ଷରେ ଅକ୍ଷରେ ପାଳନ କରେ । ହୋଇପାରେ ତୁମେ ମୋ ଠାରୁ ବୟସରେ ସାନ କିନ୍ତୁ ; ମୁଁ ତୁମ କୁ ମୋର ଗୁରୁ ବୋଲି ମାନେ ଏବଂ ତୁମ ଠାରୁ ମୁଁ ବହୁତ କଥା ଶିକ୍ଷିଛି । ପ୍ରତ୍ୟେକ କଥାରେ ତୁମ ର ସହମତି ଲୋଡେ। ତୁମେ ପାଖରେ ଥିଲେ ମତେ ସବୁକିଛି ସହଜ ଲାଗେ। ଏମିତିକି ବାଜିରେ ହାରିଗଲେ ବି ଜିତିଗଲା ପରି ମନେ ହୁଏ।ଜମା ଦୁଖ ଲାଗେନି। ସବୁ ଋତୁ ଫଗୁଣ ପରି ମନେ ହୁଏ। ତୁମେ ବି ମୋ ପାଇଁ ତୁମ ଘରେ ମୋ ପାଇଁ ବହୁତ ଗାଳି ଶୁଣିଛ। ସେଥିପାଇଁ ମୁଁ ତୁମ ଠାରୁ ଏଇ ଚିଠି ମାଧମ ରେ କ୍ଷମା ମାଗୁଛି।

ଆକାଶରେ କଳା ବାଦଲ ଘୋଟି ହଠାତ୍ ଝଡ ବତାସ ମାଡି ଆସିଲା। ସମୁଦ୍ର ରେ ଜୁଆର ମାଡିଲା ପରି, ଆମ ଜୀବନରେ ବି କୋଉ ଦୁଷ୍ଟ ଗ୍ରହ ର କଟାକ୍ଷ ନଜର ପଡିଗଲା। ସେଦିନକୁ ମୁଁ ଭୁଲି ପାରୁନି ପ୍ରିୟା ଯେଉଁ ଦିନ ତୁମ ର ଗାଡି ଏସିଡେଣ୍ଟ ହୋଇ ପ୍ରାଣବାୟୁ ଉଡିଗଲା। କେମିତି ଭାବିଲ ତୁମ

ବିନା ମୁଁ ଏକା ବଞ୍ଚିପାରିବି ବୋଲି ।ମତେ ସବୁ ଦିନ ପାଇଁ ଏକା କରି ଚାଲିଗଲ । ସେଦିନ ଠାରୁ ଆଜି ଯାଏଁ ମୁଁ ଏକା, ପ୍ରତ୍ୟେକ ଦିନ, ପ୍ରେତ୍ୟକ ମୂହୁର୍ତ୍ତ ,ପ୍ରତ୍ୟେକ ସେକେଣ୍ଡ ରେ ମୁଁ ତୁମ କଥା ଭାବେ, ଏବଂ ମରି ମରି ବଞ୍ଚେ । ପାଗଳଙ୍କ ପରି ଏଣେତେଣେ ବୁଲେ, କାଳେ ତୁମେ ପୁଣି ମିଳିଯିବ....
ହେଲେ, ବହିଯାଇଥିବା ପଦାର୍ଥ କି ଭାଙ୍ଗି ଯାଇଥିବା ଜିନିଷ କ'ଣ ପୁଣି ଥରେ ଫେରେ କି ? ମୋ ମନ କୁ ବୁଝାଇ ଦିଏ। ମୁଁ ଏଇ ଚିଠି ଲେଖୁଛି କେବଳ ମୋ ମନକୁ ସାନ୍ତ୍ୱନା ଦେବାପାଇଁ। ଜାଣିନି ଏ ଚିଠି ତୁମ ପାଖରେ ପହଞ୍ଚିବ କି ନାହିଁ। କିନ୍ତୁ ; ଲେଖୁଛି। ପରମେଶ୍ୱରଙ୍କ ବୋଧେ ଏୟା ଇଛା ଥିଲା। ଚିଠି ପାଇ ଚିଠି ଦେବ। ତୁମ ଚିଠି ପାଇଁ ମୁଁ ଅପେକ୍ଷା ରେ ରହିଲି ....

(ଇତି )

ତୁମର ପ୍ରାଣ....

ମତରେ...

**ଲେଖକ ମାନଙ୍କୁ ସମ୍ମାନ ଦେଇ କୋଳେଇ ନେଇଛି ଏଇ ମହ୍ଲାର, ସେଥିପାଇଁ ଲେଖିବାର ରାହା ଖୋଜି ପାଇଛି, ମହ୍ଲାର ଆମ ମା ପରି, ମା ଆମକୁ କୋଳେଇ ଧରିଲା ପରି, ମହ୍ଲାର ବି ଆମକୁ କଳେଇ ନେଇଛି ସେଇ ଦିନ ଠାରୁ,ତାର ବାହୁ ବନ୍ଧନ ରେ ଜାବୁଡି ଧରି ସବୁବେଳେ ଆମକୁ ତାର ସ୍ନେହ, ମମତା,କରୁଣା, ସୁଖ ,ଦୁଃଖ, ଭଲପାଇବା, ବାଣ୍ଟିଛି, ମୁଁ ନିଜକୁ ଧନ୍ୟ ମନେ କରୁଛି ମହ୍ଲାର - ପତ୍ରିକା ପରିବାର ର ସଦସ୍ୟ ହୋଇ, ଏବଂ ପତ୍ରିକାର ପ୍ରତିଷ୍ଠାତା ଶ୍ରୀଯୁକ୍ତ ସାମଲ ଙ୍କୁ ମୋର ଅନ୍ତରରୁ ଶତ ଶତ ପ୍ରଣାମ, ଓ ଆନ୍ତରିକ ଧନ୍ୟବାଦ ଅର୍ପଣ କରୁଛି।**

**-: ସୂର୍ଯ୍ୟ ନାରାୟଣ ସାହୁ**

# ଉତ୍କଳୀୟ ମାଟି...



**ତ୍ରିନାଥ ନନ୍ଦୀ**

ଦେଉଳିପଞ୍ଚୁଘଣ୍ଟା, ଜଳେଶ୍ୱର,
ବାଲେଶ୍ୱର

ଏ ମାଟି ଆମ ମାଆ ମାଟି ,
ସ୍ନିଗ୍ଧ ଉତ୍କଳୀୟ ଏ ମାଟି ॥
ଆମେ ଯେ ତା କୋଳ ର ପ୍ରାଣି ,
ବୁକୁରେ ସେ ଦେଇଛି ପ୍ରାଣ ॥
ଏଇ ଯେ ଆମ ଉତ୍କଳୀୟ,
ତା କାୟା ଯେ ସଂସ୍କୃତି ମୟ ॥
ଉଡ୍ର ଓଡ୍ର ନାମ ଛାଡି ଯେ ,
ଉତ୍କଳ କଳିଙ୍ଗ ଗାଏ ଯେ ॥
କାୟା ତାଯେ ପବିତ୍ର ସମ ,
ସାଥେ ବୀର ବିରତ୍ୱ ସମ ॥
ଭାଷା ଯେ ତା'ର ସାଂସ୍କୃତିକ ,
ନୃତ୍ୟ ଯେ ତା'ର ଅଲୌକିକ ॥
ମଧୁବାବୁ ଯେ ତାରି ପ୍ରାଣ ,
ଇତିହାସ ଦିଏ ପ୍ରମାଣ ॥
ପାଇକ ଏ ମାଟି ବିଦ୍ରୋହ ,
ସାଇତା ଆଜି ତା ବିଦ୍ରୋହ ॥
ଉତ୍କଳୀୟ ମନେ ତା ବଳ ,
ଜାଗିଛି ମନେ ଆଶା ବଳ ॥
କେତେ ଯେ କିର୍ତ୍ତୀରାଜି ତାର ,
ପାଦେ ମୁଁ କରୁଛି ବିଚର ॥
ଜଗତ କର୍ତ୍ତା ର ଏ ସ୍ଥାନ ,
ସାଜେ ସେ ଜଗନ୍ନାଥ ମୟ ॥
ତାହାରି ହସ ଆମ ଶ୍ୱାସ,
ତାରି ଦୁଃଖ ଆମ ନିଶ୍ୱାସ ॥
ଉତ୍କଳ ଦିଏନା ପିଡନା ,
ଦୁଃଖ ପାଇଁ ଏ ଆଶ୍ୱାସନା ॥
ଏ ମାଟି ଆମ ମାଆ ମାଟି ,
ସ୍ନିଗ୍ଧ ଉତ୍କଳୀୟ ଏ ମାଟି ॥

# ଖବକାଗଜ...



**ସ୍ମୃତିବନାନୀ ପଟନାୟକ**

ବଦରାମ୍ପସ , କେଉଁଝର

**ବା**ପା ସକାଳୁ ଖବର କାଗଜ ଧରି ବସି ଥାଆନ୍ତି । ହଠାତ୍ ବାପା ଡାକିଲେ ଦୌଡ଼ି ଆସ ଦେଖିବ,,,, ମା', ଜେଜେ ମା' ଆଉ ସାନ ଭାଇ ଦୌଡ଼ି ଗଲେ ମୁଁ ବି ଯାଉଥିଲି ।ମୋ କାନରେ ବାଜିଲା ମୋ ନାଆଁ, ବାପା ଙ୍କ ଖୁସି ଦେଖି ମୁଁ ବି ବୋହୁତ ଖୁସି ଥିଲି ।

ମୋ ନାଁ ଖବର କାଗଜ ରେ ଦେଖି ମୋ ପରିବାର ର ଖୁସି କହିଲେ ନ ସରେ, ବାପା ମତେ ପାଖକୁ ଡାକି ମୋ ମୁଣ୍ଡ ରେ ହାତ ବୁଲାଇ ଦେଲେ । କହିଲେ ଜୀବନ ରେ ଦୁଃଖ କଣ ମୁଁ ଜାଣିବାକୁ ଦେଇନଥିଲି । ମଣିଷ କରିବାର ସ୍ୱପ୍ନ ଥିଲା ମୋର । ଆଜି ସବୁ ସ୍ୱପ୍ନ ସତ ହେଲା । ବାପା ଖବର କାଗଜ କୁ ସାଇତି ରଖିଲେ । ମୁଁ ବି ମୋ କାମରେ ବାହାରିଗଲି । ମନ ଖୁସି ଥାଏ । ସାଙ୍ଗ ସାଥି ସମସ୍ତ ଙ୍କୁ କହି କହି ରାସ୍ତା ରେ ଚାଲି ଥାଏ ମୁଁ । ଘରୁ ଫୋନ କଲ ଆସିଲା । ବାପା କହିଲେ, କୋଉ ଆଡେ ଗଲୁ କି ରେ... ମୁଁ କହିଲି ସାଙ୍ଗଙ୍କ ସହ ଅଛି । ବାପା କିଛି ନ କହି ଫୋନ କାଟି ଦେଲେ । ମୁଁ ଭାବିଲି ଜଲଦି ଚାଲିଯିବି ଘର କୁ କିନ୍ତୁ ସମୟ ର ଗତି କିଏ ବା ବଦଳାଇ ପାରିବ। ସବୁ ଖୁସି ଆଖି ପିଚ୍ଛୁଳାକେ ଶେଷ ହେଇଗଲା । ଘରେ ବାପା ରାଗି ଯାଇଥିଲେ ମୋର ଘର କୁ ନ ଫେରିବା ପାଇଁ। ମା' ବୁଝାଇ ଶୁଝାଇ ବାପା ଙ୍କୁ ଶୁଆଇ ଦେଲା । ସକାଳୁ ବାପା ଖବର କାଗଜ ଧରି ବସି ଥାଆନ୍ତି ମା' ଆଣି ଚା' ଦେଲା ପଚାରିଲେ ପୁଅ ଘର କୁ ଆସିଲା କି ନାହିଁ । ମା' ଡରି ଡରି କରୁଥିଲେ ନା ସାଙ୍ଗ ସହ ରହି ଯାଇଛି ବୋଧେ । ତା'ପରେ ବାପା ଙ୍କ ଚିତ୍କାର ଶୁଣି ପରିବାର ଲୋକ ଦୌଡ଼ି ଆସିଲେ । ବାପା କାନ୍ଦିକାନ୍ଦି କହିଲେ ଖବର କାଗଜ ବନ୍ଦ କରିଦିଅ। ମିଛ ଖବର ଆସୁଛି ସବୁ , ମୋ ପୁଅ ମତେ ଛାଡିକି କୁଆଡେ ଯିବନି । ମୋର ଦୂରରେ ଯିବା ହଠାତ ମୋ ପରିବାର କୁ ଗୋଟେ ଧକା ଥିଲା । ମୋ ର ଦୂରେଇବା ସହ ବାପା ଙ୍କ ଠୁ ଖବର କାଗଜ ବି ଦୂରରେ ଗଲା....

"ଅନନ୍ତ ମରଣ ଏ ଜାତି କପାଳେ
ଲେଖି ନାହିଁ ବିଶ୍ୱଧାତ୍ରୀ,
ଉଠିବେ ଉଠିବେ ଦେଢ଼ କୋଟି ଆତ୍ମା
ଅମୃତ ପଥ ଯାତ୍ରୀ ।"
--: ନାରୀ କବି କୁନ୍ତଳା କୁମାରୀ ସାବତ

# ଧର୍ମ ହେ ଆଚର ନର...



**ଭାବଗ୍ରାହୀ ତ୍ରିପାଠୀ**
ବାଲିମେଳା, ମାଲକାନଗିରି

କେହି ରହିନାହିଁ ରହିବେଟି ନାହିଁ
ଭବ ରଙ୍ଗେ ଭୂମି ତଳେ,
ସର୍ବେ ନିଜ ନିଜ ଅଭିନୟ ସାରି
ବାହୁଡିବେ କାଳବଳେ ।।

ଏ ସଂସାର ଏକ ରଙ୍ଗମଞ୍ଚ ଅଟେ
ଆମେ ସବୁ କଳାକାର,
ମିଛ ମାୟା ମୋହ ଅଟଇ ଦୁନିଆ
ସବୁ କହୁ ମୋର ମୋର ।।

ପାଣି ଫୋଟକା ତ ମଣିଷ ଜୀବନ
ଆଜି ଅଛି କାଲି ନାହିଁ,
ଆସିଛେ ଲଙ୍ଗଳା ଯିବା ଯେ ଲଙ୍ଗଳା
ସାଥେ ନ ଯିବେଟି କେହି ।।

କଷ୍ଟରେ ଅର୍ଜିତ ଯେତେ ସବୁ ଧନ
ରହିଯିବ ଏହି ଠାରେ,
କି ପାଇଁ କରୁଛେ ଏତେ ଛନ୍ଦ ମନ୍ଦ
ଯିବା ତ ଖାଲି ହାତରେ ।।

ଆତ୍ମୀୟ ସ୍ୱଜନ ବନ୍ଧୁ ପରିଜନ
ବଞ୍ଚିଥିବା ଯାଏ ଭଲ,
ଜୀବ ଚାଲିଗଲେ ମଡ଼ା ମଡା କହି
ନ ପାଇବେ କେହି ଭଲ ।।

ଆସି ଅଛେ ଏକା ଯିବା ଦିନେ ଏକା
ସାଥିରେ ଯିବେନି କେହି,
ଧର୍ମ କର୍ମ ଏକା ଯିବଟି ସାଥିରେ
ସତ୍ୟରେ ଥିଲେଟି ରହି ।।

ମାଟିର ଶରୀର ମାଟିରେ ମିଶିବ
ପାଞ୍ଚ ହାତ ଜାଗା ଲୋଡା,
ଜାଗା ବାଡି ଧନ ଦାମି ଦାମି ଗାଡ଼ି
ହୋଇବ ସବୁ ଅଲୋଡା ।।

ଅମର ର ଲଡୁ କେହି ତ ଖାଇନେ
ଜନ୍ମ ଥିଲେ ମୃତ୍ୟୁ ଅଛି,
କିମ୍ପାଇଁ କରିବା ଗର୍ବ ଦମ୍ଭ ଲୋଭ
ଶ୍ରେଷ୍ଠ ନର ଦେହ ବହି ।।

ଅମୂଲ୍ୟ ଜୀବନ ଅଟେ ମୂଲ୍ୟବାନ
କରିଯିବା ଦାନ ପୁଣ୍ୟ,
ସ୍ନେହ ଶ୍ରଦ୍ଧା ପ୍ରେମେ ସଭିଙ୍କୁ ବାନ୍ଧିବା

ଛାଡି ଗର୍ବ ଅହଂକାର ।।

କ୍ଷଣିକ ଜୀବନେ କରୁଥିବା କର୍ମ

ଉଚିତ ଭାବନା ନେଇ,

ରାଗ ହିଂସା ଦ୍ୱେଷ କରି ଦେବା ଦୂର

ଥିବା ଯାଏ ଆମେ ମହୀ ।।

ଏ ଭବ ସାଗରୁ ପାରିହେବା ପାଇଁ

ହରି ନାମ ଏକା ସାର,

ସତ୍ କର୍ମ ଆଚରି ଜୀବେ ଦୟା କରି

ଧର୍ମ ହେ ଆଚର ନର ।।

- ✓ "ସମୟ "ର ହାତ ନଥାଏ କିନ୍ତୁ ସେ ବେଳେ ବେଳେ ଏମିତି ଚାପୁଡା ମାରେ ଯେ ସାରା ଜୀବନ ମନେ ରହେ ।

- ✓ ବୟସ ୧୫ ହେଉ ବା ୪୫ ସମ୍ମାନ ତାଙ୍କୁ କରନ୍ତୁ ଯାହାଙ୍କ ଆଚରଣ ଭଲ ।

# ମୋର ଦୁଃସ୍ୱପ୍ନ...



**ଦେବିକିଙ୍କର ସ୍ୱାଇଁ**
ବଡ଼ରମ୍ପାସ, କେଉଁଝର

ସପନ ଦେଖୁଛି ଦିନେ କରୁଛି ମାଷ୍ଟରୀ
ସରକାର ସ୍କୁଲ ରେ କରୁଛି ଚାକିରି
ଆମ ଗାଁ ସ୍କୁଲ ରେ ଶିକ୍ଷକତା କରିବି
ଶିକ୍ଷକତା କଲେ ସିନା ସିଝା ଅଣ୍ଡା ପାଇବି
ମଧ୍ୟାହ୍ନ ଭୋଜନ ପଇସା ଦୋକାନୀ କୁ
ଦେବୀ
ପାଚେରୀ ବଦଳରେ କଣ୍ଟା ବାଡ ଦେବୀ ।।
ମୁଁ ହେବି ସାହୁ ପୁଣି ମୁଁ ହେବି ଚୋରା ।
ବିଦ୍ୟାଳୟ ଗୃହ ପାଇଁ ହେବି କଣ୍ଟ୍ରାକଟର ।
ମୋ ସ୍କୁଲ କୁ ସ୍ୱର୍ଗ କରିଦେବି ।
ଛାତ୍ର ଛାତ୍ରୀ ଙ୍କୁ ଭଲ ଶିକ୍ଷା ଦେବୀ ।
କହିବି ପିଲାଏ ତମେ ମିଛ ତ କହିବ
ମିଛ କହି ତମେ ଦିନେ ଭଲ ଟ ପାଇବ ।
କମିଟି ସଭ୍ୟ ଙ୍କୁ ଦେବୀ ମୁଁ ଭାଗ କିଛି
ସରକାରୀ ପଇସା କୁ ନେବି ମୁଁ ପୋଛି ।।
ୱର୍ଡ ସଭ୍ୟ ଙ୍କୁ ରଖିବି ହାତରେ
ତନ୍ତୀ ଚିପା ପଇସା ରଖିବି ପକେଟ୍ ରେ
ସପନ କଥା ମୁଁ ଦିନେ କହିଲି ସଭିଙ୍କୁ ।।
ଆପଣା ର ନେବି ବୋଲି ଶିକ୍ଷକତା ଧନ୍ଦାକୁ
ଘୃଣା ରେ କହିଲେ ମା ଆଉ ବାପା
ଶିକ୍ଷକ ହେବୁନା ତୁ ଚୋପା ।
ମୋ ସପନ ରେ ମୁଁ ପୂନ୍ୟ ଚେଦ ଟାଣିଲି
ନୂଆ ସପନ କୁ ମୁଁ ଆରମ୍ଭ କରିଦେଲି

ସପନ ଦେଖିଲି ଦିନେ ହେବି ଗୋଟେ
ନେତା
ମୋ ପଛରେ ବୁଲିବେ ଲୋକ ଧରି ଛତା ।।
ନିର୍ବାଚନ ପୂର୍ବରୁ କରିବି ପ୍ରଚାର
ନିର୍ବାଚନ ପରେ ହେବିନି କାହାର
କହିବି ମୋ ଭାଇ ଭଉଣୀ ମଶା ଚିହ୍ନ ରେ
ଭୋଟ ଦେବ ।।



# ପଶ୍ଚ୍ୟାତାପର ଦ୍ୱାରଦେଇ...



ରଶ୍ମି ରଞ୍ଜନ ସାହୁ
ଚାନ୍ଦୋଳ, କେନ୍ଦ୍ରାପଡ଼ା

ସମୟ କବଳେ ସର୍ବେ କବଳିତ,
ଅଜଣାରେ ଭୁଲ ହୋଇଯାଏ;
ସେଇ ଭୁଲ କରେ ମନକୁ ବ୍ୟଥିତ,
ପଶ୍ଚ୍ୟାତାପ ନିଶ୍ଚେ ହୋଇଥାଏ ।।

ଡିଣ୍ଡିମ ବାଡେଇ ନାଚଇ ଅତୀତ,
ସାଗରର ଗର୍ଜନ ମଧ୍ୟରେ;
କ୍ଷଣସ୍ଥାୟୀ ସାଜେ ପ୍ରତିଟି ମୁହୂର୍ତ୍ତ,
ଚାଲିଯାଏ କ୍ଷୀପ୍ର ଗତିରେ ।।

ପଶ୍ଚ୍ୟାତାପ ଦ୍ୱାରେ ପାଦଟି ଅଟକେ,
ଅଶ୍ରୁ ଧାର ଝରି ପଡ଼ିଥାଏ;
ପରିତାପ କରେ ପ୍ରବେଶ କ୍ଷଣିକେ,
ମିଥ୍ୟାଗର୍ବ ଅନ୍ତ ହୋଇଯାଏ ।।

ଅନ୍ତରର ମଧ୍ୟେ ଅବଶୋଷ ରହେ,
ବିକଳ୍ପ ଯାହାର ବ୍ୟବଚ୍ଛେଦ;
ସମାଧାନ ଅଧେ ଅବାଧରେ ଥାଏ,
ତୁରନ୍ତ ଆସେ ପୁଣି ବିଭେଦ ।।

ନୂଆ କଥା ନୁହେଁ ହାରିବା ଜିତିବା,
ବ୍ୟବସ୍ଥା ଅଟଇ ଅନୁପମ;
ଭୁଲ ସ୍ୱାଦ ତେଣୁ ନିଶ୍ଚିତ ଚାଖିବା,
ନଚେତ୍ ବ୍ୟର୍ଥ ଏଇ ଜନମ ।।

ଚିର ସହଚର  ବାଲିଘର,
ଭାଙ୍ଗଇ ମନକୁ ବାରମ୍ବାର;
କିନ୍ତୁ ପ୍ରକୃତିସ୍ଥ ହୃଦୟର ମନ୍ଦିର,
ଅବସ୍ଥିତ ଯେଉଁଠି ଈଶ୍ୱର ।।

ବିତିଯାଏ ଆୟୁ ଭୁଲ କରିକରି,
ଦିନଟିଏ କିନ୍ତୁ ନିଶ୍ଚେ ଆସେ;
ପଶ୍ଚାତାପ ସହ ନିଜକୁ ଆଦରି,
ବଞ୍ଚିବାକୁ ପଡ଼ଇ ହରଷେ ।।

କେବେ ପଶ୍ଚ୍ୟାତାପ ବିତୃଷ୍ଣା ଭରଇ,
ନିଜ ଠାରୁ ଭରଷା ଯେ ଉଠେ;
କେବେ ଭରଷାର ଝଡ଼ ଯେ ଉଠଇ,
ହୃଦୟଟା ଅବକ୍ଷୟ କଷ୍ଟେ ।।

ସତ୍ୟ ପଶ୍ଚ୍ୟାତାପ ଚିର ସୁବିସ୍ତୃତ,

ଯେଉଁପରି ଭାସ୍କର ପବିତ୍ର;

ପ୍ରତିଟି ଜୀବନେ ଆସଇ ନିଶ୍ଚିନ୍ତ,

ଧୀରେଧୀରେ ଅଥବା ତ୍ୱରିତ ।।

ପଶ୍ଚ୍ୟାତାପ ଦ୍ୱାରଦେଇ ଯିବା ନିଶ୍ଚେ,

ନିଛକ ଅଜଣା ସତ୍ୟଟିଏ;

ଅତୀତ କର୍ମର ପ୍ରାୟଶ୍ଚିତ ସ୍ପର୍ଶେ,

ପରାଜିତ ହେବାକୁ ଯେ ହୁଏ ।।

ଅତୀତର ଜ୍ୱାଳା ସହିବାକୁ ହୁଏ,

ବର୍ତ୍ତମାନ କଣ୍ଟକିତ କୋଳେ;

ଭବିଷ୍ୟତ ଆଶା ତୋଳିବାକୁ ହୁଏ,

ପଶ୍ଚ୍ୟାତାପ କଳ୍ପଗଛ ମୂଳେ ।।

ସମୟ କବଳେ ସର୍ବେ କବଳିତ,

ଅଜଣାରେ ଭୁଲ ହୋଇଯାଏ;

ସେଇ ଭୁଲ କରେ ମନକୁ ବ୍ୟଥିତ,

ପଶ୍ଚ୍ୟାତାପ ନିଶ୍ଚେ ହୋଇଥାଏ ।।

ମହ୍ଲାର...

ଏକ ନୂତନ ଆଶାରେ ପ୍ରାଣ ସଞ୍ଚାର...



# ବାପା...

ତୋଷାରାଣୀ ସାହୁ
ଗଞ୍ଜାମ, ବୋରିଗାଁ

**ବା**ପା... ଏହା କେବେଳ ଏକ ଶବ୍ଦ ହୋଇନଥାଏ।

ଏ ଶବ୍ଦରେ କେତେ ଯେ' ଯାଦୁ ଅଛି। ବାପାଙ୍କ ପ୍ରକୃତିରୁ ହିଁ ଆମେ ପରିଚୟ ପାଇଥାଉ। ତୁ ତା ଝିଅ ଟି? କେତେ ଭଲ ପ୍ରକୃତି ର ଲୋକ । ସେତେବେଳେ କେତେ ଗର୍ବ ଲାଗେ। ଯାହାଠାରୁ ଅଧିକା ବା ଆଉ କଣ ଦରକାର। ବାପା ମୋ ଶକ୍ତି, ମୋ ତାକତ ଆଉ... ମଜବୁରୀ କରୁଥିବା ଏକ ସଚ୍ଚା ମଣିଷ ଅଟନ୍ତି । ଆମେ ମାଗୁଥିବା ଜିନିଷ କୁ ପୂରଣ କରୁଥିବା ଏକ ଦୋକାନ ଅଟନ୍ତି।

ବାପା ..ଏ ଶବ୍ଦର ଅର୍ଥ ସେତେବେଳେ ପର୍ଯନ୍ତ ବୁଝି ହୋଇନଥାଏ, ଯେତେବେଳେ ପଯ୍ୟନ୍ତ ଆମେ ତାଙ୍କ ଜାଗାରେ ନ ରହିଛୁ।

ମାଆ ତ କେବେଳ ୧୦ ମାସ ୧୦ଦିନ ଗର୍ଭରେ ରଖିଥାନ୍ତି । କିନ୍ତୁ ବାପା ତାଙ୍କ ଦିମାଗ ରେ ରଖିଥାନ୍ତି।

ଆଉ ଡାକ୍ତର କହିଲେ... ଶୁଭକାମନା ଜଣାଉଛି, ଆପଣଙ୍କ ଝିଅ ହେଇଛି....

ଆଉ କିଛି ସମୟ ପରେ ଯେତେବେଳେ ମୁଁ ତାଙ୍କ ବାହୁରେ ରହିଲି ।। ଆହାଃ !! କି ଆନନ୍ଦ ! । ରାତିସାରା ଜଗିକି ମୋ ଯତ୍ନ ନେଲେ। କିଏ ବା କରିବ? ବାପା ଆଉ ମାଆ କୁ ଛାଡିଦେଲେ।

ଧିରେ ଧିରେ ମୁଁ କଥା କହିବାକୁ ଲାଗିଲି। ଆଉ ସେ ଜଗିଥାନ୍ତି ମୁଁ କେତେବେଳେ ଡାକିବି "ବାପା" ।

ଛୋଟ ଥିବାବେଳେ କେତେ ଯେ ଶବ୍ଦ ଶିଖାଇଥାନ୍ତି। ମୁଁ ଏବେ ସ୍କୁଲ ଗଲିଣି। ମତେ ପଢ଼ାଇବା ଆଉ ମୋ ଘର ଘରକାମରେ ସାହାର୍ଯ୍ୟ କରୁଥିଲେ। ଆଉ ମୋ ସହିତ ଖେଳୁଥିଲେ ମଧ୍ୟ । ଆଉ ମୁଁ ଫୋନ କରିକି କହୁଥିଲି ବାପା ମୋର ଏହି ବହିଟା ଦରକାରଆଣିଦେବ।

ସେ ଭୋକିଲା ରହିକି ବି ମୋର ବହିଟା ଆଣିଦେଇଥାନ୍ତି। ଏତେ ନିଃସ୍ଵାର୍ଥପର ଭଲଭପାଇବା ଆଉ କୋଉଠି ବା ମିଳିବ?

କଣ ବା କରିଛି ମୁ ତାଙ୍କ ପାଇଁ। ଆଉ ଧିରେ ଧିରେ ମୋର ଅଧିକ ବହି ଖାତା ଦରକାର ହେଲା। ଆଉ ଟିକିଏ ଅଧିକା ପଇସା ଦରକାର ହେଲା। ଅଧିକ ପରିଶ୍ରମ ମଧ୍ୟ କରୁଥିଲେ ମୋ' ପାଇଁ । ମୁଁ କଲେଜ ଗଲି। ଆଉ ମୋ ବାପାଙ୍କୁ ମନରେ ଭୟର ମାତ୍ରା ବଢିଯାଇଥିଲା। ମୋର ଏବେବି ମନ ଅଛି ଯେବେ ମୁଁ ପ୍ରଥମ ଥର କଲେଜ ଗଲି।

ମୋ ସାଇକେଲରୁ ଧୂଳି ଝାଡ଼ିକି କହିଥାନ୍ତି। ଦେଖିକି ଯିବୁ ମାଆ ।

କି! ଯାଦୁ ଅଛି ଏ କଥାରେ। ଯେବେ ବି କଲେଜ୍ ଯିବାକୁ ବାହାରୁଛି ପଛରୁ ଏମିତି କିଛି କଥା ଶୁଭେ । ଦେଖିକି ଯିବୁ ମାଆ । ମୋର ଯୌବନ ବୟସରେ ସୁନ୍ଦରର ମାତ୍ରା ବଢିଯାଇଥିଲା। ସେ ଭୟ କରୁଥାନ୍ତି ଏ କଥାକୁ ନେଇ । ସେ ସବୁବେଳେ କହିଥାନ୍ତି ଦେଖିକି ଯିବୁ ମାଆ, ଆଉ ଭଲ ସଂସ୍କାର ମଧ ଶିଖେଇଛନ୍ତି।

ମୋର ଆଖିର ଲୁହ ତାଙ୍କୁ କମଜୋର କରିଦଉଥିଲା। ଆଉ ମୁଁ ଏବେ ଟିକେ ବଡ ହେଇଗଲିଣି ସେ ଦୁଃଖରେ ଥିଲେ ମୋ ଆଖିରେ ଲୁହ ଆସିଯାଉଥିଲା। କାରଣ ସେ କେବେ ବି ତାଙ୍କ ଚିନ୍ତା, ଦୁଃଖ କହୁନଥିଲେ କାହାକୁ। କେମିତି ବା କହିବେ? କିଏ ବା ଚାହିଁବ ତାଙ୍କ ଝିଅର ମନ ଦୁଖ ହେଉ ବୋଲି ।

ଆଉ ମୋର ବୟସ ବଢିଯାଇଥିଲା ଏବେ ଝିଅକୁ ବିଦା କରିବାର ସମୟ ଆସିଲା। ଯାତ୍ରା ଦେଖିବାକୁ ଗଲେ ମୋତେ ଦେଖାଯାଉନଥିଲା ମୋତେ ସେ ତାଙ୍କ କାନ୍ଧରେ ବସାଇ ଦେଉଥିଲେ । ସେତେବେଳେ ଭାବୁଥିଲି ମୋ ବାପାଙ୍କ ରାଜ୍ୟର ରାଣୀ କେବଳ ମୁଁ , ତାଙ୍କ କାନ୍ଧ ମୋ ପାଇଁ ରାଜଗାଦି ଭାବି ନେଇଥିଲି । ହେଲେ ଆଜି ରାଜଗାଦିରୁ ମୋତେ ଓହ୍ଲେଇ ଦେଉଛ। ଅସୁବିଧାରେ ମୋ ହାତ ଧରି ଆଖିରୁ ଲୁହ ପୋଛି ମୋତେ ସାହାରା ଦେଉଥିଲେ... ଆଜି ଏ ହାତ ଅନ୍ୟ ହାତରେ ଛନ୍ଦି ଦେଉଛ।

ମୋତେ ତମ ହାତ ଦରକାର । ସେହି ନିଃସ୍ୱାର୍ଥପର ରକ୍ତ, ମାଂସରେ ଗଢ଼ା ହାତ । ଏମିତି କହିଦେବାକୁ ଇଛା ହଉଥିଲା କିନ୍ତୁ ତମେ ଯେ ନିରୁପାୟ ଏହି ସମାଜ ଆଗରେ ।

ଯେତେବେଳେ ମୁଁ ତାଙ୍କଠୁ ଦୂରକୁ ଗଲି ମୋ ଛାତିର କଲିଜା ଛାଡିକି ଗଲାପରି ଲାଗୁ ଥାଏ। କି! ଦୁଃଖ, ଆଖିରୁ ଲୁହ ବନ୍ଦ ହେଉନଥାଏ।

ଆଉ ଏବେ ତ ସେ ମୋ ପାଖରେ ନାହାନ୍ତି। ଫୋନ ରେ ପଚାରୁଛି କେମିତି ଅଛ ବାବା , ତମ ଦେହ ଭଲ ଅଛି ନା' । ଆଉ ଧିରେ ଧିରେ ମୁଁ ବ୍ୟସ୍ତ ହୋଇଗଲି ମୋ ପରିବାର ଭିତରେ। ବହୁତ ମନ ପଡୁଥାଏ। କାସ, ସେ ମୋ ପାଖରେ ଥାଆନ୍ତେ କି !

ଯେତେବେଳେ ଶାଶୁ ଘର ଲୋକ କଡା କଥା କହିଥାନ୍ତି, ମନେ ପଡେ ସେହି କଥା କେମିତି ଅଛୁ ମାଆ ...

କହିପାରୁନଥାଏ ମୁଁ ଦୁଃଖରେ ଅଛି। ତଥାପି ଖୁସି ଅଛି । ଏବେ ଜଣା ପଡିଲା କେତେ ଯେ କଷ୍ଟ ବାପା ମାଆ ହେଲେ। ଏତେ ନିଃସ୍ୱାର୍ଥପର ଭଲ ପାଇବା କୋଉଠି ବା ମିଳିବ?

# ଅନାମିକା...



**ଦିନେଶ ମେହେର**
ପଳାସ, ଜୁନାଗଡ଼ , କଳାହାଣ୍ଡି

ତମସାଛନ୍ନ ବେସୁରା ଜୀବନରେ,

ବସନ୍ତ ର ବାସ୍ନା ଭରା ପ୍ରଭଞ୍ଜନ ର

ମିଠା ଲହର ସଙ୍ଗେ ତୁମର ଆବିର୍ଭାବ, ବିଭୀଷିକା କରେ ସୃଷ୍ଟି ଢ଼କସାର

ଜୀବ ରେ ଖେଳି ଯାଏ ଭୀତ ର ପ୍ରକୋପ,

ପୁଣି ହଠାତ୍ ଖଦ୍ୟୋତର ଜ୍ୟୋତି ପ୍ରକଟ କରି ଦିଏ ତୁମର ହେମବରଣୀ ଚେହେରା,

ତୁମ ଚେହେରା ର ଆଲୁଅ ତିମିର କୁ ଭେଦି ଚାରିଦିଗ କୁ ଆଲୋକିତ କରେ।

ହଠାତ୍ ମୁଁ ଔସ୍ୱଜ୍ୟେ ତୁମ ଆଡ଼କୁ

ଆଗେଇ ଯାଏ ଦେଖେ ତୁମର ଚେହେରା, କଳ୍ପନା ର ଅନେକ ଦୂରରେ ଖେଳୁଥାଏ

ତୁମ ଚେହେରା ର ଉଜ୍ଜଳତା।

ତୁମକୁ ଦେଖିଲା ପରେ ଲାଗେ

ବେଦନା ସବୁ ହୃଦୟରୁ ଯାଏ ଦୂରେଇ, ଅନୁଭବ କରେ ତୁମ ପ୍ରଣୟ ଡାକେ ମତେ, ଲାଗେ ଯେମିତି ଅଛି ରେ ତୁମେ ହେବ

ମୋ ସୁନାନାକି ଅର୍ଦ୍ଧାଙ୍ଗିନୀ,

ଅନାମିକା ଅଚିହ୍ନା ତୁମେ’

କିନ୍ତୁ କିଛି ସମୟର ସାକ୍ଷାତ ରେ ..

ସାଜିଲ ତୁମେ ମୋ ସୁନେଲି ସ୍ୱପ୍ନର ନାୟିକା।

# ନାଙ୍ଗେଲି...



**କୃଷ୍ଣଚନ୍ଦ୍ର ବାରିକ**
ସାରସ ମାଳ, ଏସ୍ ରାମପୁର, ସୁବର୍ଣ୍ଣପୁର

ନାରୀର ଭୂଷଣ ଲଜ୍ଜା ଯେତେବେଳେ
କେମିତି ଛାଡିବି ଖୋଲା ଦିହ
ଶାଢ଼ୀ କି ଗାମୁଛା ଘୋଡେଇ ହୋଇଲେ
କର ମାଗୁଅଛ କହୀ କୁହ ?

ମଣିଷ ଜନମ ବିଧାତା ଭିଆଣ
ଛୋଟ ବଡ଼ ଅବା ଏଠି କାହିଁ,
ଛୋଟ ଜାତି ଲୋକ ନୁହେଁ କି ମଣିଷ
ଅତ୍ୟାଚାର କର କାହିଁ ପାଇଁ ?

ବଡ଼ ଅମୃତ କଳସର ଦାମ୍ ବେଶୀ
ଛୋଟ କଳସ ର ଦାମ୍ କମ୍,
ଦେହରେ ଲାଗିଛି କରର କଳଙ୍କ
ନେଉନି ଆମକୁ କିଆଁ ଯମ ?

କର ନା କଟାଳ କର ଅଫିସର
ଦିଅ ମୋତେ କଦଳୀ ପତର'
କଦଳୀ ପତର ଧରିଣ ନାଙ୍ଗେଲୀ
ଦୌଡିଗଲା ସେ ଘର ଭିତର..

କେଇ କ୍ଷଣ ପରେ ଘରୁ ବାହାରିଲା
ପତରେ ଧରିଛି ସ୍ତନ ତାର,
ରକ୍ତାକ୍ତ ଶରୀର ଛାଡିର ରୁଧିର
ଝରୁଥାଏ ପରା ଧାର ଧାର ।

କର ଦେଇ ସାରି ମାଟିର ଶେଯରେ
ନାଙ୍ଗେଲି ଶୋଇଲା ଚିର ଦିନ,
କର ଧରି କରେ କର ଅଫିସର
ନିଃସ୍ପ୍ରାଣ ନିର୍ବାକ ବିଦ୍ୟମାନ |

ଅଠର ଶହ ତିନି ମସିହାର କଥା
କେରଳର ଇଏ ପରମ୍ପରା,
ଇଜ୍ହାର, ନାଡାର ଛୋଟ ଜାତିର
ମର୍ମନ୍ତୁଦ ଯନ୍ତ୍ରଣାର ଜ୍ୱାଳା ।

ଚାର୍ଲ୍ସ ଟଲିୟାନ୍ ଜେନେରାଲ
ଦେଲେ ବନ୍ଦ କରି ଘୃଣ୍ୟ ପ୍ରଥା ,
ଅଠର ଶହ ଶାଠିଏ ବେଳେ
ନାଙ୍ଗେଲି ପାଦେ ନୁଆଇଁ ମଥା ।

(ସତ୍ୟ , ଘୃଣ୍ୟ କେରଳର ଏକ ପ୍ରଥା । ନାଙ୍ଗେଲି ଦେବୀ ରୂପେ ବର୍ତ୍ତମାନ ପୂଜିତା । ଏହି ପ୍ରଥା ବନ୍ଦ ହୋଇ ଯାଇଅଛି ।)

- ପ୍ରେମରେ ନିଜର କ୍ଷତି କରି ଯଦି ସାଥିର ମନରେ ସମବେଦନା ସ୍ୱରୂପ ପ୍ରେମର ଭାବାବେଗକୁ ସୃଷ୍ଟି କରିବାକୁ ପ୍ରୟାସ କରାଯାଇଥାଏ, ତେବେ ସେ ପ୍ରେମ ଥାଇ ବି ନଥିବା ସହ ସମାନ ।।

- ଦୁନିଆରେ ସବୁ ସମ୍ପର୍କ କେବଳ ରକ୍ତର ହୋଇନଥାଏ, କିଛି ସମ୍ପର୍କ ମଧ ଅଦେଖା ଓ ଅଚିହ୍ନା ହୋଇଥାଏ । ଯାହାକି ରକ୍ତର ସମ୍ପର୍କ ଠାରୁ ମଧ ଅତି ନିଜର ଲାଗିଥାଏ ।

# ମୁଁ ଅଭିଶପ୍ତ ପ୍ରେମିକା ଟିଏ...



**ଉଷଶ୍ରୀ ଜେନା**
ଭୁବନେଶ୍ୱର , ଖୋର୍ଦ୍ଧା

ମୁଁ ଅଭିଶପ୍ତ ପ୍ରେମିକା ଟିଏ "
ହାତରେ କଲମ , ପାଖରେ ଖାତା କୁ
ମନେ ଅସୁମାରୀ କଥା ,
ଆଖିରେ ଆଖିଏ ଅସୁମାରୀ ଆଶା
ହୃଦେ ଅକଥାର ବ୍ୟଥା ।
ବିଜନ ବେଳରେ ଗୋଧୂଳି ସମୟେ
ବସିକି ଭାବୁଛି ମୁହିଁ ,
ଅନ୍ତରର ସେଇ ସୂକ୍ଷ୍ମ ଭୟକୁ
କା ଆଗେ ପାରୁନି କହି ।
ତୁମେ କହିଥିଲ ସପନ ସେପାରେ
କରିଛ ଯେ ତୁମେ ଘର ,
ସେଇ ଠିକଣାରେ ବାହାରି ମୁଁ ଗଲି
ଛାତିରୁ କାଢ଼ିକି ଡର ।
ମୀରା କୁ ରୁକ୍ମିଣୀ ହେଇପାରିଲିନି
ସାଜିପାରିଲିନି ରାଧା ,
କାହାର ନଜର ପଡ଼ିଲା କେଜାଣି
କାହାଣୀ ରହିଲା ଅଧା ...
ମୋ କାହାଣୀ ରହିଲା ଅଧା ..



# ଆଖିରେ ଆଖିରେ...



ଅର୍ଚ୍ଚନା ଜେନା
ନେତପୁର , ଜଗତସିଂହପୁର

ଆଖି ଖୋଜିବୁଲେ ଅନ୍ୟ ଏକ ଆଖି
ହୃଦୟ ଖୋଜେ ସଜ୍ଜା ଫୁଲ ,
ଆଖିରେ ଆଖି ମିଶିଗଲା ପରେ
ଫୁଟି ଯାଏ ପ୍ରେମ ଫୁଲ ॥
ଆଖିରେ ଆଖିରେ ସମ୍ପର୍କ ହୁଏ
ହୁଏବି ପ୍ରେମର ଆଳାପ ,
ସେଇ ଆଳାପ ରୁ ଲେଖା ହୋଇଥାଏ
ପ୍ରେମର ସୁନ୍ଦର ଗଳପ ॥
ଆଖିର ମିଳନ ହେବା ପରେ ପରେ
ଅମାନିଆ ହୁଏ ମନ ,
ସେ ଆଖିକୁ ଝୁରି ହୁଏ ଆଖି ଏ
ଦେଖିବାକୁ ରାତି ଦିନ ॥
ସେ ଆଖିର ଯାଦୁରେ ସତେ
କି ମନ୍ତ୍ର କେଜାଣି ଥାଏ ,
ସେ ଚୋରା ଚାହାଣୀ ଥରକେ
ମନକୁ ଚୋରେଇ ନିଏ ॥
ଆଖିରେ ସମ୍ପର୍କ ସୃଷ୍ଟି ପରେ ପରେ
ହୃଦୟ ହୁଏ ଦିଆନିଆ ,
ସେତେବଳେ ମନ ଅବୁଝା ଯେ ହୁଏ
ସବୁ କିଛି ଲାଗେ ନୂଆ ନୂଆ ॥

ଆଖି କହୁଥାଏ ଚାହାଣୀ ରେ ସତେ
ଓଠ ଥାଏ ନୀରବତା ,
ଓଠ ଖୋଲି ଯାହା କହି ପାରେନା
କହେ ଆଖି ସେହି କଥା ॥
ଆଖିର ଚାହାଣୀ ମନ କିଣିନିଏ
କରେ ସେ ହୃଦୟ ଚୋରି ,
ଅଜାଣାତେ ସେ ରହି ଯାଏ ପୁଣି
ଘର ଟିଏ ସେଠି ତୋଳି ॥
ଆଖି କରିଦିଏ ପାଗଳ କେବେ ତ
କରେ ପୁଣି ବାଟ ବଣା ,
ଲେଖି ଲେଖି ଚାଲେ ପ୍ରେମର କାହାଣୀ
ହେଉ ନ ହେଉ ଚିହ୍ନା ଜଣା ॥
ଆଖି କରେ ପୁଣି ଦୁଷ୍ଟାମି କେତେ
ପାଇବାକୁ ପ୍ରେମ ଛୁଆଁ ,

ଲାଜରେ ନଇଁ ଯାଏ ଏ ଆଖି
ଯେବେ ପାଏ ମିଠା ଛୁଆଁ ॥
ଆଖି ବେଳେବେଳେ କରେ ଅଭିମାନ
କେବେ କରେ ଅଭିଯୋଗ ,
ସେ କାହାଣୀ ରେ ସଜ୍ଜିତ ଯେ ଥାଏ
ପ୍ରିତୀ ପ୍ରେମର ଗୋଲାପ ॥
ଆଖି ବେଳେବେଳେ ସନ୍ଦେହ କରେ ତ
କରେ ପୁଣି କେବେ ଈର୍ଷା ,
ପ୍ରେମ ରେ ସନ୍ଦେହ ଅବିଶ୍ବାସ ଭରେ
ଝରାଏ ଲୁହର ବରଷା ॥
ଲାଜୁଆ ଚୋରା ଆଖିରେ ସତେକି
କଥା ଥାଏ କେତେ ଲୁଚି ,
ପ୍ରେମ କରେ ବୋଲି ନ କହିଲେ ଓଠ
ଆଖି ଆପେ ଦିଏ କହି ॥
ଆଖିରେ ରହିଥାଏ ପ୍ରେମ କାହାଣୀ ର
ସାକ୍ଷୀ ହୋଇ ଚିର କାଳ ,
ଆଖିରେ ଥାଏ ମିଳନ କେବେ ତ
ବିଚ୍ଛେଦ ର ଲୁହ ଧାର ॥
ଆଖିରେ ଥାଏ ସତେଲୋ କେତେ
ଅଝରା ଝରା ର ଲୁହ ,
ଲୁଚେଇ ରଖିଥାଏ ବେହିସବୀ କେତେ
ଅକୁହା ଅଜଣା କୋହ ॥
ଆଖିର କାହାଣୀ ଚୋରା ସେ ଚାହାଣୀ
ଏତିକି ରେ ନୁହେଁ ଇତି ,
କେତେ ଲେଖିଲେ ବିରହେ ସେ
ଅଧୁରା ଏମିତି ତା ପ୍ରେମ ପ୍ରିତୀ ॥

*ଧନ ଥିଲେ ଡାରିଦ୍ରର ଭୟ,*

*ଜ୍ଞାନ ଥିଲେ ଅଜ୍ଞାନର ଭୟ;*

*ସର୍ବୋପରି ଦେହ ଥିଲେ ମୃତ୍ୟୁର ଭୟ,*

*" କିନ୍ତୁ "*

*ଯେଉଁ ବ୍ୟକ୍ତି ସର୍ବସ୍ବ ତ୍ୟାଗ କରେ ତାହାର କୌଣସି ଭୟ ନାହିଁ*

# ସେହି ଭୟାନକ ରାତି...



**ହିମାଳିନୀ ହୋତା**
ହାଉସିଂବୋର୍ଡ , ବ୍ରହ୍ମପୁର

ବହୁ ବର୍ଷ ପୂର୍ବର କଥା ।ଯେଉଁ ସମୟର କଥା କହୁଛି ସେତେବେଳେ ମୁଁ ବହୁତ ଛୋଟ ।ବର୍ଷେ କି ଦୁଇ ବର୍ଷ ମତେ । ଆମେ ଗାଁ କୁ ଯାଇଥାଉ ମାର୍ଗଶିର ମାସ ମାଣବସା ଗୁରୁବାର ପୂଜା ପାଇଁ। ଶୀତ ରାତି ,ସନ୍ଧ୍ୟା ଘଣ୍ଟ ବାଜିବା ପରେ ଘରେ ସମସ୍ତେ ଖାଇ ପିଇ ଶୋଇ ଯାଇଥାନ୍ତି।ଠିକ ଆଠ କି ନଅ ଟା ବେଳକୁ ଜେଜେମା ର ପେଟ କାଟିବା ଆରମ୍ଭ ହେଲା। ଗୁରୁବାର ପୂଜା ପାଇଁ ରାତି ସାରା ନ ଶୋଇ ପିଠା ପଣା କରିବା ଯୋଗୁଁ ବୋଧ ହୁଏ ତାର ଗ୍ୟାଷ୍ଟିକ ବଢିଯାଇଥିଲା ।ଧୀରେ ଧୀରେ ବ୍ୟଥା ବଢ଼ିଲା।ସେତେବେଳକୁ ଗାଁ ରେ ବାଥରୁମ କି ଲ୍ୟାଟିନ ନଥାଏ। ତେଣୁ ସନ୍ଧ୍ୟା ସୁଦ୍ଧା ଗ୍ରାମ ର ସମସ୍ତେ ସ୍ତ୍ରୀ ଲୋକ ପୋଖରୀକୁ ଯାଇ ସ୍ନାନଦି ଶୌଚ କାମ ସାରି ଫେରିଆସି ଯାଇ ଥାନ୍ତି।ଯଦି ରାତିରେ କାହାକୁ ବିଶେଷ ଆବଶ୍ୟକ ପଡେ ଚାରି ପାଞ୍ଚ ଜଣ ଡକା ଡ଼କି ହୋଇ ପରିବାର ର ଜଣେ ପୁରୁଷ ଲୋକଙ୍କୁ ସାଙ୍ଗରେ ନେଇ ହିଁ ପୋଖରୀ ଆଡ଼କୁ ଯାଆନ୍ତି ।ଏକୁଟିଆ କେବେ କିଏ ଯାଆନ୍ତି ନାହିଁ ପୋଖରୀ ଆଡେ ।

ସେହି ସମୟରେ ଗ୍ରାମ ରେ ବିଜୁଳି ଆଲୋକ ର ବ୍ୟବସ୍ଥା ମଧ୍ୟ ନଥାଏ।ଡିବି ବତୀ କିମ୍ବା କାଚ ଔଷଧ ବୋତଲ ଗୁଡିକ ରେ ସଳିତା ପୁରେଇ କିରାସିନି ପକେଇ ଦୀପ ରୂପେ ବ୍ୟବହାର କରୁଥିଲେ ସମସ୍ତେ ।କାଁ ଭାଁ ଲଣ୍ଠନ କେବଳ ପିଲାମାନଙ୍କୁ ପାଠ ପଢିବା ବେଳେ ଦିଆଯାଉଥିଲା।ଦେଉଳରେ ସନ୍ଧ୍ୟା ଘଣ୍ଟ ବାଜିବା ପରେ ପ୍ରାୟ ସାଢ଼େ ଛଅ କିମ୍ବା ସାତ ବେଳକୁ ଖିଆ ପିଆ ସାରି ଶୋଇ ଯାଉଥିଲେ ସମସ୍ତେ।ସେତେବେଳେ ର ରାତି ନଅ /ଦଶ ଏବେକାର ରାତି ବାରଟା କିମ୍ବା ଘଣ୍ଟେ ସହ ସମାନ।ଚୋର ଭୟ ଯେତିକି ନଥାଏ ଭୂତ ଭୟ ବହୁତ ଥାଏ ସେତେବେଳେ।ଭୂତ ର ଅବସ୍ଥିତି ବିଷୟରେ ଆଜିକା ଯୁଗର ପିଲା ହିସାବରେ ସତ କି ମିଛ ତ କହି ହେଉନାହିଁ ଯିଏ ଅନୁଭବ କରିଛି ସିଏ ହିଁ କେବଳ କହିପାରିବେ ।କିନ୍ତୁ ଭୂତ ଭୟରେ କେହି ରାତିରେ ବାହାରକୁ ବାହାରୁ ନ ଥିଲେ ।

ଜେଜି ମା ର ଅବସ୍ଥା ଦେଖି ଜେଜେ ବାପା ପରାମର୍ଶ ଦେଇଥିଲେ ପୋଖରୀ ଆଡ଼କୁ ଯାଇ ହାଲକା ହେଇ ଆସିଲେ ହୁଏତ ପେଟ ବ୍ୟଥା କମିଯାଇପାରେ ଜେଜିମା ର। ତେଣୁ କକା ଓ ମୋ ବୋଉ ଜେଜିମା କୁ ସାଙ୍ଗରେ ନେଇ ପୋଖରୀ ଆଡ଼କୁ ବାହାରିଲେ।କକା ଙ୍କ ବୟସ ସେତେବେଳକୁ ଉଣେଇସି କି କୋଡିଏ ଭେଣ୍ଡିଆ ବୟସ।ଚାଷୀ ଘର ପିଲା ଯେହେତୁ, ପ୍ରାୟ ଧାନ ଅମଳ ସମୟରେ ଖଳା ରେ ରହିବାକୁ ପଡୁଥିବାରୁ ତାଙ୍କ ମନରେ ଡର ଭୟ ପ୍ରାୟ ନଥିଲା କହିଲେ ଚଳେ। ପୂର୍ଣ୍ଣିମା ରାତି, ଚନ୍ଦ୍ର ଙ୍କର ଶୁଭ୍ର କିରଣ ଚାରିଆଡେ ବିଛୁରିତ ହୋଇ ପଡ଼ିଥିବାରୁ ଲଣ୍ଠନ ନେବା ର ଆବଶ୍ୟକତା ମଧ୍ୟ ନଥିଲା ।ତେଣୁ କକା ଆଗରେ ତା ପରେ ଜେଜିମା ଓ ବୋଉ ଆଗପଛ ହୋଇ ଚାଲିଲେ ପୋଖରୀ ଅଭିମୁଖେ।ପୋଖରୀ ବି ବେଶୀ ଦୂର ନୁହେଁ ପାଖା ପାଖି ଅଧ କିଲୋମିଟର ଭିତରେ, ଆମର ଖଳା

ପାଖରେ ।କିନ୍ତୁ ରାତିର ଅନ୍ଧକାର ରେ ଗହଳ ଧାନ କ୍ଷେତ ଭିତରେ ଥିବା ହୁଡା ଉପରେ ଦେଇ ଗଲା ବେଳକୁ ମଝିରେ ମଝିରେ ନିଶାଚର ମାନଙ୍କ ଶବ୍ଦ ରେ ମନ ଭିତରେ ଛନକା ପଶି ଯାଉଥାଏ ସମସ୍ତ ଙ୍କର ।

ଠିକ ପୋଖରୀ ପାଖା ପାଖି ଧାନ କ୍ଷେତ ଭିତରକୁ ,ଖାଲି ଜାଗା ଦେଖି ଜେଜିମା ହାଲକା ହେବାକୁ ଗଲା ।ତୁଠ ଉପରେ କକା ଜଗି ବସିଲେ ଓ ବୋଉ ଜେଜେମା ପଛରେ ଗଲା ତାଙ୍କୁ ଜଗିବା ପାଇଁ।

ନିଶା ଗରଜୁ ଥାଏ।ପତର ଟିଏ ପଡିଲେ ମଧ୍ୟ ପଥର ର ଭ୍ରମ ସୃଷ୍ଟି କରୁଥାଏ ।ରାତ୍ରୀର ନିର୍ଜନତା କୁ ଭାଙ୍ଗି ମଝିରେ ମଝିରେ ବିଲୁଆର ହୁକେ ହୋ ଶବ୍ଦ ମନରେ ଭୀତି ସଂଚାର କରୁଥାଏ। ତୁଠ ପଥର ଉପରେ ବସି ଅନ୍ୟମନସ୍କ ଭାବରେ ଏପଟ ସେପଟ ଅନାଉଥାନ୍ତି କକା। ଠିକ ସେତିକି ବେଳେ ପାଣି ଭିତରେ କିଛି ଟବର ଟବର ଶବ୍ଦ ଶୁଣି ହଟାତ କକା ଙ୍କର ନଜର ପୋଖରୀ ର ପାଣି ଉପରେ ପଡିଲା।ଜହ୍ନ ଆଲୁଅରେ ପୋଖରୀ ର ପାଣି ଚକମକ ଦେଖାଯାଉଥିଲା।ହଟାତ ତାଙ୍କୁ ଲାଗିଲା ପାଣି ଭିତରେ କିଛି ଭାସୁଛି ।ଟିକେ ଆଗକୁ ଯାଇ ନିରେଖି ଦେଖିବାରୁ ଲାଗିଲା କିଏ ଜଣେ ବାଳ ସଫା କରି ମୁଣ୍ଡ ବୁଡ଼େଇ ଧୋଇ ଗାଧୋଉଛି। ତେଣୁ ଖୋଲା ଲମ୍ବା ଚୁଟିଗୁଡ଼ାଏ ଭାସୁଛି ପାଣି ଉପରେ ।ସେ ଚମକି ଉଠିଲେ ।ଏତେ ରାତିରେ କିଏ ଏକୁଟିଆ ଗାଧେଇ ଆସିଛି !!!ପୁଣି ସ୍ତ୍ରୀ ଲୋକ ଟିଏ ଲାଗୁଛି ।ପାଣିରେ ମୁହଁ ଟି ବୁଡି ରହିଛି, କେବଳ ମୁଣ୍ଡ ର ସୁଣ୍ଠା ସହ ଲମ୍ବା ଚୁଟି ଦେଖା ଯାଉଛି ।

ଚାରିଆଡ଼କୁ ନଜର ପହଁରେଇ ଆଣିଲେ ସିଏ ,କାଳେ ଆଖ ପାଖରେ ତାଙ୍କ ପରି କିଏ ଜଗି ବାକୁ ଆସିଥିବ ସ୍ତ୍ରୀ ଲୋକଟିକୁ ଭାବି ,କିନ୍ତୁ ନଜରରେ ସେମିତି କେହି ଆସିଲେ ନାହିଁ। ଲମ୍ବା ଚୁଟି ସବୁ ସେମିତି ଭାସୁଥାଏ ପାଣି ଉପରେ।ପ୍ରାୟ ପାଞ୍ଚ ମିନଟ ଯାଏଁ କକା ପାଣି ଭିତରକୁ ନିରେଖି ଅନେଇ ରହିଥାନ୍ତି ,ସ୍ତ୍ରୀ ଲୋକଟି ପାଣି ରୁ ବାହାରିଲେ ତା ମୁହଁକୁ ଦେଖିବା ପାଇଁ କିନ୍ତୁ ଦଶ ମିନଟ ହୋଇଗଲା ସ୍ତ୍ରୀ ଲୋକଟି ପାଣି ଭିତରୁ ବାହାରୁ ହିଁ ନଥାଏ।ସେମିତି ପାଣି ଭିତରେ ବୁଡି ଉଠି ଗାଧେଇଲା ପରି ଟବର ଟବର ଶବ୍ଦ ହେଉଥାଏ।ଓ ପାଣି ତରଙ୍ଗାୟିତ ହୋଇ ବି ଖେଳେଇ ହୋଇ ପଡୁଥାଏ।ଠିକ ଯେପରି ଜଣେ ମଣିଷ ପାଣିରେ ପଶିଲେ ଦେଖାଯିବା କଥା ସେହିପରି ।

କକା ଙ୍କ ମନ ରେ ଛନକା ପଶିଲା କିଏ ହୋଇଥାଇପାରେ ? ଏ ଶୀତ ରାତିରେ ଏତେ ସମୟ ପାଣି ଭିତରେ ନିଶ୍ୱାସ ନ ନେଇ କିଏ କଣ ବୁଡି ରହି ଗାଧେଇ ପାରିବ!! ନା ,ଏ ମଣିଷ ହୋଇ ନଥାଇ ପାରେ ।ଏତିକି ଭାବିଲା ବେଳକୁ ତାଙ୍କର ସର୍ବାଙ୍ଗ ଶରୀର ଝାଳ ରେ ବୁଡି ଯାଇଥାଏ।କିଛି ଗୋଟାଏ ଘଟିବା ପୂର୍ବରୁ ଗୋଟେ ଡିଆଁ ରେ ସେ ଜେଜି ମା ଓ ବୋଉ ଙ୍କ ପାଖରେ ପହଞ୍ଚି ଜଲଦି ଘରକୁ ଯିବାକୁ ପାଟି କରି କହିଥିଲେ ।ବୋଉ କକା ଙ୍କୁ ଥରୁଥିବାର ଲକ୍ଷ୍ୟ କରିସାରିଥିଲା।କିନ୍ତୁ ଜେଜେମା ର ଏକା ଜିଦ ପୋଖରୀ କୁ ଯାଇ ଶୌଚ ହେଇକି ହିଁ ଘରକୁ ଯିବ ।ସେ କକା ଙ୍କ କଥା ଶୁଣୁହି ନଥାଏ।କକା ବି ଏପଟେ କାଳେ କିଏ ଭୟ କରିବ କହି ଜଣେଇବି ପାରୁନଥାନ୍ତି ।

ଶେଷରେ ଜେଜେମା ନ ମାନିବାରୁ କକା ଆଉ ତା କଥା କିଛି ନ ଶୁଣି  ତା ହାତ ଧରି ଟାଣି ଟାଣି ଗୋଟେ ରକମ ଦୌଡ଼ି ଦୌଡ଼ି ଘର ପର୍ଯ୍ୟନ୍ତ ନେଇଆସିଥିଲେ। ବୋଉ କିଛି କିଛି ବୁଝି ସାରିଥିଲା।ଘର ଭିତରେ ପହଞ୍ଚି ସାରିବା ପରେ ସବୁ ଘଟଣା ଜେଜେମା ଙ୍କ ଆଗରେ ଶୁଣେଇଥିଲେ କକା।ଜେଜେମା ବି ପୂର୍ବରୁ କେତେ ଜଣ ଙ୍କ ଠାରୁ ଶୁଣିଥିଲା ପୋଖରୀ ଭିତରେ ହେଉଥିବା ଅସ୍ୱାଭାବିକ କଥା  ବିଷୟରେ ,କିନ୍ତୁ ଭୂତ ପ୍ରେତ ରେ  ବିଶ୍ୱାସ କରୁନଥିଲା ତ, ସେ କେବେ ଲୋକଙ୍କ କଥାରେ ବିଶ୍ୱାସ ହିଁ କରୁନଥିଲା। ଫାଲତୁ ରେ ଉଡେଇ ଦେଉଥିଲା।ସେଦିନ କିନ୍ତୁ କକା ଙ୍କ ଠାରୁ ସବୁ କଥା ଶୁଣି ତା ମନରେ ବି  ଭୟ ଆସିଯାଇଥିଲା।

ଏବେ ତ ଆଉ ଜେଜିମା ନାହିଁ କିନ୍ତୁ  ସେହି ଭୟଙ୍କର ରାତି କଥା ମନ ପଡିଲେ କକା ଙ୍କର  ଆଜି ବି ଭୟରେ ରୁମ ମୂଳ ଟାଙ୍କୁରି ଉଠେ।

- ସ୍ୱଚ୍ଛ ହୃଦୟର ଏକ ସୁନ୍ଦର ପରିଚୟ ହେଉଛି ହସ ହସ ମୁହାଁ। ବିରକ୍ତି ଭରା ଚେହେରାରେ ଅତିଥୀଙ୍କୁ ସ୍ୱାଗତ କଲେ, ଘରେ ମଧ୍ୟ ନକାରାତ୍ମକ ଶକ୍ତିର ପ୍ରଭାବ ପଡିଥାଏ, ଏଥିପ୍ରତି ନିଶ୍ଚୟ ଧ୍ୟାନ ଦିଅନ୍ତୁ ।
- ସମୟ ଆମର ମେରୁଦଣ୍ଡ ସଦୃଶ; ତେଣୁ ଆମେ ହିଁ ଚିନ୍ତା କରିବା ଉଚିତ୍ କି ଆମେ ନଇଁ ନଇଁ ଚାଲିବା ଅଥବା ସିଧା ହୋଇ ଚାଲିବା ସମସ୍ୟା ରପକ ଏଇ ଚଲାପଥରେ।।

ମହ୍ଲାର...

ଏକ ନୂତନ ଆଶାରେ ପ୍ରାଣ ସଞ୍ଚାର...

# ଭାବ ମିଶିଗଲା ରାଜଜେମା ସାଥେ...



**ଦେବ୍ରାଜ୍ ରଣା**
ଚାଉଳଡ଼ିଆ, ଟଙ୍କପାଣି, ବଲାଙ୍ଗୀର

ଭାବ ସମ୍ମାନ ନାହିଁ ଅପମାନ
ହୃଦୟ ଦୁଇଟି ଗୋଟିଏ ଜୀବନ,
ପ୍ରୀତି ଭରସକୁ କରି ଆଲିଙ୍ଗନ
ବନ୍ଧୁ ଭାବରେ ରହିଛି ଭାବ ବନ୍ଧନ ।୧

ଝିଅ ରାଜଜେମା ସଜ କୁସୁମ ମନୋରମା
ଫୁଲ ଅଗଣାରେ ପାଦ ତାହାରି ଅନୁପମା,
ମାଟିର ମଣିଷ ମାଟି କୁଡ଼ିଆର ପୁଅ କରମା
ସ୍ନେହ ଶ୍ରଦ୍ଧାର ବଣିକ ପ୍ରୀତି ଭାବର ଧରମା ।୨

ମନ ସଂଯୋଗେ ହୃଦୟେ ପ୍ରେମର ଘର
ହୃଦୟ ମିଶିଲା ପ୍ରୀତି ଭାରିଲା କେବେ ନାହିଲେ ପର,
ହୃଦୟ ସ୍ପର୍ଶ ଭାବ ବଢ଼ିଲାଦୁଇ ବନ୍ଧୁର
ଏମିତି ସଂଯୋଗ ନାହିଁ ବିୟୋଗସତେ ବିଧାତର ।୩

ଆତ୍ମୀୟତାର ମାନର ସମ୍ମାନେ ଭାବ ଧାନେ
ରାଜଜେମା ବୋଲି ପାଦ ଘୁଞ୍ଚାଏ
କହିବାକୁ ଡରେ ମାଟିର କଣ୍ଢେଇ ନୀତି ଦିନେ ।୪

ହୃଦୟେ ସାଇତି ଜହ୍ନର ପିରତି
କଟୁଛି ଦିନ କଟୁଛି ରାତ୍ର ଭାବ ଜହ୍ନ ଜ୍ୟୋତି,
ଭାବ ମିଶିଗଲା ରାଜଯେମା ସାଥେ
କେମିତିକା ଭାବ ସଂସାରେ ଭାବ ସଂଗତି ।୫

# ଝିଅ ଟି ର ସଂଘର୍ଷ ର କାହାଣୀ...



**ଶୁଭମୟୀ ଷଢ଼ଙ୍ଗୀ**
ହିଞ୍ଜିଳିକାଟୁ (ଗଞ୍ଜାମ)

**ଛୋ**ଟ ବେଳେ ସମସ୍ତଙ୍କ ଇଚ୍ଛା ଥାଏ ଯେ ସବୁ ଖୁସି ମିଳୁ , ସବୁ କିଛି ଯେମିତି ନିଜ ପାଇଁ ହୋଇଛି ସେହିପରି ଅନୁଭବ ହୁଏ । ଏହି ଦୁନିଆ ଏତେ ବିଶାଳ ଛୋଟ ସମୟରେ ଜଣାନଥାଏ । ଦୁନିଆ ସହ ଲୋକ ମାନେ ମଧ୍ୟ ନିଜ ବ୍ୟସ୍ତତା ମଧ୍ୟରେ ନିଜ ପରିବାର ସହ ସମୟ ବିତେଇବା ପାଇଁ ସମୟ ପାଇନଥାନ୍ତି , ଏବଂ ଯେତେବେଳେ ସେମାନେ ସମୟ ଖୋଜନ୍ତି , ପର ପିଢ଼ି ପାଖେ ପୁଣି ସମୟ ନଥାଏ ଘର ଏବଂ ଘର ଲୋକ ଙ୍କ ସହ କଥାବାର୍ତ୍ତା ପାଇଁ ।

ଏମିତି ଏକ ସତ ଘଟଣା ଟିଏ ଛୋଟ ଝିଅ ଟି ର , ତୃତୀୟ ଶ୍ରେଣୀ ରେ ପଢୁଥାଏ ବ୍ରହ୍ମପୁର ର ଗୋଟିଏ ଶିଶୁ ମନ୍ଦିର ରେ ୨୦୦୮ ମସିହା କଥା ସେ ସମୟ ରେ କେବଳ ଶିଶୁ ମନ୍ଦିର ଗୁଡାକ ରେ ପ୍ରତିଯୋଗୀତା ମାନ ହୁଏ , ବାର୍ଷିକ ଉତ୍ସବ ହୁଏ ପୁରସ୍କୃତ କରିବା ନିମନ୍ତେ । କେବଳ ପୁରସ୍କୃତ କରିବା ପାଇଁ ବାର୍ଷିକ ଉତ୍ସବ କଲେ ସଭିଏଁ ବିରକ୍ତି ପ୍ରକାଶ କରିବେ ତେଣୁ କରି ଗୀତ, ନାଚ , ନାଟକ ସହ ହସ ମଜା କଥା ମଧ୍ୟ ହୋଇଥାଏ । ସେହି ଝିଅ ଟି କୁ ଗୋଟିଏ ଭଜନ ରେ ନାଚ କରିବା ପାଇଁ ବଛାଗଲା , ତା ସହ ଅନ୍ୟ ୧୦ ଜଣଙ୍କୁ ମଧ ବଛା ଯାଇଥିଲା । ସେହି ସ୍କୁଲ୍ ର ଗୁରୁଜୀ ଜଣେ ଯିଏ କି ନାଚ ଶିଖାଉଥିଲେ । ନାଚ ରେ ତ ମିଶିଗଲା ଝିଅ ଟି କିନ୍ତୁ ଜାଣିନଥିଲା ନାଚ ପୋଷାକ ଅଲଗା ଥାଏ , ଅଲଗା ନିଜକୁ ଆଣିବାକୁ ପଡ଼ିଥାଏ ପୁଣି ସେହି ନାଚ ପାଇଁ ସଜ ହେବାକୁ ପଡ଼ିଥାଏ ।

ନାଚ ଶିକ୍ଷା ଦିଆଗଲା ବାର୍ଷିକ ଉତ୍ସବର ୧୫ଦିନ ପୂର୍ବରୁ , ପୁରା ଠିକ୍ ଠାକ୍ କରୁଥାଏ ସତ କିନ୍ତୁ ଭାବୁଥାଏ ସେ ନାଚ ର ପୋଷାକ କେଉଁଠୁ ଆଣିବ ଘରେ ତ ସେ ତା ମାଆ କୁ କହିଥିଲା ନାଚ ରେ ମିଶିବା କଥା , ସେତେବେଳେ ପଇସା ପତ୍ର ଅସୁବିଧା ମଧ୍ୟ ଥାଏ ସେ ଜାଣିଶୁଣି କହୁନଥିଲା କାହିଁ ଅଯଥା ଚିନ୍ତା ,ବାପା ଙ୍କୁ ଡ଼ରି କହିନଥିଲା ।

ପୁଣି ନାଚ ଶିଖାଉଥିବା ଗୁରୁଜୀ କହିଲେ ସମସ୍ତେ ନିଜ ନିଜର ନାଚ ପୋଷାକ ପିନ୍ଧି ତା ସହ ମୁଣ୍ଡ ରେ ଲଗାଇବା ପାଇଁ ମଥାମଣି , ହାତ ରେ ଲଗେଇବା ପାଇଁ ନାଚ ର ସବୁ ଗହଣା ଯେଉଁ ସବୁ ଲଗାଯାଏ ସେସବୁ ପିନ୍ଧିଥିବ ବାର୍ଷିକ ଉତ୍ସବ ରେ ।ସେ ଝିଅ ଟି ପୁଣି ତା ସାଙ୍ଗ କୁ ପଚାରିଲା ମୁଁ ପ୍ରଥମ ଥର ଏହି ବର୍ଷ ନାଚ ରେ ମିଶିଲି ମୋ ପାଖରେ ନାଚ ଘାଗରା ନାହିଁ ତୁ ତ ପ୍ରତିବର୍ଷ ନୂଆଁ କିଣିଥାଉ , ମତେ ତୋର ପୂର୍ବ ବର୍ଷ ର ଘାଗରା ଟି ଦେବୁ କି ? ସେ ପୁଣି କହିଲା ଆଜି ଆସେ କାଲି ଆସେ ନିଜେ ଏକୁଟିଆ ହିଁ ଯାଇଛି ସେ ଝିଅ , ତା ସାଙ୍ଗ ତ ନୁହଁ ମାଉସୀ ର ଝିଅ ଭଉଣୀ ମଧ ତେଣୁ ନିଜର ଭାବି ସେ ମାଗିଥିଲା , କିନ୍ତୁ ତା ମାଉସୀ ଜାଣିପାରିଲେ ଏବଂ କହିଲେ ନେ ନୂଆଁ ଘାଗରା ଟା ତୁ ପିନ୍ଧିବୁ କିନ୍ତୁ ସେ ନାହିଁ କହିଲା ଏବଂ କହିଲା ଯେ ପୂର୍ବ ବର୍ଷ ରେ ଘାଗରା ଟା ମାଉସୀ ଦିଅନ୍ତୁ ଏବଂ ମୁଁ ଆଣିକି ଦେଇଦେବି ନାଚ ସରିବା ପରେ , ମାଉସୀ ଆଣି ଦେଇଦେଲେ ।

ପୁଣି ପଡିଶା ଘରୁ ନାଚ ପାଇଁ ଯାହା ଯାହା ଦରକାର ସବୁ କିଛି ଗୋଟିଏ ଦିନ ପାଇଁ ମାଗି ଆଣିଲା , ଅଯଥା ଆଗୁଆ ଆଣି ପୁଣି ଭଙ୍ଗାଭଙ୍ଗି ହୋଇଯିବ ସେ ଡର ମଧ ଥାଏ କିନ୍ତୁ ମିଶିସାରିଛି ନାଚ ରେ ସବୁ ଭାବି ଆଗକୁ ଚାଲିଲା । ସବୁ ଯୋଗାଡ଼ ହୋଇଗଲା ତା' ପରେ ବାପା ଙ୍କୁ କହିଲା ବାବା କାଲି ସ୍କୁଲ୍ ରେ ବାର୍ଷିକ ଉତ୍ସବ ହେଉଛି ମୁଁ ନାଚ କରିବି କାଲି ଯେମିତି ମଧ ଟିକେ ସମୟ ବାହାର କରି ମୋ ନାଚ ଦେଖିବାକୁ ଆସିବ , ମୋ ପାଇଁ ମାଟି ମାଠିଆ ଟିଏ ଆଣିଦେବ କାଲି ସକାଳେ, ରବିବାର କାମ ମଧ୍ୟ ନଥିବ !। ବାପା ମାଟି ମାଠିଆଟେ ଆଣିଦେଲେ ପୁଣି କାହିଁକି କେଜାଣି ବାପାଙ୍କୁ କେମିତି ଲାଗିଲା ସେ ଗଲେ ମାଆ ଙ୍କ ସହ ।  ତା' ପରା ଦିନ ଝିଅ ଟି ର ନାଚ ଦେଖିବା ପାଇଁ ଘାଗରା ପିନ୍ଧି ଗହଣା ଲଗେଇ ମାଟି ହାଣ୍ଡି ଟିଏ ଧରିଛି , ରାଧା ଭେଷ ନେଇ ଆସିଲା ନାଚ କରିବା ପାଇଁ ତାକୁ ସମସ୍ତେ ସ୍କୁଲ୍ ରେ ମଧ୍ୟ ଭଲ ପାଉଥିଲେ ସମସ୍ତେ ପାଟି କରି ତାଳି ମାରି ଉତ୍ସାହ ବଢ଼ାଉଥନ୍ତି । ସେ ଦୃଶ୍ୟ ଦେଖି ମାଆ ଓ ବାପା ଙ୍କ ଆଖି ରେ ଲୁହ ଆସିଗଲା ଘର କୁ ଆସି ପଚାରିଲେ ଏସବୁ କେମିତି ଯୋଗାଡ଼ କଲୁ, ଏତେ ସାନ ପିଲା ଟା ହୋଇ ସେ ସବୁ କିଛି କହିଲା ପଇସା ପତ୍ର ଅସୁବିଧା , ଏମିତି ରେ ତମେ ବ୍ୟସ୍ତ ଥାଅ ମୁଁ କହିନଥିଲି ମୋ ନାଚ ମତେ ନିଜ କାମ ନିଜେ କରିବାକୁ ଭଲ ଲାଗେ କିନ୍ତୁ ତମେ ଦିଜଣ ଆସିଲ ମୋ ନାଚ ଦେଖିଲ ସମସ୍ତଙ୍କ ବାପା ମା ଭଳି ସେଇଟା ମୋ ପାଇଁ ଖୁସି ର କଥା ।

ଏତିକି କହି ଘାଗରା ଦେବାକୁ ଚାଲିଗଲା ।

ଝିଅ ର ଇତିହାସ ବୋଧେ ପିଲା ବେଳୁ ଏମିତି ତା' ପରେ ସେ ନାଚ ହିଁ କରିଲା ନାହିଁ , ନିଜେ ଭାବିଲା ଯେବେ ନାଚ ଘାଗରା ଆଣିବ ସେବେ ଯାଇ ନାଚ ଶିଖି ନାଚ କରିବ ।

ମହ୍ଲାର
ଏକ ନୂତନ ଆଶାରେ ପ୍ରାଣ ସଞ୍ଚାର...

# ବିଶ୍ୱ ମହିଳା ଦିବସରେ ନାରୀଙ୍କୁ ସମ୍ମାନ...



**ମୃତ୍ୟୁଞ୍ଜୟ ଦାସ**
ଶ୍ରୀକ୍ଷେତ୍ର, ପୁରୀ

ବନ୍ଦନୀୟା ସଦା ତୁମେ ଗୋ ଜନନୀ, ଭଗିନୀ, ଜାୟା ଓ କନ୍ୟା
ଶବ୍ଦ ଖୋଜି ପାଏନି ଯେ ମନ କି ଧାତୁରେ ତୁମେ ଗଢ଼ା ।।
ସବୁ ପ୍ରେମ ତୁମେ ଉଜାଡି ଦେଇଛ ଧନ୍ୟ ହେ ବିଶ୍ୱ ବିଧାତା,
ଅମୁଲ୍ୟ ଅତୁଲ୍ୟ ତୁମରି ସୃଷ୍ଟି ଦେଲ ଜନ୍ମଦାତ୍ରୀ ମାଆ ।।
ଜଠରେ ଧରିଲା, କଷଣ ସହିଲା ଦେଖୁଥିଲା ଏକ ରାହା,
କେବେ ତୁ ପୂର୍ଣ୍ଣାଙ୍ଗ ହେବୁ ତୁରେ ଧନ ଡାକିବୁ ମୋତେ ମାଆ ।।
ତାକୋଳେ କାନ୍ଦିଲି ଯେଉଁଦିନ ମୁହଁ ଦେଇ ରାବ କୁଆଁ କୁଆଁ,
ସ୍ୱର୍ଗର ଚାନ୍ଦ ମୋ କୋଳ ଗୋବିନ୍ଦ ଢାଳି ସୁଖ ଅଶ୍ରୁବନ୍ୟା ।।
ତାପରେ କେତେ ଯେ କଷଣ ସହିଛି କିଏ ବୁଝେ ତାର ଦୁଃଖ,
ସର୍ବଦା ମଙ୍ଗଳ ମନାସେ ମୋପାଇଁ ରଖି ମନରେ ବିଶ୍ୱାସ ।।
ଦୁଃଖ କଷ୍ଟ ସହେ ସେ ମୋ ପାଇଁ ଧରେ କେତେ କେତେ ରୂପ,
ସ୍ନେହ, ତ୍ୟାଗ, ପ୍ରେମ ଅଜାଡି ଦିଏ ବର୍ଣ୍ଣିଲେ ନୋହିବ ଶେଷ ।।
ରଖେନାହିଁ କେବେ ରାଗ ଅଭିମାନ ସବୁ କଷଣ ର ପରେ,
ସବୁବେଳେ ଖିଲି ଖିଲି ହସୁଥାଏ ସମ୍ମାନ ନପାଏ ଥରେ ।।
କଳୁଷିତ ଆଜି ମାନବ ସମ୍ମାନ କରେ ନାରୀ ଅସମ୍ମାନ,
ପୁତ୍ର ଲୋଭେ କରେ କନ୍ୟା ଭ୍ରୁଣ ହତ୍ୟା ରାକ୍ଷସ ପରିକା ଜାଣ ।।
ବିଶ୍ୱାଦରବାର ଯାପାଇଁ ଉନ୍ନତ ସେହି ହୁଏ ନିର୍ଯ୍ୟାତିତା,
ତଥାପି କୁହେନି, ମାଗିନି କେବେ ସେ ଥାଇ ଜନନୀ ସୁରକ୍ଷା ।।
ତାର ଭାବ କେହି ବୁଝନ୍ତିନି ନାହିଁ ମମତାର ମୁଲ,
ଆଜି ନିଅ ପ୍ରଣ ହେ ଅଜ୍ଞାନୀ ମାନବ ନାରୀଙ୍କୁ ଦିଅ ସମ୍ମାନ ।।

# ମୋହ...



ନର୍ମଦା ନାୟକ
ଛେଣ୍ଡ , ରାଉରକେଲା

ଆରେ ମା ମୀତା, ଆଜି ପେପେରଟା କାହିଁ ?

ବାପାଙ୍କ ଡାକରେ ମୀତା 'ସମାଜ' ନିୟୁଜ ପେପର ବାପାଙ୍କୁ ଦେଇ ଚାଲିଗଲା | ଡ୍ରଇଂରୁମରେ ବସି ଦିଗମ୍ବର ବାବୁ ଗରମ ଚା କପଟିରେ ଓ଼ଷ୍ଠ ଲଗାଇ ଆଜିର ନିୟୁଜପେପର ଉପରେ ଚକ୍ଷୁ ଘୁଟରଇ ଆଣୁଥିଲେ | ବାହାରେ ବର୍ଷାର ପ୍ରକୋପ ଜାରି ରହିଛି | ତିନିଦିନ ଧରି ଲଗାଣବର୍ଷା ଯୋଗୁଁ କେଉଁଠିକୁ ବାହାରି ହେଉନି |

ଜ୍ୱାଇଁ ଆଦିତ୍ୟ ଓ ଝିଅ ମୀତା ଭୋର ୭ଟା ରୁ ଉଠି ସମସ୍ତ ନିତ୍ୟକର୍ମ ସାରି ପ୍ରସ୍ତୁତ ହୋଇ ଗଲେଣି ନିଜ ନିଜର କର୍ମସ୍ଥଳୀ ଅଭିମୁଖେ | ପତ୍ନୀ ସୁନନ୍ଦା ଏ ଯାଏ ବିଛଣା ଛାଡି ନାହାନ୍ତି | ଦୁଇ ନାତୁଣୀ ତାଙ୍କର ସ୍କୁଲ ବନ୍ଦ ଯୋଗୁଁ ନିଜ ରୁମରେ ଅନଲାଇନ କ୍ଲାସ ନେଇ ବ୍ୟସ୍ତ |ଉପର ମହଲାରେ ଦିଗମ୍ବର ବାବୁ ପତ୍ନୀ ସୁନନ୍ଦା ଏବଂ ଝିଅ ଜ୍ୱାଇଁ , ଦୁଇ ନାତୁଣୀକୁ ନେଇ ରୁହନ୍ତି | ତଳ ମହଲାରେ ଏକ ପଞ୍ଜାବୀ ବୃଦ୍ଧ ଦମ୍ପତି ପାଞ୍ଚବର୍ଷ ଧରି ଭଡାରେ ରହୁଛନ୍ତି | ଦିଗମ୍ବର ବାବୁ ଆଜକୁ ଛଅବର୍ଷ ତଳେ ବୋକାର ଷ୍ଟିଲପ୍ଲାଣ୍ଟ ରୁ ଅବସର ନେଇ ଏଇ ଘରଟା କିଣିଥିଲେ ରାଉରକେଲା ରେ | ସେ କମ୍ପାନୀ କ୍ୱାଟର ଛାଡିବା ପୂର୍ବରୁ ଝିଅ ଜ୍ୱାଇଁ ତାଙ୍କର ଏହି ଘରେ ରହିଆସୁଛନ୍ତି ନିଜ ପିଲାଙ୍କ ସହିତ | ତଳ ମହଲା ଖାଲି ପଡିଥିଲା , ତାହା ଭଡା ଲାଗିଛି | ରାସ୍ତାପାଖ ଘର ହୋଇଥିବାରୁ ଭଡା ପଇସା ମଧ ଭଲ ମିଳୁଛି |

ଇତି ମଧ୍ୟରେ ତଳ ମହଲାରେ ଭଡାରେ ରହୁଥିବା ବୃଦ୍ଧପଞ୍ଜାବୀ ସମ୍ବିତ ସିଂ ଙ୍କ ସହ ଦିଗମ୍ବର ବାବୁଙ୍କ ମଧ୍ୟ ସମ୍ପର୍କ ନିବିଡ ହୋଇଯାଇଛି | ତାଙ୍କ କାହାଣୀ ଶୁଣି ଦିଗମ୍ବର ବାବୁଙ୍କୁ ହୃଦୟରେ ଏକ ଶକ୍ତ ଧକା ଲାଗିଛି | ବହୁଦିନରୁ ଲୁକାୟିତ ଥିବା ମୋହରେ ଅନ୍ତ ଘଟିଛି ସତେ ଯେପରି ତାଙ୍କର | ସମ୍ବିତ ସିଂ ଙ୍କ ଏକମାତ୍ର ପୁଅ ଆମେରିକାରେ ଏକ ପ୍ରତିଷ୍ଠିତ କମ୍ପାନୀରେ ଉଚ୍ଚପଦରେ ଅଧିଷ୍ଠିତ ଏବଂ ସେଠାରେ ମଧ୍ୟ ନାଗରିକତ୍ୱ ଗ୍ରହଣ କରି ସାରିଛନ୍ତି | ପୁଅକୁ ମଣିଷ କରିବାକୁ ଜୀବନକୁ ବାଜି ଲଗେଇ ଦେଇଥିଲେ ସେ | ପୁଅର ପାଠପଢା ସରିବାପରେ ଏକ ସୁନ୍ଦରୀ କନ୍ୟା ସହ ତା'ର ବିବାହ ସଂପନ୍ନ ମଧ କରିଦେଇଥିଲେ ଏବଂ ଅସରନ୍ତି ଆଶା ସ୍ୱପ୍ନରେ ଉବୁଟୁବୁ ହେଉଥିବା ବେଳେ ସତେ ଯେପରି ତାଙ୍କର ସ୍ୱପ୍ନ ର ମିନାର ଭାଙ୍ଗି ଚୁରମାର ହୋଇଯାଇଥିଲା ପୁଅର ଫୋନ ପାଇ | ପୁଅ କହୁଥିଲା "ବାପା ଆସନ୍ତା ମାସ ମୁଁ ଇଣ୍ଡିଆ ଯାଉଛି ମା ଓ ଆପଣଙ୍କୁ ଏଠାକୁ ନେଇଆସିବି | କାହିଁକି ସେଠାରେ ପଡିରହିବେ | ସେ ଘର ବିକ୍ରିକରି ଦେବା | ମୁଁ ଏକ ପାର୍ଟି ଠିକ କରିସାରିଛି | ଆପଣ ଆମେରିକା ଆସିବାକୁ ଜିନିଷପତ୍ର ପ୍ୟାକିଂ ଆରମ୍ଭ କରନ୍ତୁ |

ପୁଅ କଥାରେ ଅସମ୍ମତ ହେଲେ ବି ଅଗତ୍ୟା ରାଜି ହେବାକୁ ମନକୁ ବୁଝାଇଦେଲେ | ପତ୍ନୀ ତାଙ୍କର ଆଂଠୁ ଗଣ୍ଠି ବାତ ରୋଗ ଏବଂ ସେ ଡାଇବେଟିସ ରେ ଆକ୍ରାନ୍ତ | ବୃଦ୍ଧଅବସ୍ଥା ରେ କିଏ ତାଙ୍କର

ଦେଖାଶୁଣା କରିବ ? ଦେଶର ମୋହକୁ ଜାବୁଡି ଧରି ବସିଲେ ତାଙ୍କର ଶେଷବସ୍ଥା ହାହାକାରମୟ ହୋଇଯିବ | ସେଠାରେ ନାତିନାତୁଣୀଙ୍କ ଗହଣରେ ଶେଷଜୀବନ ଦୁହେଁ କଟାଇଦେବେ | ପୁଅ ତାଙ୍କର ଠିକ ସମୟ ରେ ପହଞ୍ଚି ତାଙ୍କର ଦସ୍ତଖତ ନେଇ ଘର ଦେଢକୋଟି ଟଙ୍କାରେ ବିକ୍ରୀକରିଦେଲା ଏବଂ "ମୁଁ ଗାଡ଼ିନେଇ ଆସୁଛି ଆପଣ ପ୍ରସ୍ତୁତ ଥିବେ" କହିଲା | ତା'ପରେ ପୁଅର ଆଉ ଦେଖାଦର୍ଶନ ନାହିଁ। ପରଦିନ ଘରମାଲିକ ଘର ଖାଲି କରିବାକୁ କହନ୍ତେ ଏକ ଟ୍ରକରେ ଜିନିଷପତ୍ର ଲଦି ବୁଢ଼ାବୁଢ଼ୀ ଦୁଇଜଣ ଘରଛାଡି ଭଡା ଘର ଖୋଜୁ ଖୋଜୁ ତାଙ୍କ ଘର ଖାଲି ଥିବା ଜାଣି ପହଞ୍ଚିଥିଲେ ଏବଂ ସେହିଦିନ ଠାରୁ ତାଙ୍କ ଘର ଭଡା ନେଇ ରହିଛନ୍ତି | ଜୀବନରେ ଅର୍ଜିତ ଜି.ପି.ଓ ଏବଂ ପେନଶନ ପଇସା ଟା ଯାହା ପୁଅର ଆଖିରେ ପଡ଼ି ନ ଥିଲା କିମ୍ବା ଦୟାକରି ତାହା ତାଙ୍କଠାରୁ ଛଡାଇ ନେଇ ନ ଥିଲା | ସମ୍ବିତ ସିଂ ଙ୍କ ଜୀବନ କାହାଣୀ ଦିଗମ୍ବର ବାବୁଙ୍କର ମନେ ପଡିଗଲା ପଚିଶ ବର୍ଷ ତଳର ଘଟଣା |

ବୋକାରୋ ଷ୍ଟିଲ ପ୍ଲାଣ୍ଟ ଗ୍ରେଡ଼-୧ ଅଫିସର ରୂପେ ସେ ଯେତେ ବେଳେ ନିଯୁକ୍ତି ପାଇଲେ , ବାପା ତାଙ୍କର ସୁନନ୍ଦା ଙ୍କ ସହ ବିବାହ କରିଦେଇଥିଲେ | ନବବିବାହିତା ପତ୍ନୀଙ୍କ ସହ କ୍ୱାଟରରେ ସେ ହସଖୁସିଭରା ସାଂସାରିକ ଜୀବନ ବିତାଉଥିଲେ | ପ୍ରଥମ ସନ୍ତତି ରୂପେ ଗୀତା ସୁନନ୍ଦା ଦେବୀଙ୍କ କୋଳ ମଣ୍ଡନ କରି ଥିଲା, ତା ପରେ ସୀତା, ରିତା ଓ ସସ୍ମିତା | ଲାଗ ଲାଗ ଗୋଟିଏ ପୁଅ ପାଇଁ ଚାରି ଚାରି ଝିଅ ହେବାରୁ ପୁତ୍ର ମୋହରେ ପିତୃତ୍ୱ ତାଙ୍କର ହାହାକାର କରି ଉଠିଲା | ସୁନନ୍ଦା ଯେତେବେଳେ ପଞ୍ଚମଥର ଗର୍ଭଧାରଣ କଲେ ଦିଗମ୍ବର ବାବୁ ସେକ୍ସ ଟେଷ୍ଟ କରି ପୁଅ ଥିବାର ପଜିଟିଭ ରିପୋର୍ଟ ପାଇଆତ୍ମହରା ହୋଇ ଉଠିଲେ | କିନ୍ତୁ ବିଧିର ବିଧାନ ବିଚିତ୍ର | ନିର୍ଦ୍ଧିଷ୍ଟ ସମୟରେ ରିପୋର୍ଟ କୁ ଭୁଲ ପ୍ରମାଣିତ କରି ମୀତା ପଞ୍ଚମ ସନ୍ତତି ରୂପେ ଆସିଲା | ଅଭିମାନ ଓ ହତାସା ମଧରେ ଝିଅର ମୁହଁ ମଧ ଦେଖିଲେ ନାହିଁ ଦିଗମ୍ବର ବାବୁ |

ଚାରିଝିଅଙ୍କ ସହ ସୁନନ୍ଦା ଦୁର୍ଗାଷ୍ଟମୀ ପୂଜାରେ ଯାଇଥାନ୍ତି | ଘରେ ଦୁଇମାସର ଶିଶୁକନ୍ୟା ମୀତା କୁ ଛାଡି | ଦିଗମ୍ବର ବାବୁ ବସି ପେପର ପଢୁଥାନ୍ତି | ହଠାତ ମୀତାର କାନ୍ଦରେ ତାଙ୍କର ପେପର ପଢା ବନ୍ଦ ହୋଇଗଲା | ମୀତା ମୁହଁ ଉପରେ କପଡା ଢାଙ୍କି ହୋଇଯାଇଛି | ନିଜକୁ ଆଉ ସେ ସମ୍ଭାଳି ପାରିଲେ ନାହିଁ | କୋଳକୁ ଉଠାଇ ଆଣିଲେ ମୀତାକୁ | ମୁଣ୍ଡରେ ଗହଳ ବାଳ ଭର୍ତ୍ତି | ଟଣାଟଣା ଆଖି ତା'ର | କେବେ ତାକୁ ନିରେଖେଇ ଦେଖି ନ ଥିଲେ ସେ | ତାଙ୍କ କୋଳରେ ମୀତା ଶୋଇଯାଇଥିଲା କାନ୍ଦ ବନ୍ଦ କରି |

ହଠାତ ସୁନନ୍ଦାଙ୍କ ଡାକରେ ତାଙ୍କର ନିଦ୍ରା ଭାଙ୍ଗିଗଲା | କଣ ଝିଅ ତମ ମନ ଜିତିଗଲା ନା କ'ଣ | ନିଜକୁ ଲଜିତ ମନେ କରୁଥିଲେ ସେ | ମୀତା ପୁଅ ହୋଇଥିଲେ ତାଙ୍କ ମୁହଁରେ ନିଆଁ ଦେଇଥାନ୍ତା | ବାର୍ଦ୍ଧକ୍ୟରେ ତାଙ୍କର ଯତ୍ନ ନେଇଥାନ୍ତା | ଝିଅମାନଙ୍କୁ ଉପଯୁକ୍ତ ଶିକ୍ଷା ଦୀକ୍ଷା ଦେଇ ଭଲ ଘରେ ବିବାହ ଦେଇଛନ୍ତି | ସାନ ଝିଅ ମୀତାର ସ୍ୱାମୀ ବାଲ୍ୟକାଳୁ ପିତାମାତା କୁ ହରାଇ ଅନାଥାଶ୍ରମରେ ପ୍ରତିପାଳିତ ଏବଂ ସରକାରୀ କଲେଜ ରେ ଅଧାପକ | ମୀତାର ଖୁସି ପାଇଁ ସେ ଆଦିତ୍ୟଙ୍କୁ ଜ୍ୱାଇଁ ରୂପେ ସ୍ୱୀକୃତି ଦେଇଥିଲେ |

ଆଦିତ୍ୟ ତାଙ୍କର ଏବଂ ସୁନନ୍ଦାଙ୍କର ଉପଯୁକ୍ତ ଯତ୍ନ ନେଉଛନ୍ତି ପୁଅପରି | ପୁଅର ମୋହ ଆଜି ତାଙ୍କର ଦୂର ହୋଇଯାଇଛି ସମ୍ବିତ ସିଂ ଙ୍କ ଜୀବନ କାହାଣୀ ରୁ | ଯେଉଁ ଅଭାବବୋଧ ତାଙ୍କୁ ଜୀବନ ସାରା କ୍ଷତାକ୍ତ କରୁଥିଲା | ତାହା ଆଜି ଯେପରି ଶାନ୍ତିର ପ୍ରଲେପରେ ଉଭେଇ ଯାଇଛି | ପାଉଁଶ ତଳର ନିଆଁ ଆଜି ଆତ୍ମସନ୍ତୋଷ ର ବାରି ସିଞ୍ଚନରେ ନିର୍ବାପିତ ହୋଇଯାଇଛି |

- ✓ ହସିବା କେବେ ଭୁଲନ୍ତୁ ନାହିଁ। ଯଦି ଆପଣ କେବେ କାହାକୁ ବିନା ହସରେ ଦେଖନ୍ତି ତା ହେଲେ ତାକୁ ହସିବାର କାରଣ ଦିଅନ୍ତୁ।

  -: ପୁନିଥ ରାଜକୁମାର

- ✓ ଗ୍ରହ ନକ୍ଷତ୍ର ବା ତାରକା ଆମ କୁ କି ଆମ ଭବିଷ୍ୟ କୁ ବାନ୍ଧି ରଖନ୍ତି ନାହିଁ। ବରଂ ଆମେ ସେମାନଙ୍କୁ ବାନ୍ଧି ରଖିବାର କ୍ଷମତା ରଖୁ।

  -: କଳ୍ପନା ଚାୱଲା

# ଘର ର ଲକ୍ଷ୍ମୀ...



**ଲିଜାରାଣୀ ପ୍ରଧାନ**
ବେଗୁନିଆପାଟଣା, ନୟାଗଡ

**ହ**ଇଲୋ ମିନା ଏ ...ଏ ..ମିନା କୁଆ ଗଲୁ ବା, ମରି ଗଲୁ ନା କଣ ବା,...

ତତେ ଡ଼ାକି ଡ଼ାକି ମୋ ତଣ୍ଟି ଶୁଖିଗଲାଣି। ତତେ ମରଣ ହଉନି ଯାହା ଏ ପୋଡ଼ା ମୁଂହ୍ନି ଟାକୁ ମୋର ଗୋଟିଏ ବୋଲି ରାଜକୁମାର ପୁଅ ପାଇଁ ବୋହୂ କରିଆଣିଲି ଯେ ।ତାର ନଗା ଅଛି ନା ପଘା ଅଛି । ମୋର ଏଡେ ସୁନ୍ଦର୍ ପୁଅକୁ କେତେ ଭଲ ଝିଅ ମିଳିଥାନ୍ତା କିନ୍ତୁ ମୋ ପୁଅ ର ତ ସେ ଗୋଟିଏ ଜିଦି ବାହା ହେବି ଯଦି ସେ ମିନା କୁ । କି ମିନା ଭଲ ପିଲା ଭଲ ପଢି ଖଣ୍ଡେ ଚାକିରି କରିଛି ତାକୁ ବାହା ହେବି।

ମୋର ତ ବିଲୁକୁଲ ଇଛା ନଥିଲା ହେଲେ ମିନା ର ବାପା କହିଥିଲା କି ଯୌତୁକ ରେ ୧ ଲକ୍ଷ ଟଙ୍କା ଡିମାଇଟ ଦେବ  ବୋଲି ସେ ଲୋଭ ରେ ବାହାଘର କଲି ଯେ ଲକ୍ଷ ଟଙ୍କା ତ ଛାଡ ତାର ଅଧା ବି ଦେଲେନି।କି ଯୁଗ ହେଲା କେଜାଣି ଲୋ ଆଜି କାଲି ଏ ବୋହୂ ମାନେ କି ପାଠ ଦି ଅକ୍ଷର ପଢ଼ିଛନ୍ତି ,ଯେ ଖାଲି ଗାଁ ଦାଣ୍ଡ ରେ  ଧରିକି ଯିବା ଆସିବା କରୁଛନ୍ତି। ଆଉ ମୋ ବୋହୂ ମଣି କଥା ତ ନ କହିଲେ ଭଲ କଣ ଟିକେ schhol ରେ ମାଷ୍ଟରାଣୀ ହେଇଛି ବୋଲି ଶାଶୁ କୁ ତ ମାନୁନି। ପୁଣି ଆଜି ଭଳି ମାଣବସା ଲକ୍ଷ୍ମୀପୂଜା ଦିନ ରେ ରାଣୀ ମା ଇଶୁକୁଲୁ ଯାଇଛନ୍ତି କହି ଶାଶୁ ଘର କମ୍ପଉ ଥିବା ବେଳେ ଘରକୁ ମିନା ଆସିଛି।

ସେ ଦୁଆର ମୁହଁ ରୁ ଏସବୁ ଶୁଣି କିଛି ନକହି ଚୁପ୍ ଚାପ୍ ଘର ଭିତର କୁ ପଶିଛି। ତାପରେ ଶାଶୁ ମାଙ୍କର ଆରମ୍ଭ ହେଇଛି ହଇଲୋ ରାଣୀ ମା ତୋ ଆଖି କି କଣ ଆଉ ଦେଖା ଯାଉନି କି ମୁଁ ଏଠୀ ବସିଛି ମତେ କିଛି ନକହି ଅଣଦେଖା କରି ଚାଲିଗଲୁ।

ମିନା ଉତ୍ତର ଦେଇଛି କଣ କହିବି ତୁମକୁ ? କଣ ତୁମକୁ ପ୍ରଂଶଶା କରିବି ମତେ ଏମିତି ଯୋ ସବୁ କହି ପୂଜା କରୁଥିଲ।... ହ୍ନା ତୋର ଏଡେ ସାହସ ହଇଲୋ ମୋ ମୁହଁ ଉପରେ ଜବାବ ଦେଉଛୁ।

ଜବାବ ଦେଉନି ତୁମ ପ୍ରଶ୍ନ ର ଉତ୍ତର ଦେଉଛି ମତେ କାହିଁକି ସବୁବେଳେ ଏମିତି କହି କଷ୍ଟ ଦେଉଛ। ମୁଁ ତମର କଣ କରିଛି ? ସବୁବେଳେ ଯେଉଁ ଯୌତୁକ କଥା କହି ନିନ୍ଦା ଦେଉଛ କାହିଁକି ମୋ ବାପା ତୁମକୁ ଯୌତୁକ ଦେଇଥାନ୍ତେ ? ସେ ମତେ ଛୋଟ ରୁ ବଡ଼ କରି ପାଠ ପଢ଼ାଇ ମଣିଷ କଲେ ପୁଣି ତୁମ ସେବା ପାଇଁ ମତେ ତମ ଘର କୁ ବୋହୂ କରି ପଠାଇଲେ ତେବେ ସେ କାହିଁକି ଯୌତୁକ ଦେବେ?

ତୁମେ ଏଇ ଯେଉଁ ଲକ୍ଷ୍ମୀପୂଜା କରୁଛ ଯାର କିଛି ମାନେ ନାହିଁ। ପ୍ରକୃତ ଲକ୍ଷ୍ମୀ ତ ଘର ର ବୋହୂ ଏବଂ ଝିଅ । ଯେଉଁ ଘରେ ଝିଅ ବୋହୂ କୁ ସମ୍ମାନ, ସ୍ନେହ ଇଜ୍ଜତ୍ ନଦେଇ ଦେଖାନିଆ ଲକ୍ଷ୍ମୀ ପୂଜା କରିବେ ତେବେ ଲକ୍ଷ୍ମୀ ସେ ଘରକୁ ଜମା ବି ଆସିବେନି। ପ୍ରଥମେ ଘର ର ଝିଅ ଏବଂ ବୋହୂ କୁ ଭଲପାଇବା ଶିଖ ଦେଖିବ ଆପେ ଆପେ ଘରକୁ ଲକ୍ଷ୍ମୀ ଆସିବେ ଆଉ ସେ ଘର ସମୃଦ୍ଧି ହେବ।

ହଇଲୋ ତୋର କେଡ଼େ ସାହସ ଶାଶୁ କୁ ବି ପାଠ ପଢେଇ ଦେଉଛୁ ଏତେ ପଣ୍ଡିତ ତୁ ହେଇଗଲୁ। ଛାଡ କାହାକୁ କହିବି ମୋ ପୋଡ଼ା କପାଳ ତ ....ମା ତୁମେ ଯଦି ମତେ ବୋହୂ ହିସାବରେ  ସ୍ନେହ ଦିଅନ୍ତ ତେବେ ମୁଁ ତୁମକୁ ସମ୍ମାନ,ସେବା ଏବଂ ଭଲପାଇବା ଦିଅନ୍ତି। କିନ୍ତୁ ତୁମେ ବାରମ୍ବାର ମତେ ଏସବୁ କହି କାଇଁ କଷ୍ଟ ଦେଉଛ। ମୁଁ କିଛି ବି ଧନ ସଂପତ୍ତି ଚାହେଁନା ବାସ୍ ତୁମର ଟିକେ ସ୍ନେହ ଆଶା କରେ ....କହି କାନ୍ଦି କାନ୍ଦି ମିନା ଘର ଭିତର କୁ  ଚାଲିଗଲା । ବାରଣ୍ଡ ରେ ଶାଶୁ ବସି କଣ କେଜାଣି ତାର ସେ ମନେ ମନେ ଗୁଣୁ ଗୁଣୁ ହେଉଥାଏ।

ସେଦିନ ରାତିରେ ଯାଇ ଖାଇ ପିଇ ସମସ୍ତେ  ଶୋଇଲେ। ସକାଳୁ ମିନା ଉଠି ସବୁ କାମ ସାରି schhol ଯିବାକୁ ବାହାରିଲା। ଭାବିଲା କାଳେ ଆସିବାରେ ବିଳମ୍ବ ହେବ ଯାଉଛି ମା ଙ୍କୁ କହିଦେବି ସେ ଖାଇଦେଇଥିବେ।

ମିନା ଯାଇ ତା ଶାଶୁ ର ରୁମ୍ କୁ  କବାଟ ଠକ୍ ଠକ୍ କରି ବାଡେଇଲା କବାଟ ନ ଖୋଲିବାରୁ ସେ ଯାଇ ଦେଖେ ତ ଶାଶୁ ବେହୋସ୍ ହୋଇ ପଡିଛନ୍ତି। କଣ କରିବ କିଛି ଜାଣିପାରୁ ନଥାଏ। ଆଉ କାଳ ବିଳମ୍ବ ନକରି ନିଜ ଗାଡ଼ି ରେ ଶାଶୁ କୁ ଧରି ମେଡିକାଲ ରେ ଯାଇ ପହଁଚିଲା।

ଡାକ୍ତର ମାନେ ଶିଘ୍ର ଚିକିତ୍ସା ଆରମ୍ଭ କରିଦେଲେ ଏବଂ କିଛି ସମୟ ପରେ ପାର ମାଉସୀ ର ଚେତା ଫେରିଲା ସେଠାରେ ଉପସ୍ଥିତ ଥିବା  ଡାକ୍ତର କହିଲେ ପାର ମାଉସୀ ଚିନ୍ତା କରେନା ତୋର କିଛି ହେଇନି ଲୋ ବ୍ଲଡ ପ୍ରେସର ଯୋଗୁ ତୁ ସେନ୍ସଲେସ ହେଇଯାଇଥିଲୁ। ତୋ ବୋହୂ କୁ ଧନ୍ୟବାଦ୍ କହ କି ସେ ଏକୁଟିଆ ବହୁ କଷ୍ଟ ରେ ଠିକ୍ ସମୟ ରେ ତତେ ଏଠାକୁ ନେଇ ଆସିଲେ।

ପାର ମାଉସୀ ର ପାଟି ଆଉ ଫିଟୁ ନଥାଏ। ଲାଜ ରେ ତା ମୁହଁ ତଳକୁ ହୋଇଯାଉଥାଏ। ମିନା କୁ ଆସ୍ତେ କରି ପାଖକୁ ଡ଼ାକି କହେ ମା ରେ ମତେ କ୍ଷମା କରିଦେ ।ମୋର ଭୁଲ ମୁଁ ବୁଝିସାରିଛି। ମିନା ନିଜ ଶାଶୁ ର ହାତ କୁ ଧରି ପକାଇ କହେ ଛି ମା ଆପଣ ଏମିତି କଣ କହୁଛନ୍ତି। ମା କଣ କେବେ ତା ଛୁଆ କୁ ଭୁଲ୍ ମାଗେ। ଛାଡ ନା ମା ସେ ସବୁ।

# ଭିକାରୀ...



**କୁଞ୍ଜବିହାରୀ ରାଉତ**
ପ୍ଲଟ ନଂ ୧୪୮/୫,କଣ୍ଟ୍ରାକ୍ଟର କଲୋନୀ,
ହମିରପୁର, ରାଉରକେଲା ୩

ସମୟର ମରୁବାଲିରେ ମୁଁ ପଦଚିହ୍ନଟିଏ
ବରଂ ମୁଁ ଅବହେଳିତ ସୃଷ୍ଟିଟିଏ ଏ
ସମାଜରେ..
ଅପାଂକ୍ତେୟ ଅସ୍ପୃଶ୍ୟତାକୁ
ମୁଁ ପିନ୍ଧିଛି ଆଜନ୍ମରୁ
କୈଶୋର, ଯୌବନ, ବୃଦ୍ଧାବସ୍ଥା
ସବୁ ଜଳାଞ୍ଜଳି ଦେଇଛି ଜୀବନ
ସ୍ରୋତରେ...
ବଞ୍ଚିବାର ରାହା ଖୋଜୁଛି, ନିତିଦିନ
ଏ ସଭ୍ୟ ସମାଜରେ
ରସ ତାଟିଆ,ଥାଳି,ସାଥିଟିଏ ଓ
ପ୍ଲାଷ୍ଟିକ ବ୍ୟାଗ, ମୋ ଆଭୁଷଣ
ସେଇଥିରେ ଚାଲିଥାଏ ଜୀବନ ........
କେଉଁ ଏକ ଅଭିଶକ୍ତ ସମୟରେ, ମୋର
ସୃଷ୍ଟି
ନିଜକୁ ଭଲଭାବେ ବୁଝିବା ପୂର୍ବରୁ
ସମାଜ ମୋ ପରିଚୟ ସୃଷ୍ଟି କରିଛି
ରାସ୍ତା ଘାଟ, ମାର୍କେଟ, ବଜାର ସହ
ମନ୍ଦିରର ବେଢା ବାହାରେ
ମୁଁ, ଜୀବନ ସହ ଅସ୍ତିତ୍ୱ ଖୋଜୁଛି
ଦୂରାରୋଗ୍ୟ,ବ୍ୟାଧିରେ ମୁଁ ସଢୁଛି
ହାତନାହିଁ ପାଦନାହିଁ
ତଥାପି ମୁଁ ଚାଲୁଛି, ହାତ ପତାଉଛି
ମାଗୁଛି, ମାଗିକି ଖାଉଛି
ମୋ ପରିଚୟ ମୁଁ ସୃଷ୍ଟି କରିଛି
ଭିକାରୀଟିଏ ବୋଲି ଦୁନିଆ ଜାଣିଛି...
ସରକାରୀ ପ୍ରୋତ୍ସାହନ ମିଳୁଛି
ମୋ ପାଖେ ପହଞ୍ଚିଲା ବେଳକୁ
ସବୁ ବାଟମାରଣା ହେଉଛି
ତଥାପି ମୁଁ  ବଞ୍ଚିଛି...
ଭିକାରୀ ର ପ୍ରାପ୍ୟକୁ ହାତେଇଥିବା
ସୁବିଧାବାଦୀକୁ ଦୁନିଆ  ଦେଖୁଛି
ସବୁପରେ ମଧ ମୁଁ ଆତ୍ମତୃପ୍ତିରେ ହସୁଛି
ମୋ ପ୍ରାପ୍ୟକୁ  ନେଇଥିବା ବ୍ୟକ୍ତି
ମୋ ଠାରୁ ଅଧିକ ଅଭିଶପ୍ତ
ବୋଲି ମୁଁ ଧରିନେଇଛି
ଭଦ୍ର ଖୋଳପା ଭିତରେ
ଅସୁସ୍ଥ ମାନସିକତା ର ବ୍ୟକ୍ତି
ମୋ ଠାରୁ ଅଧିକ
ଭିକାରୀ ପାଲଟି ଯାଇଛି ....
ଭିକାରୀ ପାଲଟି ଯାଇଛି ..

# ଏହି ତ ମଣିଷ ଜୀବନ...



**ଲକ୍ଷ୍ମୀଧର ସିଂ**
ଅଁଳାପାଳ, ଗରଡିହି, ବାଲେଶ୍ୱର

ଜୀବନଟା
ରଫ ଖାତାର ଅଙ୍କ କଷା ।
ଆଉ ସମ୍ପର୍କଟା
ଛକା ପଞ୍ଝା ପଶାପାଲି ।

ପ୍ରତି ମୁହୂର୍ତ୍ତରେ ସାମ୍ନା କରିବାକୁ ହୁଏ,
ଅବାଂଛିତ ଆହ୍ୱାନ ।

ଏହି ତ ମଣିଷ ଜୀବନ ।

ବଂଚିବାକୁ ହେବ ।
ଲଢ଼ିବାକୁ ହେବ ।
ହସିବାକୁ ହେବ ।
ଲୁହ ଝରାଇବାକୁ ପଡିବ ।

ମଣିଷ ଭିତରେ
ମଣିଷ ପଣିଆ ଜାହିର କରିବାକୁ ପଡିବ ।।

# ଜିତ୍...



ରାଜେଶ୍ୱରୀ ଭୂୟାଁ
ତାଲାସହି, ରାୟଗଡ, ଗଜପତି

ଅନେକ ରକ୍ଷଣଶୀଳ,ସଂସ୍କାର ବିରୋଧୀ ଲୋକ ଉଠାଇଥିଲେ ଜାତି,ଲିଙ୍ଗଗତ ପ୍ରଶ୍ନ। ସେ ସବୁକୁ ପଛକୁ ପକାଇ ତା'ର ଏକନିଷ୍ଠ ଉଦ୍ୟମ ଭିତରେ ହିଁ ରହିଥିଲା ତା'ର ସଫଳତା। ଜୟପରାଜୟ ଭିତରେ ନୁହେଁ। ଝିଅଟିର ଜୀବନ ସଂଗ୍ରାମ ଥିଲା ଘାତପ୍ରତିଘାତମୟ। କିନ୍ତୁ ଲକ୍ଷ୍ୟ ତାର ଥିଲା ସ୍ଥିର। ସେଥିପାଇଁ ଶେଷରେ ହାରଜିତ୍ ପଶାପାଲିରେ ଜଣେ ନାମୀ ବ୍ୟକ୍ତିତ୍ୱ ହୋଇପାରିଥିଲା । ପଛୁଆ ଆଦିବାସୀବର୍ଗର ଝିଅ ଫୁଲରାଣୀ ମୁଣ୍ଡା।

ଗାଁ ବରଗଛ ପାଖକୁ ଲାଗି ଦୁଇ ବଖରା ନଡ଼ା ଛପର ଘରେ ରହେ ଗୋପମୁଣ୍ଡା। ପରିବାର କହିଲେ ସ୍ତ୍ରୀ ହୀରା ଓ ଝିଅ ଫୁଲ । କେଉଁକାଳରୁ ଗୋପମୁଣ୍ଡାର ଜେଜବାପା ଗୋତିଶ୍ରମିକ ଭାବେ କାମ କରି ରହିଥିଲା ପ୍ରଧାନ ହରସିଂହଙ୍କ ଗୃହରେ । ମୂଳବାସିନ୍ଦା ସେ ଥିଲା କୋରାପୁଟର କେଉଁ ଏକ ଅଜଣା ଅଶୁଣା ଗାଆଁରେ । ଗୃହକାମ ପାଇଁ ଆସିଥିବା ଗୋପର ଜେଜବାପ ସମୟକ୍ରମେ ଗାଁର ଜଣେ ସ୍ଥାୟୀବାସିନ୍ଦା ହୋଇ ରହିଗଲା।

ପୁଅ,ନାତି,କାଳକ୍ରମେ କିଛି ଜମି କିଣି, ଭାଗଚାଷ କରି ଜୀବନ ନିର୍ବାହ କଲେ। ଗୋପ ଓ ହୀରା ଚାଷ ଦେଖନ୍ତି,ତା'ସହ ଛେଳି,ଗୋରୁ ପାଳି  ଚଳିଯାଆନ୍ତି।ତାଙ୍କ ଝିଅ ଫୁଲ ପାଖ ସ୍କୁଲରେ ପଢେ।

ଫୁଲର ନାଁଟି ଯେପରି ଚେହେରାଟି ମଧ ସେହିପରି। ଆଦିବାସୀଙ୍କ ଜିନ୍ କୌଳିକ ଗୁଣରେ ଭୂଷିତ ଫୁଲ ଖୁବ୍ ସରଳ ଅମାୟିକ । ସ୍କୁଲରେ ଆଦର ପାଏ, କ୍ଲାସ୍‌ରେ ପ୍ରଥମ ହୁଏ । ସେଥିପାଇଁ ପ୍ରଧାନ ପରିବାରର ପୁଅଝିଅ ଏକା ନୁହେଁ ଅନ୍ୟମାନେ ମଧ୍ୟ ଫୁଲ ସହ ଖେଳନ୍ତି ମିଶନ୍ତି । ସ୍କୁଲର ପଢ଼ା ତା' ପାଖରୁ ବୁଝି ଗୁରୁଜୀ ମାନଙ୍କର ମାଡ଼, ଭୟ, ଅପମାନରୁ ରକ୍ଷା ପାଆନ୍ତି। ପରିବାରର ପର୍ବପର୍ବାଣି,ଓଷାବ୍ରତରେ ଫୁଲକୁ ଡ଼ାକି ଖୁଆନ୍ତି, ସେମାନେ ମଧ୍ୟ ଫୁଲ ଘରକୁ ଅବାଧରେ ଆସି ଖେଳିବୁଲି ଯାଆନ୍ତି। ଫୁଲର ମା' ବାଡ଼ିରେ ଲଗାଇଥିବା ନାନା ଜାତିର ଫୁଲ ନିଅନ୍ତି। ବାଡ଼ିର ପିଜୁଳି,କାକୁଡ଼ି ଖାଇ ଘରକୁ ବି ନେଇ ଯାଆନ୍ତି। ଶିଶୁ ସ୍ୱଭାବ, ଶିଶୁପ୍ରକୃତି, ଚପଳତା,ନଶ୍ୱରତା ସମସ୍ତଙ୍କ ମନମୋହେ ।

ସମୟର ଗତିରେ ପିଲାମାନଙ୍କର ହସ ଖେଳରେ ଆସିଗଲା ମାଧମିକ ପରୀକ୍ଷା । ପରୀକ୍ଷାରେ ସ୍କୁଲରେ କେବଳ ନୁହେଁ, ଜିଲ୍ଲାସ୍ତରରେ ଫୁଲ ରାଣୀ ପ୍ରଥମ ହେଲା, ଅନେକ ପ୍ରଶଂସା ପୁରସ୍କାର ପାଇଲା। ଫୁଲର ଅତି ସାଙ୍ଗ ରଶ୍ମି କମ୍ ନମ୍ବର ରଖିଥିଲେ ବି ଦୂର ସହରରେ ଯାଇ ପଢିବାର ବ୍ୟବସ୍ଥା କରିଥିଲେ।ଧନ୍ୟ ତା' ପିତାମାତା । କିନ୍ତୁ ଫୁଲର ପ୍ରବଳ ଇଛା ଥିଲେ ବି ଆର୍ଥିକ ଅନଟନରେ ଘାଣ୍ଟି ହେଉଥିବା ଦରିଦ୍ର ବାପା-ମା'ଝିଅକୁ ସାନ୍ତ୍ୱନା ଦେଇ ଘରେ ରଖାଇଲେ। ଦୀପ୍ତିମତୀ, ଉଜ୍ଜ୍ୱଳ,ଶୋଭମନ ଯୁବତୀ ଅଧିକ ପଢିବା ପାଇଁ କୌଣସି ସାହାଯ୍ୟ ନପାଇ ମାଙ୍କ କଥାମାନି ଗୃହକର୍ମରେ ସାହାଯ୍ୟ

କରିବାରୁ ମା'ହୀରା ଅଧିକ ଶ୍ରମକରି ପୁଞ୍ଜି ଜମାଇଲା । ପୁଞ୍ଜି ଜମାଇବାର ଲକ୍ଷ୍ୟ ଫୁଲର ବାହା ପୁଆଣି ପାଇଁ ଟଙ୍କା ଦରକାର।

ଛୁଟିରେ ଆସେ ଫୁଲର ଅତି ସାଙ୍ଗ ରଶ୍ମି । ଫୁଲ ଚାହେଁ ତା'ସହ ମିଶିବା ପାଇଁ, ତା'ଭଲମନ୍ଦ ବୁଝିବା ପାଇଁ ଓ ବହିପତ୍ର ଆଣିଟିକିଏ ପଢିବା ପାଇଁ। କିନ୍ତୁ ରଶ୍ମିର ଆଚାର ବ୍ୟବହାର, ଚାଲିଚଳଣିରେ ଦେଖେ ବିରାଟ ପରିବର୍ତ୍ତନ । ପ୍ରକାଶ୍ୟରେ ନହେଲେବି ପରୋକ୍ଷରେ ରଶ୍ମି ଚାହେଁ ନାହିଁ ଫୁଲର ସାଙ୍ଗ ସୁଖ ସାନ୍ନିଧ୍ୟ। ରଶ୍ମିର ଏ ପ୍ରକାର ପରିବର୍ତ୍ତନ ଦେଖି ଆଲୋ ସଖୀ ଆପଣା ମହତ ଆପେ ରଖି ନୀତିରେ ଫୁଲ ନିଜ ଭାଗ୍ୟକୁ ନିନ୍ଦି ଦୂରେଇ ରହେ । ଏ କଥା ତା' ମା' ପାଖରେ କହିଲେ ମା' ହୀରା କହେ ଝିଅ, ସେମାନେ ଧନବାନ୍, ଉଚ୍ଚ ଜାତିର ଲୋକ ଆମେ ସେମାନଙ୍କ ସହ ସମାନ ନୁହେଁ। ଆମେ ଯେତିକିର ସେତିକିରେ ସନ୍ତୁଷ୍ଟ ରହିବା।'

ଫୁଲ ବୁଝିଥିଲା ବାହୁବଳୀ, ବୁଦ୍ଧିମାନ୍, ଲୋକେ ଜୋର୍ ଜବର୍,ବଳ, ପ୍ରୟୋଗ କରି ବା ଶ୍ରମକମ୍ ଧନସମ୍ପତ୍ତି, ଟଙ୍କାକଉଡି-ସୁନାରୂପା ଆଦି ଓ ଭୂସମ୍ପତ୍ତି ଅର୍ଜନ । କିନ୍ତୁ କିଏ କେଉଁ କୁଳ, ବଂଶ, ଗୋଷ୍ଠୀରେ, ଜନ୍ମ ହେବ ତାହା ବିଧି ନିର୍ଦ୍ଦିଷ୍ଟ, ସ୍ଥିରୀକୃତ ନିଶ୍ଚିତ।ଏଣୁ ଜାତିଗତ ଶ୍ରେଣୀବିଭାଗ,ଉଚ୍ଚନୀଚ ଭେଦଭାବ ସବୁ ମନୁଷ୍ୟକୃତ । ସୁବିଧାବାଦୀ ମଣିଷଙ୍କ କଳାକୌଶଳ ।

ନିଜ ଶ୍ରମ, ମେଧା ଓ ଦକ୍ଷତା ବଳରେ ଫୁଲ ଦୁନିଆକୁ ଦେଖାଇ ଦେବାକୁ ଚାହେଁ ସେ ନୀଚ କୁଳରେ ଜନ୍ମ ଓ ଗରିବ ହେଲେ ମଧ୍ୟ କିନ୍ତୁ ସେ କମ୍ ନୁହେଁ।

ସମୟ ଗଡ଼ିଚାଲେ । ଗତି ତା'ର ନିତ୍ୟ ଚିରନ୍ତନ । ଫୁଲର ବିବାହ ପାଇଁ ବରପାତ୍ର ଖୋଜାଚାଲେ। ସ୍ୱ ଜାତିର ଯୁବକ ସୁକୁନା ମାଝି ସହରରେ କାଠମିସ୍ତ୍ରୀ, ବଢେଇ କାମ କରି ଜୀବିକା ନିର୍ବାହ କରେ । ତା' ସହ ବିବାହ ସମ୍ପନ୍ନ ହେବା ପରେ ସହରର ଏକ ବସ୍ତିରେ ରହିଲେ ନବଦମ୍ପତି । ଏକ ନୂଆ ସମୟ, ନୂଆ ଜୀବନ । ସେ ଦୁହିଁଙ୍କ ପାଇଁ ସ୍ୱପ୍ନର ଘର, ନୂଆ ଜୀବନର ଆକର୍ଷଣ। ଆଗରେ ଲମ୍ବାରାସ୍ତା ।

ସୁକୁନାର ପୂରା ଦାୟିତ୍ୱ ନିଏ ଫୁଲ, କାମକୁ ଯିବା ଆଗରୁ ଶାଗ, ପଖାଳ, ବଡ଼ି,ଶୁଖୁଆରାଇ ଥୋଇଦିଏ ।ଟିଫିନ୍‌ରେ ମୁଢି, ହୁଡୁମର ଛତୁଆ, ଆଚାର ବାନ୍ଧି ଦିଏ। ଏହିପରି ପ୍ରୀତି, ସୋହାଗ, ସମ୍ଭୋଗରେ ଦିନ ବିତେ ।

ଦିନେ ଫୁଲ ମୁହଁ ଖୋଲି କହିଲା, 'ବାବୁଗୋ ମତେ ବସିବସି ଭଲ ଲାଗୁନି, କିଛି ପଢିବାକୁ, କିଛି କରିବାକୁ ଇଚ୍ଛା ହେଉଛି। ସାହାଯ୍ୟ କଲେ ଅଧିକ ଟିକେ ପଢନ୍ତି । ସୁକୁନା ହସିଦେଇ କହିଲା, 'ଆମ କୁଳକୁ ତୁମ ପଢ଼ା ବହୁତ । ପୁଣି ପଢ଼ା ଖର୍ଚ୍ଚ, ସ୍କୁଲ୍ ଯିବାଆସିବା ପାଇଁ ଅସୁବିଧା ଝମେଲା ରହିଛି। ତୁମେ ବାହାରକୁ ଗଲେ ଘର ଖବର ବୁଝିବ-କିଏ ?

ଫୁଲ ବୁଝାଇ ଦେଲା ପଢ଼ାପଢ଼ି ହେବ ପତ୍ର, ଡାକ ମାଧ୍ୟମରେ । ପୁନଶ୍ଚ ହରିଜନ, ଆଦିବାସୀଙ୍କ ପାଇଁ ସରକାର ଖୁବ୍ କମ୍ ଫିସ୍ ନେଇ ବହିପତ୍ର ଯୋଗାଇ ଦିଅନ୍ତି। ସେ ସବୁର ଖର୍ଚ୍ଚ ଉଠାଇ ନେବି ଦୁଇଜଣ ବାବୁଙ୍କ ଘରେ ପାଇଟି କରି ।

ଫୁଲର ପଢ଼ା ପ୍ରତି ଖୁବ୍ ଆଗ୍ରହ, ଉତ୍ସାହ ଦେଖି ସୁକୁନା ମନା କରିନଥିଲା ବରଂ ସାହାର୍ଯ୍ୟର ହାତ ବଢାଇଥିଲା।

ଫୁଲର ପିଲାଦିନ ଗାଁର ସାଙ୍ଗ ରଶ୍ମି ବିଏ ପାସ୍ କରି ବିବାହ କରିଛି ଏକ ଧନୀ ପରିବାରରେ। ଯୁବକଟି ରହେ ଫୁଲ ରହୁଥିବା ବସ୍ତିଠାରୁ ଅଳ୍ପ ଦୂରରେ । ଫୁଲ ରହୁଥିବା ବସ୍ତିର କିଛି ମହିଳା ରଶ୍ମି ଘରେ ସଫା, ବାସନମଜା ଇତ୍ୟାଦି କାମ କରନ୍ତି। ରଶ୍ମିର ବାପାଙ୍କ ନାଁ, ଠିକଣା ଜାଣିଥିବା ଜଣେ କାମବାଲୀ ରଶ୍ମି ବିଷୟରେ ଫୁଲକୁ କହିଥିଲା। ସାଙ୍ଗ ରଶ୍ମି ପାଖାପାଖି ରହିଥିବାର ଖବରରେ ଫୁଲ ଖୁସି ହୋଇ କହିଲା ସେ ପରା ମୋ ସାଙ୍ଗ । ପଢୁଥିଲୁ, ଖେଳୁଥିଲୁ, ସାଙ୍ଗସାଥୀ ହୋଇ ଏକ ସ୍କୁଲରେ। ସେ ଧନୀ ଘରର ଝିଅ ହୋଇଥିବାରୁ ସେ ଏବେ ରାଜାରାଣୀ, ସାଆନ୍ତାଣୀ କିନ୍ତୁ ମନ୍ଦଭାଗ୍ୟ ଯୋଗୁଁ ମୁଁ ଆଜି ଚାକରାଣୀ ।

ଫୁଲ ଯେ ରଶ୍ମି ସାଆନ୍ତାଣୀଙ୍କ ସାଙ୍ଗ ଥିଲା କଥାଟିକୁ କାମବାଲୀ ଦିନେ ଶୁଣାଇଥିଲା ରଶ୍ମି କୁ ।

ରଶ୍ମି ଉପରକୁ ମୁହଁ ଟେକି ଢ଼ିମାଢ଼ିମା ଆଖିରେ ନ ଜାଣିଲା, ନ' ଚିହ୍ନିଲା ଭଳି କହିଲା 'ହଁ ହଁ ଫୁଲ ବୋଲି ଗୋଟେ ଝିଅ ଆମ ଗାଁରେ ଥିଲା । ଗୋଟେ ଆଦିବାସୀ ମୁଣ୍ଡାର ଝିଅ ସେ । ତା ବାପା-ମା'ଆମଘରେ କାମ କରି ଚଳୁଥିଲେ । ସେ ନୀଚ,ଅଛବ, ଅସ୍ପୃଶ୍ୟ ଦରିଦ୍ର ପରିବାରର ଝିଅଟା ମୋର କାହିଁକି ସାଙ୍ଗ ହେବ। ଏମିତି ଦେଖାସାକ୍ଷାତ ହୋଇଥାଏ ଦାଣ୍ଡରେ, ହାଟରେ, ବାଟରେ କହି ବଡ଼ପଣ ଦେଖାଇଲା ।

ଏକଥା ଶୁଣି ଫୁଲ ମନଦୁଃଖ କରେ। ଚୁପ୍ ରହେ । ବାଟରେ ଯେବେ କେବେ ଦେଖାହେଲେ ରଶ୍ମି ଅଜଣା, ଅଚିହ୍ନା ଭଳି ଚାଲିଯାଏ ।

ଏହି ମଧ୍ୟରେ ଫୁଲର ପତ୍ର ବିନିମୟ ପାଠ୍ୟକ୍ରମ ଖୁବ୍ ଭଲ ଭାବରେ ଚାଲିଥିଲା।ବିଏରେ ସୋସିଓଲୋଜି ସମାଜବିଜ୍ଞାନରେ ଅନର୍ସ ନେଇ ପଢେ । ଏଇତ ରହିଲା ମାସ କେତେଟା ଶେଷ ପରୀକ୍ଷା । ମାର୍ଚ୍ଚମାସ ଶେଷରେ ପରୀକ୍ଷାଫଳ ବାହାରିଲା ବିଶ୍ୱବିଦ୍ୟାଳୟ ସୋସିଓଲୋଜି ବିଭାଗ ପତ୍ର ବିନିମୟ ପାଠ୍ୟକ୍ରମରେ ଆଦିବାସୀ ଝିଅ ଫୁଲରାଣୀ ମୁଣ୍ଡା ପ୍ରଥମ ଶ୍ରେଣୀରେ। ପ୍ରଥମ ହେବାର ଖବର ପ୍ରଚାର ହୋଇଗଲା । ଫଟୋ ତା'ର ପ୍ରତ୍ୟେକ ଗଣମାଧମରେ ବାହାରିଗଲା।

ଆଦିବାସୀ, ହରିଜନ, ଅଛବ ଅଛୁଆଁ ରହୁଥିବା ରଶ୍ମି ଭଳି ଲୋକଙ୍କ ମୁହଁରେ କଥା ନ ଥିଲା, ହସ ଲୁଚିଯାଇଥିଲା, ମୁହଁ କଳାକାଠ ପଡ଼ିଯାଇଥିଲା। ଟିଭିରୁ ଖବର ଶୁଣି କେତେକ ସାଙ୍ଗ ପ୍ରଥମେ ସୁକୁନାକୁ ଜଣାଇଥିଲେ। ଖୁସିରେ ଚାହିଁଲେ ହାଣ୍ଡିଆ, ଚିକେନ୍ କଷା ହିଁ ଦବା, କହି ଘରକୁ ଫେରି ଫୁଲଠାରୁ କଥା ସତ ବୋଲି ଜାଣି ଅତି ଖୁସିରେ ଫୁଲକୁ କୋଳେଇ ନେଇ ଏକ ଗାଢ ଚୁମ୍ବନ ଦେଇ କହିଲା,"ତୋ ପାଖରେ ଏତେ ପ୍ରତିଭା, ଅସାମାନ୍ୟ ବୁଦ୍ଧିଥିବାର ମୋତେ ଜଣା ନଥିଲା। ତୁ ଏ ଆଦିବାସୀ ମହିଳାଙ୍କ ମହୁଡ଼ମଣି, ସର୍ବଶ୍ରେଷ୍ଠ ମହିଳା।"

ସେ ବର୍ଷ ଜନରାଜ୍ୟ ଦିବସରେ ଆଦିବାସୀ ମେଳାରେ ମୁଖ୍ୟମନ୍ତ୍ରୀ ଫୁଲକୁ ସମ୍ବର୍ଦ୍ଧନା କରି କହିଲେ,ମହିଳାମାନେ ଶିକ୍ଷିତ ହେଲେ ପରିବାର ଓ ଦେଶର ଅନେକ ଅସୁବିଧା ଦୂର ହେବ। ବିଶେଷତଃ ହରିଜନ, ଆଦିବାସୀ ମହିଳାମାନେ ଫୁଲକୁ ଅନୁକରଣ କରିବା ଆବଶ୍ୟକ। ଦୃଢ ଇଚ୍ଛାଶକ୍ତି ଓ ଉଚ୍ଚ

ଆକାଂକ୍ଷା ହିଁ ମଣିଷକୁ ଶୀର୍ଷ ସ୍ଥାନକୁ ଯିବାପାଇଁ ସାମର୍ଥ୍ୟ, ଯୋଗାଇଥାଏ।ଏହା ଅଲଂଘ୍ୟ ପ୍ରାଚୀର ଅତିକ୍ରମ କରିବାକୁ ସାମର୍ଥ୍ୟ ଦିଏ ।

ଫୁଲ ଦେଖେ ବସ୍ତିର ଅନେକ ପୁଅ ଝିଅ ଅପରିଷ୍କୃତ,ଅପରିଛନ୍ନ,ମଳିନ ପୋଷାକ ପିନ୍ଧି ବୁଲନ୍ତି।ନାନା ଅସାମାଜିକ କାର୍ଯ୍ୟ ମଧ୍ୟ କରନ୍ତି। ସେମାନଙ୍କୁ କି ପ୍ରକାର ସାହାଯ୍ୟ କରି ଭଲ ବାଟକୁ ଆଣିବାର ବାଟ ଖୋଜେ । ମନେମନେ ଅନେକ ଯୋଜନା ପ୍ରସ୍ତୁତ କରେ। ସେ ପଢେ କାନ୍ତ ବାଡ଼,ପଥର ପାଚେରିରେ ଧଳା କାନ୍ତରେ, କଳା ଅକ୍ଷରରେ ଲେଖା-

"ସମସ୍ତେ ପଢ଼ିବେ ସମସ୍ତେ ବଢ଼ିବେ"।

ସେ ଦିନ ମୁହଁ ଖୋଲି ତା'ସ୍ୱାମୀ ସୁକୁନାକୁ କହିଲା 'ହଇଗୋ ଝିଅର ସ୍କୁଲ ଯାଇ ପାଠ ପଢିବା ବୟସ ହେଲା। ମୁଁ ସ୍କୁଲକୁ ନ ଛାଡ଼ି ପ୍ରାଥମିକ ସ୍ତରରେ ପଢ଼ାଇବି । ଏହା ସହ ତା ବୟସର ଏଣେତେଣେ ବୁଲୁଥିବା ପୁଅ ଝିଅଙ୍କୁ ପଢ଼ାଇବି। ଏଥିପାଇଁ ଅର୍ଥ ଆବଶ୍ୟକ ନାହିଁ। ବିଦ୍ୟାଦାନ ମହାପୁଣ୍ୟ ଜାଣଟି....?

ସୁକୁନା ହସି ଦେଇ କହିଲା କ'ଣ କରୁଛୁ ମୁଁ ଦେଖେ।

ଫୁଲ ଆଉ ପଛକୁ ଫେରିଲାନି।ତା ଜୀବନର ଲକ୍ଷ୍ୟ, ଉଦ୍ଦେଶ୍ୟକୁ ଚରିତାର୍ଥ କରିବା ପାଇଁ ବସ୍ତିର କେତେକ ପିତାମାତାଙ୍କ ସହ ଯୋଗାଯୋଗ କରି କେତେଗୁଡିଏ ଛୋଟ ପୁଅଝିଅଙ୍କୁ ପାଖ ବରଗଛ ମୂଳରେ ଥିବା ପିଣ୍ଡାରେ ବସି ବର୍ଣ୍ଣବୋଧ ଶିକ୍ଷା ଦେଲା । ପିଲାଙ୍କ ସଂଖ୍ୟା ବଢିଲା। ଲୋକମାନେ ପାଖ ପଡ଼ିଆରେ ଛୋଟ ଚାଳିଆଟିଏ କରିଦେବାରୁ ପିଲାମାନେ ଖରାବର୍ଷାରୁ ରକ୍ଷା ପାଇଲେ। ଏହା ପାଖ ସୁବର୍ଣ୍ଣ ଧନୀ, ହୋଟେଲ ମାଲିକଙ୍କ ଗାତ୍ର ଦାହ ହେଲା,କାରଣ ଯେଉଁ ପିଲାମାନେ ସେମାନଙ୍କ ଘରେ ଭୁଜା,ମୁଢି ଚା ଟିକିଏ ଖାଇ ବାସନ ମାଜୁଥିଲେ, ଝାଡୁ ମାରୁଥିଲେ, ସେମାନେ ଚାହାଳିକୁ ଆସିବାରୁ ତାଙ୍କର କାମ ଅଟକି ଗଲା,ବାଧାପ୍ରାପ୍ତ ହେଲା।ଏଣୁ ଫୁଲ ବିରୋଧରେ ସ୍ୱର ଉତ୍ତୋଳନ କରି କହିଲେ, "କେଉଁ ଅପହଞ୍ଚ ବଣ, ଜଙ୍ଗଲରୁ ହୁଣ୍ଡା,ମୁଣ୍ଡା ଜାତିର ମାଇକିନାଟା ଆସି ଆମକୁ ପାଠପଢ଼ାଇବେ ? ଏଥିରେ ଝିଅ ଯୋଡ଼ିଲେ,କଥାଟା ବଢେଇ ବଙ୍କୁ ସାହୁ ବରା,ପକଡ଼ି,ଜିଲାପି,ଚା' ଦୋକାନୀ କହିଲେ ଏତେ ବ୍ରାହ୍ମଣ,କରଣ ଖଣ୍ଡେଇତ ଥାଉଥାଉ ଅଛବ, ଅଛୁଆଁ ସ୍ତ୍ରୀ ଜାତିର ଟିରିଲାଟି ଆମ ପିଲାଙ୍କୁ ଜ୍ଞାନ ଦେବ, ପାଠ ପଢେଇବ। ଛିଃ ତମ ପୁରୁଷପଣିଆକୁ କହି ତତେଇ ମତେଇଲା। କେତେକ ମୋହତଖିଆ, ଗୁଣ୍ଡାଳିଆ ଟୋକାଙ୍କୁ ଗରମ ବରା ଚା କିଛି ଦିନ ଖୁଆଇଲା।

ଫୁଲ ଶୁଣେ ନିରବ ରହେ। ସେ ଜାଣେ କିଛି ସୁବିଧାବାଦୀ ଧନୀ ବାହୁବଳୀ ବୁଦ୍ଧି ବଳରେ ଦେଶର ସମ୍ପତ୍ତି ଭୋଗନ୍ତି। ଅନ୍ୟଙ୍କୁ କ୍ରୀତଦାସ, ଦାଦନ, ଗୋତି, ଶ୍ରମିକ ଭାବେ ଖଟାନ୍ତି। ଅଛୁଆଁ ଅଛବ କହି ଦୂରେଇ ରଖି ନାନା ନିଷ୍ଠୁର କଠୋର ଭାବେ ଶାସନ କରନ୍ତି। ଏଣୁ ଯୁଗ ଯୁଗ ଧରି ନାନା ଦୁଃଖ ଜଞ୍ଜାଳ ଅଶାନ୍ତିରେ ଏହି ଏହି ତଥାକଥିତ ଅଛବଗୁଡ଼ା ଜୀବନ ବିତନ୍ତି। ଉତ୍ପୀଡ଼ନ, ଅତ୍ୟାଚାର,ନିର୍ଯ୍ୟାତନା ସାହିବା ସତେ ଯେପରି ସେମାନଙ୍କ ଜୀବନ ଜାତକରେ ଈଶ୍ୱର ଲେଖିଦେଇଛନ୍ତି। କିଛି ଲୋକଙ୍କର ଘୃଣା କଟୁକ୍ତି ଅରୁଚି ଆଚରଣ ମଧରେ ସେହି ଅଶିକ୍ଷିତ ଦରିଦ୍ରଙ୍କ ଭିତରେ ସୁପ୍ତି ଜ୍ଞାନଦୀପ ଜାଳିବାକୁ ମନସ୍ତ କଲା ଫୁଲ। ସମସ୍ତ ସହଯୋଗ କାମନା କରି ଶିକ୍ଷା

କାର୍ଯ୍ୟକ୍ରମ ଆଗେଇ ନେଲା। ଆଗାମୀ କାଲିର ଫୁଟୁଥିବା ଫୁଲଗୁଡ଼ିକ ଅକାଳରେ ଯେପରି ଝଡ଼ି ନପଡ଼ନ୍ତି ତା' ନୈତିକ କର୍ତ୍ତବ୍ୟ ଦୃଷ୍ଟିରୁ ତାକୁ ଦେଖିବାକୁ ହେବ। କୁନିକୁନି ପିଲାଙ୍କ ହାତ ଧରି ସେମାନଙ୍କୁ ଅନ୍ଧାରରୁ ଆଲୋକକୁ ଆଣିବ। ଜ୍ଞାନରଥକୁ ଆଗେଇ ନେବାକୁ ହେବ ମନସ୍ଥ କରି କର୍ତ୍ତବ୍ୟ ପଥରେ ଆଗେଇଲା ଫୁଲ ।

ଫୁଲ ଗରିବ, ହରିଜନ, ଆଦିବାସୀ ପିଲାଙ୍କୁ ବିନା ପାରିଶ୍ରମିକରେ ଶିକ୍ଷାଦାନ କରୁଥିବା ପ୍ରଚାର ହେଲା ବିଭିନ୍ନ ଗଣମାଧମରେ । ସତ୍ୟାସତ୍ୟ ଜାଣି ବିପୁଳ ପରିମାଣର ଅର୍ଥ ସୁଅ ଛୁଟିଲା। ସେ ଅର୍ଥରେ ଓ ସରକାରଙ୍କ ସାହାଯ୍ୟରେ ବିରାଟ ଆବାସିକ ବିଦ୍ୟାଳୟ ଗଢି ଉଠିଲା ଏ ସହରର ଉପାନ୍ତରେ ।

ସ୍ୱାମୀ ସୁକୁନାର ସାହାଯ୍ୟ ନେବାରୁ କାର୍ଯ୍ୟକ୍ରମ ଅଧିକ ସହଜ ହେଲା। ସରକାର ମହାମନା, ଉଚ୍ଚାଭିଳାଷୀ,ମନସ୍ୱିନୀ, ଆଦିବାସୀ ମହିଳା ତୁଳସୀ ମୁଣ୍ଡାଙ୍କ ଭଳି ପଦ୍ମଶ୍ରୀ ଉପାଧିରେ ଭୂଷିତ କରିବା ପାଇଁ ଫୁଲ ନାଁ କେନ୍ଦ୍ରକୁ ଅନୁମୋଦନ କରିଥିବାର ସମ୍ବାଦ ପ୍ରକାଶ ପାଇଲା।

ରଶ୍ମି ଗୃହରେ କାମବାଲୀ ଦିନେ ପଚାରିଲା ମା' ସାହାନ୍ତାଣୀ ତୁମ ଗାଁର ସେ ଆଦିବାସୀ ଝିଅ ଫୁଲ କଥା ଶୁଣିଛ ? ଆମ ବସ୍ତିରେ ସମସ୍ତଙ୍କ ମୁହଁରେ ତା'ରି କଥା । ସେ ବିଦ୍ୟାଦେବୀ, ସରସ୍ୱତୀ ଠାକୁରାଣୀ । ତା'ପାଖରେ ଯିଏ ପଢେ ସେ ହୋଇଯାଏ ପଣ୍ଡିତ ।

ରଶ୍ମି ଶୁଣୁଥିଲା। ମୁଣ୍ଡ ଟୁଙ୍ଗାରି କହିଲା,'ତୁ ଯାଇ ଦି ଅକ୍ଷର ତା'ପାଖରେ ପଢି ପଣ୍ଡିତିଆଣୀ ହୋଇଯା'। ହସି ଦେଇ କାମ ବାଲୀଟା କହିଲା 'ନାଇଁଗୋ ମା' ପଢିବା ବୟସ ମୋର କ'ଣ ଅଛି ? ନାତିଟୋକାକୁ ପଠାଉଛି। ସେ ଫୁଲ ମାଷ୍ଟରାଣୀ କଥା ସବୁବେଳେ କହେ ।

ରଶ୍ମି ମନଦୁଃଖ କରି କହିଲା ବୁଝିଲୁ ରମ୍ଭା ମୁଁ ନିଜକୁ ଆତ୍ମଗର୍ବରେ ଧନୀ ଓ ଉଚ୍ଚବର୍ଗର କନ୍ୟା ଭାବୁଥିଲି । ପ୍ରକୃତରେ ଫୁଲ ପିଲାଦିନେ ମୋର ଅତି ଘନିଷ୍ଠ, ଅନ୍ତରଙ୍ଗ, ନିକଟତର ବାନ୍ଧବୀ ଥିଲା । ମୋତେ ଏହା ନୁହେଁ ଅନ୍ୟମାନଙ୍କୁ ପାଠରେ,ଖେଳରେ ସେ ସାହାଯ୍ୟ କରିଥିଲା। ବୟସ ବୃଦ୍ଧିରେ ମନରେ ଛୋଟବଡ଼, ଧନୀ ଗରିବ, ଜାତି ଅଜାତି ଭଳି ହୀନତ୍ୱ ନୀଚତା,ନ୍ୟୁନତା ପଶି ମନକୁ କଳୁଷିତ କରିଛି ମୋର । ଦୁନିଆରେ କେହି କମ୍ ନୁହେଁ।ସୁଯୋଗ ସୁବିଧା ପାଇଲେ ନିଜ ବୃଦ୍ଧି, ଜ୍ଞାନ ଶ୍ରମ ବଳରେ ନୀତ,ଅଛବ ସମାଜରେ ଉଚ୍ଚସ୍ଥାନ ଅଧିକାର କରିପାରିବାର ବହୁ ଉଦାହରଣ ରହିଛି।

ରମ୍ଭା ମନେପକାଇ 'ଫୁଲକୁ ମୋ କଥା କହିବୁ' । ଫୁଲ ସହ ସାକ୍ଷାତ ପାଇଁ ଅପେକ୍ଷା କରି ରହିଲା ରଶ୍ମି ..........

# ସ୍ତ୍ରୀ ଚାଳିଶା...



**ବିଭୂତି କୁମାର ପଣ୍ଡା**

ନିମାପଡା, ପୁରୀ

**ବି**ଷର୍ଣ୍ଣ ଓ ବିମର୍ଷ ବଦନରେ ନିଜ ଦୋକାନରେ ବସିଥାନ୍ତି ସୁବୋଧ ବାବୁ | ଧର୍ମପତ୍ନୀ ଗୌରୀ ଦେବୀଙ୍କ ସହ ସାମାନ୍ୟ କଥାରୁ ମତାନ୍ତର ହେବାରୁ ବଡ ଧରଣ ର କଳହ ହୋଇ ଗଲା ଆଜି | ଆଉ, ସେଥିପାଇଁ ରାଗରେ ନଖାଇ ନପିଇ ଘରୁ ପଳାଇ ଆସି, ମୁହଁ ଏଡ଼େ ବଡ କରି ଦୋକାନ ରେ ବସିଥାନ୍ତି ସେ | ମନ କୁ ମନ ଚିଡିଚିଡି ହୋଇ ଗୁଣୁଗୁଣୁ ହେଇ କହୁଥାନ୍ତି, କାଇଁ ବାହା ହଉ ଥିଲି କେଜାଣି !!! ବହୁତ ଭଲ ରେ କଟୁଥିଲା ଅବିବାହିତ ଜୀବନ !!!

ମନ ତାଙ୍କର ଫେରି ଯାଉଥିଲା ଅଫେରା ଅତୀତ ରାଇଜକୁ | ବାପା ମା' ଙ୍କ ଇଛାରେ ସିଧା ସାଧା ଝିଅ ଟେ ଦେଖି, ବାହା ହେଇ ଥିଲେ ସେ | ଧର୍ମପତ୍ନୀଙ୍କର ନାମ ଗୌରୀ ଦେବୀ | ନାଁ ଯେପରି, ରୁପ ମଧ୍ୟ ସେପରି | କୋଉ ଅପ୍ସରୀ ଠାରୁ କମ୍ ନୁହଁ ! ସହଜରେ ପାଟିରୁ ବଚନ ବାହାରୁ ନ ଥିଲା | ଆଉ ଯଦି କେବେ ବାହାରୁ ଥିଲା ପଦେ ଅଧେ ତ, ଆଃ କି ମଧୁରତା ଭରି ରହି ଥିଲା ସେ ଶବ୍ଦ ରେ !! ପୁରା କୋକିଳର କଣ୍ଠସ୍ୱର ପରି ଶୁଭୁ ଥିଲା | କୁଆଡେ ଗଲା ସେ କୋକିଳର କୁହୁ ତାନ !!!

ଦିନଥିଲା ଧର୍ମପତ୍ନୀଙ୍କ ବୀଣାଜିଣା ସୁଲଳିତ କଣ୍ଠ ରୁ ପଦେ ଅଧେ ମିଠା ଗାଳି ଶୁଣିବା ପାଇଁ ଜାଣି ଶୁଣି ବେଳେ ବେଳେ ଚିଡାଉ ଥିଲେ ସେ ଗୌରୀଙ୍କୁ | ହେଲେ ବାହାଘର ର ତିନି ବର୍ଷ ପରେ ସମ୍ପୂର୍ଣ୍ଣ ଦୃଶ୍ୟପଟ୍ଟ ପରିବର୍ତ୍ତନ ହେଇ ସାରିଛି |ଧର୍ମପତ୍ନୀଙ୍କର ସୌମ୍ୟ ସ୍ନିଗ୍ଧ ମହାଗୌରୀ ସ୍ୱରୂପ ଏବେ ବେଳେବେଳେ ପରିବର୍ତ୍ତିତ ହୁଏ ମା ମହାକାଳୀଙ୍କ ରୂପରେ | ଆଉ ବିକଟାଳ ଘଡଘଡି ଗର୍ଜନରେ ତ୍ରସ୍ତ ହୋଇ ଉଠନ୍ତି ସୁବୋଧ ବାବୁ | ସେଥିପାଇଁ ସକାଳୁ ଉଠିଲେ ପ୍ରତିଦିନ ସେ ସ୍ତ୍ରୀ ଚାଳିଶା ପାଠ କରନ୍ତି | ହେଲେ ଆଜି ସାମାନ୍ୟ କଥାରେ ମତାନ୍ତର ହେବାରୁ, ମା ତ୍ରିପୁରା ସୁନ୍ଦରୀଙ୍କର କାଳରାତ୍ରି ରୂପ ଦର୍ଶନ କରି, ରାଗରେ ଅଖିଆ ଅପିଆ ଦୋକାନ କୁ ପଳେଇ ଆସିଛନ୍ତି ସୁବୋଧ ବାବୁ | ଆଉ ବୁଡି ଯାଇଛନ୍ତି ନିଜ ଭାବନା ରାଇଜରେ.

ହଟାତ ଫୋନ ରିଙ୍ଗ ହେବାରୁ, ଭାବନା ରାଇଜରୁ ଫେରିବାକୁ ବାଧ ହେଲେ ସୁବୋଧ ବାବୁ | ଅଜଣା ନମ୍ବର ଦେଖି ରିସିଭ କରିବେ କି ନ କରିବେ ଭାବୁ ଭାବୁ, ବିରକ୍ତି ରେ ଫୋନ ରିସିଭ କଲେ |

ସେପଟୁ ଏକ ଅପରିଚିତ ନାରୀ ର ସୁଲଳିତ ସୁମଧୁର କଣ୍ଠ ସ୍ୱର ଭାସି ଉଠିଲା |

ହେଲୋ .....

ଚମକି ପଡିଲେ ସୁବୋଧ ବାବୁ | ନିଷ୍ପ୍ରାଣ ଶରୀରରେ ତାଙ୍କର ପ୍ରାଣ ସଞ୍ଚରି ଗଲା ସତେ ଯେପରି !! ତୃଷାର୍ତ୍ତ ପଥିକଟିଏ ଜଳ ବୁନ୍ଦେ ପାଇଲା ପରି, ଏକ ଅଜଣା ଆନନ୍ଦରେ ମନ ତାଙ୍କର ନାଚି

ଉଠିଲା, ଅଦିନିଆ ବର୍ଷାର ଆଗମନରେ ଅତିଶୟ ଆନନ୍ଦରେ ମୟୂରୀଟିଏ ନୃତ୍ୟ କଲା ପରି !! ସବୁ ଦିନେ ପତ୍ନୀଙ୍କର କିଳିକିଳା ରଡି ଶୁଣି ଶୁଣି କ୍ଷତ ବିକ୍ଷତ ହେଇ ଯାଇ ଥିବା କାନରେ ତାଙ୍କର ସତେ ଯେପରି ମଲମ କିଏ ଲଗାଇ ଦେଉଥାଏ .... କିନ୍ତୁ ବାରି ପାରୁ ନ ଥାନ୍ତି ଅପରିଚିତ ଯୁବତୀ ଜଣକର କଣ୍ଠସ୍ୱର କୁ | ତେଣୁ ନିଜର ଭାବାବେଗ କୁ ଦମନ କରି ପଚାରିଲେ

- କିଏ କହୁଛନ୍ତି ??

- ମୁ ମୋହିନୀ, କହୁଛି ଅମୁକ କମ୍ପାନୀ ରୁ | ଆମ କମ୍ପାନୀ ତରଫରୁ ଏକ ଲକି ଡ୍ର ହୋଇଥିଲା, ଯୋଉଥିରେ ଆପଣ ବିଜେତା ହୋଇଛନ୍ତି | ପୁରସ୍କାର ସ୍ୱରୂପ, ଏକ ଲକ୍ଷ ଟଙ୍କାର ଅର୍ଥ ରାଶି ଆପଣ ଜିତିଛନ୍ତି | ଆମେ ଆପଣ ଙ୍କ ମୋବଇଲ କୁ ଏକ ଲିଙ୍କ ପଠାଉଛୁ | ଆପଣ ଲିଙ୍କ ଟି କୁ କ୍ଲିକ କରି ଡାଉନଲୋଡ଼ କରନ୍ତୁ |

ସୁବୋଧ ବାବୁ ତ ପ୍ରଥମରୁ ସେ ଅପରଚିତା ନାରୀ ର କଅଁଳ ଶବ୍ଦର ଯାଦୁରେ ବିମୋହିତ ହୋଇ ଯାଇ ଥିଲେ, ତା ପରେ ପୁଣି ଏକ ଲକ୍ଷ ଟଙ୍କା ପୁରସ୍କାର ଖବର ଶୁଣି ଲାଗୁଥାଏ ସତେ ଯେପରି ସରଗର ଚାନ୍ଦ ତାଙ୍କ ହାତ ମୁଠାରେ ଆଜି ଆପେ ଆପେ ଆସି ଧରା ଦେଇଛି !!! ମନ ତାଙ୍କର ଆଉ ତାଙ୍କ ଆୟତ୍ତ ରେ ନଥାଏ | ଗଗନ ପବନ ରେ ଉଡୁଥାଏ | ଅଣାୟତ୍ତ ମନଟାକୁ ବହୁତ କଷ୍ଟେ ମଷ୍ଟେ ଟାଣି ଓଟାରି ସୁବୋଧ ବାବୁ ପଚାରିଲେ, ଡାଉନଲୋଡ଼ କଲା ପରେ କଣ କରିବି ? ସେ ପଟୁ ଉତ୍ତର ଆସିଲା, ଆପଣ ପ୍ରଥମେ ଡାଉନଲୋଡ଼ କରନ୍ତୁ | ତା ପରେ ଆମେ ପୁଣି ଆପଣ ଙ୍କୁ ଯୋଗାଯୋଗ କରିବୁ, ଏତିକି କହି ସେପଟୁ ଫୋନ କଟି ଗଲା |

ଅତଧିକ ଆଗ୍ରହ ରେ ସୁବୋଧ ବାବୁ ଲିଙ୍କ୍ ଟି ଡାଉନଲୋଡ଼ କରି ନିଜର ସବୁ detail ଦେଇଦେଲେ | କିଛି ସମୟ ପରେ ଟିକ ଟିକ ଶବ୍ଦ କରି, ତାଙ୍କ ମୋବଇଲ କୁ ଏକ ମେସେଜ ଆସିଲା | ଆଉ ସଂଗେ ସଂଗେ ସେପଟୁ ସେଇ ଅପରାଚିତ ନାରୀ ର ଫୋନ | ଫୋନ ଉଠେଇବାକୁ ଯାଉଛନ୍ତି ତ, ସୁବୋଧ ବାବୁଙ୍କର ନଜର ପଡିଲା ଧର୍ମପତ୍ନୀ ଆସୁଛନ୍ତି ମା ଶାକମ୍ଭରୀଙ୍କ ବେଶ ରେ ତାଙ୍କ ପାଇଁ ଜଳଖିଆ ଧରି | ପତ୍ନୀ ଦେବୀଙ୍କୁ ଦେଖି ଫୋନ ଟି କାଟିଦେଇ ଡ୍ରୟାରରେ ଫୋନ ରଖି ଦେଲେ ସେ | ମା ଅର୍ଣ୍ଣପୂର୍ଣ୍ଣା ଭୋଜନ ପରଷିବା ସମୟରେ ଫୋନ ଟି ବାରମ୍ବାର ବାଜୁଥାଏ କିନ୍ତୁ ସୁବୋଧ ବାବୁ ଡ଼ରିକି ରିସିଭ କରୁ ନ ଥାନ୍ତି, କାରଣ ଯୋଉ କ୍ଷତାକ୍ତ କାନ ରେ ଏବେ ମଲମ ଟିକେ ବୋଳା ହେଇଚି, ସୁମଧୁର ନାରୀ କଣ୍ଠ ଶୁଣି ସେଥିରେ ଗରମ ସୀସା ଢଳା ହେବାକୁ ବେଶି ସମୟ ଲାଗିବନି | ବାରମ୍ବାର ରିଙ୍ଗ୍ ହେଉ ଥାଏ କିନ୍ତୁ ସୁବୋଧ ବାବୁ ଫୋନ ନ ଉଠାଇବାର ଦେଖି, ପ୍ରଶ୍ନ ପରେ ପ୍ରଶ୍ନ ପଚାରି ଚାଲିଲେ ଗୌରୀ ଦେବୀ |

କିଏ ସେ ? କଣ ପାଇଁ ଏତେ ଥର କଲ କରୁଛି ରିସିଭ କାଇଁ କରୁନ, ଇତ୍ୟାଦି ....... ? ଗୌରୀ ଦେବୀ ଙ୍କ ଅପ୍ରତିହତ ପ୍ରଶ୍ନ ବାଣ ସବୁର ବେଶି ସମୟ ସମ୍ମୁଖୀନ ହୋଇ ପାରିଲେନି ସୁବୋଧ ବାବୁ |

ଆଉ ସବୁ ସତ କଥା ଉଗାଳି ଦେଲେ | ଝିଅ ଟେ କଲ କରୁଛି ଆଉ ଆମର ଏକ ଲକ୍ଷ ଟଙ୍କା ଲଟେରୀ ଉଠିଛି ବୋଲି | ସବିସ୍ତାରେ ବର୍ଣ୍ଣନା କରି ଚାଲିଲେ ନିଜର ଉଜ୍ଜ୍ୱଳ ଭାଗ୍ୟର କମାଲ | ଆଗାମୀ ଦିନର ସୁ-ମଧୁର ପରିକଳ୍ପନାରେ ଆଖି ତାଙ୍କର ଯେତିକି ଚିକମିକ କରି ଉଠୁଥାଏ ସେତିକି ମାତ୍ରାରେ ଦାନ୍ତ ଚିପି ଗମ୍ଭୀର ହୋଇ ଉଠୁଥାନ୍ତି ଗୌରୀ ଦେବୀ | ମା ଅର୍ଣ୍ଣପୂର୍ଣ୍ଣା ଦେବୀ ଙ୍କ ର ପରିବର୍ତ୍ତିତ ମୁଖ ମଣ୍ଡଳ ଦେଖି ସୁବୋଧ ବାବୁ ଅନୁମାନ କରି ପାରୁ ନ ଥାନ୍ତି ଏବେ କେଉଁ ଅବତାର ମା' ନେବେ !!!

ହଟାତ ଫୋନ ଟି ରିସିଭ କଲେ ସ୍ୱୟଂ ମା' କାତ୍ୟାୟିନୀ, ମାନେ ସ୍ୱୟଂ ଗୌରୀ ଦେବୀ | ସେପଟୁ ସୁଲଳିତ କଣ୍ଠ ସ୍ୱର ଭାସି ଉଠିଲା,

-ଆପଣ ଙ୍କ ମୋବଇଲ ରେ ଯାଇଥିବା OTP ନମ୍ବର ଟିକୁ forward କରନ୍ତୁ. ଆମେ ଆପଣ ଙ୍କ account କୁ ଏକ ଲକ୍ଷ ଟଙ୍କା ପଠେଇ ଦେବୁ |

ଗର୍ଜି ଉଠିଲେ ମା ଉଗ୍ରତାରା |

- କିଏ ରେ ତୁ ? କେବେ ଠାରୁ ଏ ଧନ୍ଦା ଚଳେଇଛୁ ?

ହେଲେ କିଛି ମୁହୂର୍ତ୍ତର ନୀରବତା ପରେ, ସେପଟୁ ଖାଲି ଶୁଣାଗଲା, କେବେ ଠାରୁ..... ଆଉ ହଟାତ ସେପଟୁ କଲ ଟି ବିଛିନ୍ନ ହୋଇ ଯାଇ ଥିଲା | ତାପରେ ଉଭୟ ସ୍ୱାମୀ ସ୍ତ୍ରୀ ଯେତେ ସେ ନମ୍ବର କୁ ଯୋଗାଯୋଗ କରିବାକୁ ଚେଷ୍ଟା କଲେ, ଆଉ ଯୋଗାଯୋଗ ସମ୍ଭବ ହୋଇ ପାରିଲାନି | ସୁଇଚ ଅଫ ଦେଖାଇଲା |

ଆରକ୍ତ ନୟନ ରେ ଗୌରୀ ଦେବୀ ସୁବୋଧ ବାବୁଙ୍କୁ ଅନାଇ ଗର୍ଜି ଉଠିଲେ, କେବେ ଆଉ ବୁଦ୍ଧି ଶୁଦ୍ଧି ହେବ ? ଏତେ ପ୍ରଚାର ପ୍ରସାର ହେଉଛି ଯେ, କାହାକୁ ବି ଫୋନ ରେ ନିଜର ବ୍ୟାଙ୍କ ଡିଟେଲସ ଦେବନି | ହେଲେ ତୁମର ତ ସେଗୁଡା ଦେଖିବାକୁ ସମୟ ନ ଥିବ.... ନାରୀ କଣ୍ଠ ଶୁଣି ବାଇଆ ହେଇଗଲ....

ହତବମ୍ବ ସୁବୋଧ ବାବୁ ଅନ୍ୟ ଉପାୟ ଆଉ କିଛି ନ ପାଇ ଆରମ୍ଭ କଲେ ସ୍ତ୍ରୀ ଚାଳିଶା | ଧୀରେ ଧୀରେ ବିମୋହିତ ହୋଇ ଗୌରୀ ଦେବୀ ଶାନ୍ତ ପଡି ଆସି କହିଲେ, ଆଉ ଯେମିତି ଏପରି ଭୁଲ ନ' କର... ମୁ ଆସି ନ ଥିଲେ, ଏବେ ଏକ ଲକ୍ଷ ପାଇବା ତ ଦୂରର କଥା, ଏକ ଲକ୍ଷ ଟଙ୍କା ଠକେଇ ର ଶିକାର ହୋଇଥାନ୍ତ | ବ୍ୟାଙ୍କ, ଥାନା କୁ ଦଉଡି ଥାନ୍ତ .... କହି ଗର ଗର ହେଇ ଚାଲି ଗଲେ.

କରୁଣ ନୟନ ରେ ଧର୍ମପତ୍ନୀଙ୍କର ଯିବା ପଥ କୁ ଚାହିଁ ରହିଥାନ୍ତି ସୁବୋଧ ବାବୁ | ହଟାତ ପଛକୁ ବୁଲି ପଡି ଗୌରୀ ଦେବୀ ସ୍ୱାମୀ ଙ୍କୁ ଚାହିଁ ହସି ଦେଇ କହି ଉଠିଲେ, ଶୀଘ୍ର ଆସିବ ହେରି, ଖାଇବାକୁ... ସେ ରାଗ ରୁଷା ଛାଡ଼ | ସୁବୋଧ ବାବୁ ଙ୍କ ଆଖି ରେ ଗୌରୀ ଦେବୀଙ୍କ ମୁହଁ ଟି ଦିଶୁ ଥିଲା ମା ସିଦ୍ଧିଦାତ୍ରୀଙ୍କର ତେଜଦୀପ୍ତ ବରଦ ମୁଖ ମଣ୍ଡଳ ପରି | ଅଭୟ ମୁଦ୍ରାରେ ଦଣ୍ଡାୟମାନ ମା ଗୌରୀ ସତେ ଯେପରି ତାଙ୍କର ସୁରକ୍ଷା ନିମିତ୍ତ ସଦା ଜାଗ୍ରତ....

*ପ୍ରତିଟି ମଣିଷ ଭୁଲ କରେ।। ଭୁଲ କରିବା ମଣିଷର ପ୍ରବୃତ୍ତି।। ତାଙ୍କୁ ଆଉ ଗୋଟେ ସୁଯୋଗ ମିଳିବା ଉଚିତ୍।। ସେ ନିଶ୍ଚୟ ନିଜର ବଳିଷ୍ଠ ଲେଖା ମାଧ୍ୟମରେ ତାଙ୍କ ଭୁଲର ପ୍ରାୟଶ୍ଚିତ କରିବେ ବୋଲି ମୋର ଆଶା।...*

*ଦଣ୍ଡିବା ଶକ୍ତି ଯା'ର ଥାଇ ସେ ପୁଣି କ୍ଷମା ଆଚରଇ।।*

*କ୍ଷମା କରିବା ହିଁ ସବୁଠୁଁ ଭଲ ହେବ।।*

ଭଲ ଗୋଟେ ମାତୃଭାଷା କିସ ହେବ ଭାଇ,

ଚଳିଯାଉଅଛି କାମ ରୁଣ୍ଡାଇପୁଣ୍ଡାଇ।

କୁକୁର କି ପାଇଁ ଗୋଟେ ବନାଇବ ଘର,

ଚାଟିବୁଲେ ବାରମିଶା ଅଇଁଠା ପତର।।

-: ଫକୀର ମୋହନ ସେନାପତି

# ମା' ପାଇଁ ଚିଠି ଟିଏ...



**ସାଗର ସାହୁ**
ଚଣ୍ଡିଖୋଲ , ଯାଜପୁର

**ମା**' ଶୁଣ ମା' ଆଜି ତୁମରି ଉଦେଶ୍ୟରେ ହିଁ କିଛି କଥା କହୁଛି....

ତୁମେ ବି ଜାଣିବା ଦରକାର ମୋ ଜୀବନରେ କେତେ ଦୁଃଖ ଦୁର୍ଦ୍ଦଶା ଭରିରହିଛି | ମତେ ତୁମେ ଜନ୍ମ ଦେଇ ଏ ପୃଥିବୀକୁ ଆଣିଥିବାରୁ ତୁମକୁ ଅନେକ ଅନେକ ଧନ୍ୟବାଦ, କିନ୍ତୁ ଏଠି ନିଜକୁ କେତେ ଅସହାୟ ଅନୁଭବ କରୁଛି ସେ କଥା ତୁମକୁ ଜଣା ଅଛି କି ନାହିଁ ମୁଁ ଜାଣିନି, କିନ୍ତୁ ତାହା ତୁମର ଜାଣିବା ନିହାତି ଦରକାର ମା |

ମା, ଏ ମାଟିରେ ଜୀବନ ନେଇ ବଞ୍ଚିବା କୁ ହେଲେ କେତେ ଯନ୍ତ୍ରଣା ଭରିରହିଛି ତୁମକୁ କଣ ଅଜଣା ଥିଲା? ନା ତୁମେ ତୁମେ ସ୍ୱାର୍ଥ ପାଇଁ ମୋ କଥା ଚିନ୍ତା କରିଲନି ? ମତେ ଜନ୍ମ ଦେଇ କଣ ପାଇଁ ଏ ଅସହ୍ୟ ଯମ ଯନ୍ତ୍ରଣା ମୁହଁକୁ ଠେଲି ଦେଲ ? ତୁମରି ଗର୍ଭରୁ ବାହାରି ଏ ମାଟି ଉପରେ ପାଦ ଥାପିବା ପର ଠାରୁ ପୁଅ ଠୁ ଆରମ୍ଭ କରି ପୁରୁଷ ପର୍ଯ୍ୟନ୍ତ ଏଠି କେତେ ଯେ ଦୟନୀୟ ତଥା କରୁଣ ଯନ୍ତ୍ରଣା କୁ ମୁଣ୍ଡରେ ମୁଣ୍ଡେଇ ଛାତି ତଳେ ଅସହ୍ୟ ବେଦନାକୁ ଚାପି ଧରି ଜିବନକୁ ଜୀବିତ କରି ରଖନ୍ତି ତୁମେ କଣ ଜାଣିନ?

ଆଉ ସେତକ ଜାଣିବା ପରେ ବି ଯଦି ତୁମେ ମାତୃତ୍ୱ କୁ ତୁମ ନାରୀତ୍ୱ ର ସର୍ବସ୍ୱ ମନେ କରି ମତେ ଜନ୍ମ ଦେଇଥାଅ ତେବେ ମୁଁ ତୁମକୁ କଣ ସମ୍ବୋଧନ କରିବି ? ଆମେ ପୁଅ ଝିଅ ସମସ୍ତେ ଦେଶର ନାଗରିକ | ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କୁ ସମାନ ଅଧିକାର ଦେଇଛି ଆମ ସମ୍ବିଧାନ କିନ୍ତୁ ତାହା କେତେ ପାଳନ ହଉଛି | ତାହା କଣ କେବେଳ ଆମ ପରୀକ୍ଷା ଖାତାରେ ଲେଖିବା ପାଇଁ ଉଦ୍ଦିଷ୍ଟ? ମାତୃତ୍ୱର ମହନୀୟତା ପ୍ରାପ୍ତି ପାଇଁ ଜନନୀ ଗର୍ଭରେ ଭ୍ରୁଣ ଟିଏ ସଞ୍ଚରି ଦେଲା ବେଳେ ଈଶ୍ୱର ତ କୌଣସି ପାର୍ଥକ୍ୟ କରିନାହାନ୍ତି | ଜନନୀର ଗର୍ଭ ଫାଡି ପୃଥିବୀର ନୂତନ ସୂର୍ଯ୍ୟାଲୋକ ଦେଖିବାକୁ ପ୍ରୟାସ କରୁଥିବା ସମୟରେ କନ୍ୟା ସନ୍ତାନ ଓ ପୁତ୍ର ସନ୍ତାନ ପାଇଁ ଜନନୀ କୁ କମ ବେଶୀ ପ୍ରସବ ଯନ୍ତ୍ରଣା ସହିବାକୁ ପଡେ କି? ତେବେ କାହିଁକି ଏତେ ପାତର ଅନ୍ତର କାହିଁକି ଏତେ ଉଚ୍ଚନୀଚ ? ହେ ସରକାର ତୁମେ ଉତ୍ତର ଦିଅ , ଚାରିଆଡେ ଡେଙ୍ଗୁରା ପିଟି କହୁଛ ପୁଅ ଝିଅଙ୍କୁ ସମାନ ଅଧିକାର ମିଳିଛି କେଉଁ ସମାନ ଅଧିକାର ଦେଇଛ ମତେ ଜଣାନ୍ତୁ | ପ୍ରଥମେ ଯେତେବେଳେ ଶିଶୁ ଟିଏ ଜନନୀ ଗର୍ଭରୁ ଭୂପୃଷ୍ଠ କୁ ସ୍ପର୍ଶ କରୁଛି ସେଇ ମୁହୂର୍ତ୍ତରୁ ଆପଣ ପୁତ୍ର ଶିଶୁ କନ୍ୟା ଶିଶୁ ଭିତରେ ପାର୍ଥକ୍ୟ ସୃଷ୍ଟି କରିଦେଉଛନ୍ତି, କଣ ନା ପୁତ୍ର ଜନ୍ମ ହେଲେ ଦଶ ହଜାର ଆଉ ଝିଅ ଜନ୍ମ ହେଲେ ବାର ହଜାର କାଇଁ ମା' ଟିଏ ଝିଅ ଜନ୍ମ କରିବାକୁ ଅଧିକ କଷ୍ଟ ସହିଥାଏ କି? ଏତିକି କୁ କଥା ରହିଯାଇ ନାହିଁ ତାପରେ ଆପଣଙ୍କର " ସୁକନ୍ୟା ଯୋଜନା " ଝିଅ ମାନେ ସୁକନ୍ୟା ଆଉ ପୁଅ ମାନେ କଣ କୁ-ପୁତ୍ର? ପୁଅ ମାନେ କଣ ଆମ ଦେଶର ନାଗରିକ ନୁହନ୍ତି? ସେଇ ଜନ୍ମ ହେବା କଥାରୁ ମୋର ଗୋଟେ କଥା ମନେ ପଡିଲା ଆପଣ ସବୁ ଆଡେ ପୋଷ୍ଟର ମାରିଦେଇଛନ୍ତି " କନ୍ୟା ଭ୍ରୁଣ ହତ୍ୟା ମହା ପାପ " କିନ୍ତୁ ପୁତ୍ର ଭ୍ରୁଣ ହତ୍ୟା ମହା ପୁଣ୍ୟ, ଆପଣ ସେ ସ୍ଥାନରେ ଭ୍ରୁଣ ହତ୍ୟା ଲେଖିଥିଲେ କଣ ହେଇଥାନ୍ତା?

ଜାଣିଛ ନା ମା ଏ ନାରୀ ସମାଜ ଆଗରେ ପୁରୁଷ ଟିଏ ବହୁତ ଅସହାୟ ହେଇଯାଉଛି ଯେଉଁଠି ସବୁ କ୍ଷେତ୍ରରେ ନାରୀକୁ ଅଧିକ ଗୁରୁତ୍ଵ ଦିଆଯାଉଛି | ଆମ ସମାଜ କେଉଁ ଭଳି ସ୍ଥାନରେ ପହଞ୍ଚିଲାଣି ଜାଣିପାରୁଛ ତ ଯେଉଁଠି ଗୋଟେ ନାରୀର ମୃତ୍ୟୁରେ ମିଡ଼ିଆ ବାଲା ଠୁ ଆରମ୍ଭ କରି ପୋଲିସ ଷ୍ଟେସନ କାଇଁ କେତେ ପଛରେ ଲାଗିପଡ଼ନ୍ତି କିନ୍ତୁ ଏଠି ହଜାରେ ପୁରୁଷ ମରିଗଲେ ବି କେହି  କେବେ ସାମ୍ନାକୁ ଆସନ୍ତି ନାହିଁ କେବଳ ଅପମୃତ୍ୟୁର ପ୍ରମାଣ ଦର୍ଶାଇ  ତାକୁ କୁଆଡେ ଲୁଚାଇ ଦିଅନ୍ତି, ତାର ପ୍ରମାଣ ଦରକାର କି ମା'  ତୁମକୁ? ବର୍ତ୍ତମାନ ର ଘଟଣା ଆପଣଙ୍କୁ ବେଶ ଜଣାଥିବ ACF ସୌମ୍ୟ, ପ୍ରେମିକ ସୋମ୍ୟ ଭଳି ହଜାରେ ମରିଗଲେ ବି ଶେଷରେ ଅପମୃତ୍ୟୁ ଦର୍ଶାଯାଉଛି | ଏଇ ପରା ଆମ ସମାଜ,|

ମା ଆଜି ତୁମ ପାଖରୁ ଦୁରେଇ ରହୁଛି, ବେଳେବେଳେ ତୁମ କଥା ମନେ  ପଡେ, କୋଉ ସମୟରେ ଜାଣିଛ?  ଯେତେବେଳେ ଦେହ ଖରାପ ହୁଏ ଆଉ ତୁମେ ସେତେବେଳେ ପାଖରେ ନ'ଥାଅ  | ବହୁତ କଷ୍ଟ ହେଇଥାଏ ସେଇ ସମୟରେ ଆଖିରୁ ଆସୁଥିବା ଲୁହ ବାହାରିବାକୁ ଅମଙ୍ଗ ହୋଇଥାଏ, ବାହାରି ଗଲେ କଳେ ତା ଦୁର୍ବଳତା ଧରା ପଡ଼ିଯିବ ସେଥିପାଇଁ ଲୁହ ଗୁଡା ବରଫ ପରି ଜମାଟ ବାନ୍ଧି ଆଖିରେ ରହିଯାଏ | ଘରୁ ଯେତେବେଳେ ବାହାରକୁ ଆସୁ ସେତେବେଳେ ଆଖିରେ ଲୁହ ମନରେ କୋହ ଥିଲେ ବି ବାହାରକୁ ଦେଖେଇ ପାରୁନା, ତୁମେ କେବେ ସେ କଥା ଚିନ୍ତା କରିଛ କି ନାଇଁ ମୁଁ ଜାଣିନି  |  ଝିଅଟିଏ ଶାଶୁ ଘରକୁ ଗଲା ବେଳେ ଦୁଃଖରେ ହଉ ଅବା ଖୁସିରେ ହଉ ସମସ୍ତେ କାନ୍ଦନ୍ତି କିନ୍ତୁ ପୁଅଟିଏ ଯେବେ ବାହାରକୁ ଆସେ ସେତେବେଳେ ସମସ୍ତେ ଖୁସି ହୁଅନ୍ତି ଦେଖ ମୋ ପୁଅ ରୋଜଗାର କରିବାକୁ ଯାଉଛି  | ହଁ ମା ଏଇଟା ହିଁ ବାସ୍ତବତା ନିଜ ଘର ତିଆରି କରିବାକୁ ହେଲେ ନିଜ ଘର ଛାଡିବାକୁ ପଡିଥାଏ  | କର୍ତ୍ତବ୍ୟ ର ବୋଝ ଦାୟିତ୍ଵ ର ବୋଝ କାନ୍ଧରେ ବୋହି ଜୀବନ ଜିଇଁ ବାକୁ ପଡିଥାଏ, ତା ଭିତରେ ଦରକାର ପଡିଲେ ନିଜ ଖୁସିକୁ ମଧ ଜଳାଞ୍ଜଳି ଦେବାକୁ ପଛାଉନାହିଁ,  କାହିଁକି ନା ଆମେ ପୁରୁଷ ଆମ ଉପରେ ଆମର ପରିବାର ନିର୍ଭୟ କରେ | ମୁଁ ଉପରେ ଉଲେଖ୍ୟ କରିଦେଇଥିବା କଥା ର  ଅର୍ଥ ତୁମେ ଭାବିବ ନାହିଁ ଯେ ବାହାରକୁ ଟଙ୍କା ରୋଜଗାର କରିବାକୁ ଆସିବାକୁ ପଡେ ବୋଲି ମୁଁ ଦୁଃଖ ଅନୁଭବ କରୁଛି, ସବୁ ପରେ ବି ବଞ୍ଚିବାକୁ ହେଲେ ଟଙ୍କା ର ଆବଶ୍ୟକ, ଦୁନିଆଁରେ ଯେତିକି ଦିନ ପାଇଁ ଆସିଛେ କିଛି ନାଁ କରିବାକୁ ପଡିବ | ଘରେ ରହିଲେ କୂଅ ବେଙ୍ଗ କୂଅରେ ରହିଲା ଭଳି ରହିଯିବ ସେଥିପାଇଁ ଆମକୁ ଘର ଛାଡି ବାହାରକୁ ଆସି ବାହାର ଦୁନିଆଁ ବିଷୟରେ ଜାଣିବା ନିହାତି ଦରକାର | ଆଉ ଗୋଟେ କଥା ରହିଗଲା ମଣିଷ ଜୀବନ ପାଇଛ ମାନେ ସିଏ ନାରୀ ହେଉ କି ପୁରୁଷ ହଉ ଜୀବନରେ ଦୁଃଖ ସୁଖ ସବୁ ରହିବ କେବଳ ଯେ ପୁରୁଷ ଜୀବନରେ ଦୁଃଖ ଅଛି ତାହା ନୁହଁ | ସଂସାର ମଧରେ ଘର କରିଥିଲେ ପଥର ପଡିଲେ ସହି |

ରହିଲି ମା, ସରକାର ଙ୍କର ନିୟମ ଭିତରେ ତୁମର କିଛି ଦୋଷ ନାହିଁ ମା, ତୁମେ ତ କେବଳ ଜନ୍ମଦାତ୍ରୀ କର୍ମ ଦାତ୍ରୀ ନୁହଁ | ❤

# ପୂଣ୍ୟୋତ୍କଳ...



**ସୁବାସ ଚନ୍ଦ୍ର ମଲ୍ଲିକ**
କମାରବନ୍ଧ, କୋଠାର, ଭଦ୍ରକ

ଉତ୍ତୁଙ୍ଗ ପର୍ବତ ମସ୍ତକେ କିରୀଟ,ଗିରି ନଦ ନଦୀ ଧାରା,
ଖଣିଜ ବିଭବ ଶ୍ୟାମଳ ସୌରଭ,ଆର୍ଯ୍ୟାବର୍ତ୍ତରେ **ନିଆରା** ।।୧

ବରଷ ମଧରେ ଭାରତ ଶ୍ରେଷ୍ଠ,ରାଇଜ ନାମ ଉତ୍କଳ,
ଚାରୁ,ଚାରୁଶୀଳା ମେଖଳାଦ୍ରି ଦ୍ୱରା,ଆର୍ଯ୍ୟାବର୍ତ୍ତରେ ବିରଳ ।।୨

ନୀଳ ଉର୍ମିମାଳ ପାରାବାର ତୀର,ପ୍ରଣତି ଜଣାଏନିତି,
ନୀଳଚକ୍ର ଧ୍ୱଜ ଉଡେଫରଫ ଦୂରାଏ ପତିତ ଭୀତି ।।୩

କୈବଲ୍ୟ କଣିକା ମୁକତିର ମାର୍ଗ,କୋଟୀ ଜନତା ବିଶ୍ୱାସ ,
ବାରମାସେ ତେର ଯାତ୍ରା ଲାଗିଥାଏ,ରାଷ୍ଟ୍ରଦେବତାର ପାସ ।।୪

ଉତ୍କଳର ବୀରପୁଙ୍ଗବର କଥା,ବାରବାଟୀ ଶିଳା ବୁକେ,
ବାରଶହ ବଢେଇ ଜୀବନ ଲଢେଇ, ସ୍ୱର୍ଣ୍ଣାକ୍ଷରେ ଇତିହାସେ ।।୫

ଯା'ଭାଷା ଶାସ୍ତ୍ରୀୟ ଯା'ନୃତ୍ୟ ଶାସ୍ତ୍ରୀୟ, ସାହିତ୍ୟ ରୀତି ଯୁଗର,
କେହୋଇବ ସମ କଳା ଭାସ୍କର୍ଯ୍ୟକୁ, ଓଡ଼ିଶୀ ସଙ୍ଗୀତ ସ୍ୱର ।।୬

ପୂଣ୍ୟତୀର୍ଥରାଜି ଯା'ବକ୍ଷେ ବିରାଜି,ପୂତ ପବିତ୍ରର କ୍ଷେତ୍ର,
ଶଂଖ ଚକ୍ର ଗଦା ପଦ୍ମ କ୍ଷେତ୍ର ରାଜି,ତୁଳସୀ କ୍ଷେତ୍ର ଆବର ।।୭

ପୂଣ୍ୟତୋୟା ନଦୀ ଗିରି ବନ ଭେଦି,ମାଟିଯା'ର ସମୁଜ୍ଜ୍ୱଳ ,
ଭକ୍ତ ସାଧୁସନ୍ଥ ସର୍ବଧର୍ମ ଭେଟ, ସେହି ମୋ ପୂଣ୍ୟୋତ୍କଳ ।।୮

# କାଳି ଝିଅ...



**ମାନସ ରଞ୍ଜନ ଯାଦବ**

କେସିଙ୍ଗା , କଳାହାଣ୍ଡି

**ସୀ**ମା ଆଉ ପ୍ରତିମା ଦି'ଭଉଣୀ । ଛୋଟବେଲୁ ଦୁହେଁ ସାଙ୍ଗରେ ଜୀବନର ପ୍ରତ୍ୟେକ ମୁହୂର୍ତ୍ତ ବଞ୍ଚି ଆସୁଛନ୍ତି । ସୀମା ଦେଖିବାକୁ ଗୋରା ଫରଫର, ଅନ୍ୟ ପଟେ ପ୍ରତିମା ଦେଖିବାକୁ କଳା । ଜନ୍ମରୁ ଦୁହେଁ ଯେମିତି ପରସ୍ପର ଏକ ଡୋରିରେ ଛନ୍ଦି ହେଇ ଆଗେଇ ଚାଲିଛନ୍ତି ଜୀବନରେ ଓ ଯେତେବେଳେ ଦୁହେଁ ଶୈଶବରୁ

ଯୁବାବସ୍ଥାରେ ପାଦ ଦିଅନ୍ତି ସେତେବେଳ ଦୁହେଁଙ୍କ ଜୀବନରେ ଅନେକ କିଛି ପରିବର୍ତ୍ତନ ଦେଖାଦିଏ । ଯେବେ କୌଣସି ବ୍ୟକ୍ତି ତଥା ପାରିବାରିକ ସଦସ୍ୟ ତାଙ୍କ ଘରକୁ ଆସନ୍ତି ସୀମାକୁ ଦେଖି କୁହନ୍ତି, କି ସୁନ୍ଦର ଝିଅଟେ ସତରେ ସମ୍ପୂର୍ଣ୍ଣ ଧଳା ଫରଫର କାଗଜ ପରି, ଅନ୍ୟପଟେ ପ୍ରତିମାକୁ ଦେଖି କିଛି କୁହନ୍ତି ନି ।

ଲୋକଙ୍କ ଏଭଳି ମନ୍ତବ୍ୟ ଦେଖି ଧିରେଧିରେ ପ୍ରତିମା ମନରେ ଏକ ଅଭିମାନ ଭାବ ଜାଗ୍ରତ ହୁଏ । ସେ ତା' ଗୋରା ରଙ୍ଗକୁ ନେଇ ମନେ ମନେ ବହୁତ ଆନନ୍ଦିତ ହୁଏ ଓ ଆସ୍ତେ ଆସ୍ତେ ନିଜ ଭଉଣୀ ପ୍ରତିମାର ଦେହର ରଙ୍ଗକୁ ନେଇ ଉପହାସ କରେ । ନିଜ ବିଦ୍ୟାଳୟ ତଥା ସାଙ୍ଗ ସାଥୀମେଳେ ମଧ୍ୟ ସେ ନିଜ ଭଉଣୀକୁ ଅପମାନ କରିବାକୁ ଟିକେ ହେଲେ କୁଣ୍ଠାବୋଧ କରେନି ।

ସୀମା ଗୋରା ବୋଲି ତା ବିବାହ ଶୀଘ୍ର ହୋଇ ଯାଏ ଅଥଚ ପ୍ରତିମା କୁ ବିବାହ କରିବା ପାଇଁ ଯିଏ ମଧ୍ୟ ଆସନ୍ତି ତା କଳାରଙ୍ଗ ଦେଖି ମନା କରିଦିଅନ୍ତି । ଏମିତି ଗୋଟେ ଦି ବର୍ଷ ପରେ ସୀମାର ଦିଅର ପ୍ରତିମାକୁ ବିବାହ କରିବା ପ୍ରସ୍ତାବ ନିଜ ଘରେ ଉପସ୍ଥାପନା କଲା କିନ୍ତୁ ସୀମା ଅନବରତ ପ୍ରୟାସ କରେ ସେଇ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିବାକୁ କିନ୍ତୁ ତା ଦିଅର ପ୍ରତିମା ଭିତରେ ତା ମନର ମଣିଷ ଦେଖି ସାରିଥିଲା ତେଣୁ ତାକୁ ବିବାହ କରିବାର ଜିଦ୍ କରି ଶେଷରେ ପ୍ରତିମା ର ହାତ ଧରି ଜୀବନର ଆଗାମୀ ଅଧ୍ୟାୟରେ ପାଦ ଦେଲା ।

ଏମିତି କିଛି ବର୍ଷ ବ୍ୟତୀତ ହବା ପରେ ପ୍ରତିମା ଆଉ ସୀମା ଦୁହେଁ ଦୁଇ ଝିଅ ଜନ୍ମଦେଇଛନ୍ତି, କିନ୍ତୁ ଏଥର ପ୍ରତିମା ଗୋରା ଝିଅ ଜନ୍ମ ଦେଇଛି, ହେଲେ ସୀମାର ଝିଅ କଳା ରଙ୍ଗ ନେଇ ଆସିଛି । ସେ ଏ କଥାକୁ ନେଇ ଚିନ୍ତିତ ହୋଇ ଉଠେ । ଦିନ ଥିଲା ସେ ତା ନିଜ ଭଉଣୀକୁ କାଳି କାଳି ବୋଲି କେତେ ପରିହାସ କରିଛି ଯାହା ସୀମା ଆଉ ପ୍ରତିମା ଦି'ଭଉଣୀ । ଛୋଟବେଲୁ ଦୁହେଁ ସାଙ୍ଗରେ ଜୀବନର ପ୍ରତ୍ୟେକ ମୁହୂର୍ତ୍ତ ବଞ୍ଚି ଆସୁଛନ୍ତି । ସୀମା ଦେଖିବାକୁ ଗୋରା ଫରଫର ଅନ୍ୟ ପଟେ ପ୍ରତିମା ଦେଖିବାକୁ କଳା । ଜନ୍ମରୁ ଦୁହେଁ ଯେମିତି ପରସ୍ପର ଏକ ଡୋରିରେ ଛନ୍ଦି ହେଇ ଆଗେଇ ଚାଲିଛନ୍ତି ଜୀବନରେ ଓ ଯେତେବେଳେ ଦୁହେଁ ଶୈଶବରୁ ଯୁବାବସ୍ଥାରେ ପାଦ ଦିଅନ୍ତି ସେତେବେଳ ଦୁହେଁଙ୍କ ଜୀବନରେ ଅନେକ କିଛି ପରିବର୍ତ୍ତନ ଦେଖାଦିଏ । ଯେବେ କୌଣସି ବ୍ୟକ୍ତି ତଥା ପାରିବାରିକ ସଦସ୍ୟ ତାଙ୍କ ଘରକୁ ଆସନ୍ତି

ସୀମାକୁ ଦେଖି କୁହନ୍ତି, କି ସୁନ୍ଦର ଝିଅଟେ ସତରେ ସମ୍ପୂର୍ଣ ଧଳା ଫର ଫର କାଗଜ ପରି ଅନ୍ୟପଟେ ପ୍ରତିମାକୁ ଦେଖି କିଛି କୁହନ୍ତି ନି ।

ଲୋକଙ୍କ ଏଭଳି ମନ୍ତବ୍ୟ ଦେଖି ଧିରେଧିରେ ପ୍ରତିମା ମନରେ ଏକ ଅଭିମାନ ଭାବ ଜାଗ୍ରତ ହୁଏ । ସେ ଟା ତା ଗୋରା ରଙ୍ଗକୁ ନେଇ ମନେ ମନେ ବହୁତ ଆନନ୍ଦିତ ହୁଏ ଓ ଆସ୍ତେ ଆସ୍ତେ ନିଜ ଭଉଣୀ ପ୍ରତିମାର ଦିହର ରଙ୍ଗକୁ ନେଇ ଉପହାସ କରେ । ନିଜ ବିଦ୍ୟାଳୟ ତଥା ସାଙ୍ଗ ସାଥୀମେଳେ ମଧ ସେ ନିଜ ଭଉଣୀକୁ ଅପମାନ କରିବାକୁ ତିଳେ ହେଲେ କୁଣ୍ଠାବୋଧ କରେନି ।

ସୀମା ଗୋରା ବୋଲି ତା ବିବାହ ଶୀଘ୍ର ହୋଇ ଯାଏ ଅଥଚ ପ୍ରତିମା କୁ ବିବାହ କରିବା ପାଇଁ ଯିଏ ମଧ ଆସନ୍ତି ତା କଳାରଙ୍ଗ ଦେଖି ମନା କରିଦିଅନ୍ତି । ଏମିତି ଗୋଟେ ଦି ବର୍ଷ ପରେ ସୀମାର ଦିଅର ପ୍ରତିମାକୁ ବିବାହ କରିବା ପ୍ରସ୍ତାବ ନିଜ ଘରେ ଉପସ୍ଥାପନା କଲା କିନ୍ତୁ ସୀମା ଅନବରତ ପ୍ରୟାସ କରେ ସେଇ ପ୍ରସ୍ତାବକୁ ପ୍ରତାକ୍ଷ୍ୟାନ କରିବାକୁ କିନ୍ତୁ ତା ଦିଅର ପ୍ରତିମା ଭିତରେ ତା ମନର ମଣିଷ ଦେଖି ସାରିଥିଲା ତେଣୁ ତାକୁ ବିବାହ କରିବାର ଜିଦ କରି ଶେଷରେ ପ୍ରତିମା ର ହାତ ଧରି ଜୀବନର ଆଗାମୀ ଅଧାୟରେ ପାଦ ଦେଲା ।

ଏମିତି କିଛି ବର୍ଷ ବ୍ୟତୀତ ହବା ପରେ ପ୍ରତିମା ଆଉ ସୀମା ଦୁହେଁ ଦି ଝିଅ ଜନ୍ମଦେଇଛନ୍ତି କିନ୍ତୁ ଏ ଥର ପ୍ରତିମା ଗୋରା ଝିଅ ଜନ୍ମ ଦେଇଛି ହେଲେ ସୀମାର ଝିଅ କଳା ରଙ୍ଗ ନେଇ ଆସିଛି । ସେ ଏ କଥାକୁ ନେଇ ଚିନ୍ତିତ ହୋଇ ଉଠିଲା । ଦିନ ଥିଲା ସେ ତା ନିଜ ଭଉଣୀକୁ କାଳି କାଳି ବୋଲି କେତେ ପରିହାସ କରିଛି ଯାହା ଫଳରେ ଆଜି ତା କୋଳରୁ କାଳି ଝିଅଟେ ଜନ୍ମ ନେଇଛି ।

ଆଜି କୋଡିଏ ବର୍ଷ ପରେ ପ୍ରତିମା ଆଉ ସୀମାର ଝିଅ ସେଇ ଶୈଶବରୁ ଯୁବାବସ୍ଥାରେ ପାଦ ଦେଉଛନ୍ତି କିନ୍ତୁ ପ୍ରତିମା, ତା ଝିଅ ହେଉକି ଆଉ କେହି କେବେହେଲେ ସୀମା ଝିଅର ରଙ୍ଗକୁ ନେଇ ଉପହାସ କରିନାହାନ୍ତି । ଓଲଟା ପ୍ରତିମା ପ୍ରତିଟି ମୁହୂର୍ତ୍ତ ସୀମା ଝିଅକୁ ନିଜ ଝିଅଠୁ ବଳି ପ୍ରେମ କରିଛି । ବେଳେବେଳେ ଲୋକଙ୍କ ମୁହଁରୁ ସୀମାର ଝିଅ ନିଜ ଦେହର ରଙ୍ଗକୁ ନେଇ ଉପହାସ ହବା କଥା ନେଇ ଚିନ୍ତିତ ଥିଲେ ପ୍ରତିମା ପ୍ରତିଟି ମୁହୂର୍ତ୍ତ ତା ସପକ୍ଷରେ ଛିଡା ହେଇ ଅନେକ ଥର ତାକୁ ବୁଝେଇଛି । ଆଉ ସୀମା ଝିଅ ନିଜ ମାଉସୀ କଥା ବୁଝି ଭୁଲିଯାଏ ଏ ରଙ୍ଗର ଭେଦ ଭାବ ।

ସୀମା ପ୍ରତିମା ପ୍ରତି କେତେଯେ ଅହଂକାର ଭାବ ରଖିଥିଲା କିନ୍ତୁ
ସେ ଆଜି ଜାଣି ଯାଇଛି "ରଙ୍ଗର କିଛି ମୂଲ୍ୟ ନାହିଁ ବରଂ ଗୋଟେ ସୁନ୍ଦର ସଂସ୍କାର ଆଉ ସୁବ୍ୟବହାର ହିଁ ମଣିଷର ପରିଚୟ " ଏ କଳା ଧଳା ତ ମାତ୍ର ଆଖିରେ ସୃଷ୍ଟି ହେଉଥିବା ମରୀଚିକା ଟିଏ ।

★★★★★★★★★★

# ଏକା...



**ସଂଘମିତ୍ରା ପୃଷ୍ଟି**

କଟକ , ଓଡ଼ିଶା

ଏକା ବସିଥିଲି ଏକ ଭାବନାରେ ଲାଗି
ଏକା ସେ ସମୟର ସ୍ଥିରତା ଏକା ହେଲି
ଭାଗି,
ଏକା ଏକା ମୁଁ ଏକା ଦ୍ୱୀପ ପରେ ବସି
ଏକା ମନେ....ଏକା ଏକା ଦିଏ ସ୍ମିତ ହସି,
ଏକା ସେ ସକାଳ ସୁରୁଜ ଏକା ତା
କିରଣ
ଏକା ମୁଁ ଆଉ ଏକା ମୋ ସ୍ୱପ୍ନ ଅକାରଣ,
ଏକା ସେ ବିହଙ୍ଗ ଏକା କି ତା ନୀଡ଼
ଆଜ
ଏକା ଆକାଶ ବକ୍ଷରେ ଏକା ଏକା
ଖଗରାଜ,
ଏକା ସେ ବୃକ୍ଷ କାଇଁ ଏକା ଶାଖା ନିର୍ଜୀବ
ଦେଖି
ଏକା ସେ ଝରା ଫୁଲ ଏକା ଝଡା ପତ୍ରର
ଦୁର୍ଭିକ୍ଷ,
ଏକା କାଇଁ ସେ ତଟିନୀ କାଇଁ ଏକା ତା
ଦୁଇ କୂଳ
ଏକା କି ହୋଇଛି ପର୍ବତ ଶିଖର ଏକି
ଏକା ଛଳ,
ଏକା ଚତୁଃର୍ଦିଗ ଏକା ନିର୍ଜ୍ଜନ ନିଷ୍ଠୁର
ଖେଳ
ଏକା ମୁଁ ଏକା ପ୍ରକୃତି ଗର୍ଭେ ମାୟା ବଳ,
ଏକା ଅପରାହ୍ନର ତାପ ତଳେ ଏକା ସେ
ଛାଇ
ଏକା ଦେଖି ମୋତେ ଏକା କ୍ଲାନ୍ତ
ପଥିକକୁ ଖୋଜୁଥାଇ,
ଏକା ପୁଣି ଦେଖ ସନ୍ଧ୍ୟା ଅସ୍ତ ରବି ଏକା
ଯାତ୍ରା ଗମେ
ଏକା ସେହି ଶଶୀକଳା ଏକା ଚାତକ
ଚନ୍ଦ୍ରମା ପ୍ରେମେ,
ଏକା ସନ୍ଧ୍ୟାର ସୌନ୍ଦର୍ଯ୍ୟ ରୂପ ଏକା
ପୁଣି ମଧୁ ମର୍ମେ,
ଏକା ନିଶିଥିନି ଏକା ତା ମଧୁର ରାଗ
ରଙ୍ଗ ରସ ହୀନ
ଏକା ମଳୟ ମନୁଆଁ ଏକା ତ୍ରିଯାମା
କରେ ଅଭିମାନ,
ଏକା ଅନ୍ଧକାର ଏକା ଏକା ନକ୍ଷତ୍ର ବି
କୋଳାହଳେ
ଏକା ଶଶାଙ୍କ ଶଙ୍ଖୁଳେ ଏକା ହୋଇଲା
କି ତରା ମେଳେ,
ଏକା ମୁଁ ହୀନ କବି ଏକା ମୋ
ଭାବାନାର ବାଣୀ
ଏକା ମୋ ଶବ୍ଦ ସ୍ରୋତ ଏକା ଏକା ହୁଏ
ଗୁଣି,
ଏକା ଏ ଜୀବନ ଯାତ୍ରା ଏକା ଜୀବନ
ସଙ୍ଗୀତ

ଏକା ମୋ କଲମ କାଳି ଏକା କଳ୍ପନା ଯାବତ,
ଏକା ରେ ଏକାକୀ ଏକ ଛାୟା ଛଦ୍ମ ଛବି ଦେଖି
ଏକା ମୁଁ କବି ଏକା ଅନ୍ତରିକ୍ଷେ ନିତି ଯାଏ ଲାଖି
ଏକା ଫର୍ଦ ପରେ ଏକା ଛନ୍ଦେ ଯାଏ ଏକା ଏକା..
ଜଡ଼ କଳ୍ପନା ମୋ ଲେଖି... ।।

କର୍ମ ରୁ କେବେ କେହି ଥକେ ନାହିଁ। ଚିନ୍ତା, ନିରାଶା,ଭୟ ଓ ଅସନ୍ତୋଷ ହୋଇ ମନୁଷ୍ୟ କୁ ଥକାଇ ଦିଏ। ଏବଂ କର୍ମ ପଥ ରୁ ବିଚ୍ୟୁତ କରେ.....

:- ଚାଣକ୍ୟ ନୀତି

ପ୍ରେମ ସବୁବେଳେ କ୍ଷମା ମାଗେ... ଭୁଲ୍ ଥାଉ କି ନ ଥାଉ।

ଗର୍ବ ସବୁବେଳେ ମୁହଁ ବୁଲାଇ ଦିଏ.... ଭୁଲ୍ ଥାଉ କି ନ ଥାଉ

# ପାହାଚ...



**ଗୋବର୍ଦ୍ଧନ ସେନାପତି**
ନୂଆଦିଲ୍ଲୀ

କେବଳ ଆଗମନ ନୁହଁ
କି ଖାଲି ପ୍ରସ୍ଥାନ ।
କେବେ କେବେ ବିରାମ ର ସାହାରା
ପରିଣତ ସେହି ପାହାଚ ଆସ୍ଥାନ ।।

ଜୀବନର ଝଡଝଞ୍ଜା
ଅପେକ୍ଷାର ସମୟଚିହ୍ନ ।
ହୃଦୟରେ ବାନ୍ଧିପକାଏ
ସେହି ପାହାଚ ହୋଇଣ ଆସନ୍ନ ।।

ବୟସ ର ପଥିକୃତ
ଦୁଃଖ ସୁଖ ର ପାହାଚ ।
କେବେ ସେ କନ୍ଦାଏ
ପୁଣି କେବେ ଆସେ ହସର କବଚ ।।

ଅବସନ୍ନ ରୂପତତ୍ତ୍ୱ
କେବେ ନଥାଏ ସେ ଅସ୍ଥିର ।
ନାମାଙ୍କନ ପାହାଚ
ଜଡିତ ସେ ସର୍ଭିଙ୍କ ଜୀବନର।।

ମହ୍ଲାର...
ଏକ ନୂତନ ଆଶାରେ ପ୍ରାଣ ସଞ୍ଚାର...

# ଜୀବନ ର ବାସ୍ତବତା...



**ସୁମିତ୍ରା ନାୟକ**
ବାଜପୁର, ମାହାଙ୍ଗା, କଟକ

ପାଚେରୀ ସଦୃଶ
ଏ ଜୀବନ ର ବାସ୍ତବତା,,
ଦୃଢ଼ ଦଣ୍ଡାୟମାନ ହୋଇ ରହିଛି
ତୁମର ମୋର ମଧ୍ୟରେ.... ।
କାଳ୍ପନିକତା ରେ
ତୁମକୁ ଭେଟି ତ ପାରେ,,
କିନ୍ତୁ ବାସ୍ତବତା ରେ
ସେ ପାଚେରୀ କୁ ଡେଇଁ
ମୁଁ ତୁମ କୁ ସ୍ପର୍ଶ କରିପାରେନି...।
ସ୍ୱପ୍ନ ରାଇଜ ରେ
ଆଶାର ତୋରଣ ତ ଦେଖା ଯାଏ,,
କିନ୍ତୁ ବାସ୍ତବତା ର
କୁଟୀର ରେ ମୋର
ତୁମକୁ ସ୍ଥାନ ଦେଇ ପାରେନି... ।
ଡାସ୍ଲ୍ୟକର ଏ ସମାଜ
ଜୀବନ କୁ ଏତେ
ଜଟିଳ କରିପକାଏ,,
ତାର ଚରିତ ବର୍ଣ୍ଣନା
ଅତ୍ୟନ୍ତ ଅବାନ୍ତକର .... ।
ଅତ୍ୟନ୍ତ ଅବାନ୍ତକର
ତାଙ୍କର ବର୍ଣ୍ଣନା ଚାତୁରୀ,,
ଯାହା ସେମାନେ
ପ୍ରେମ କୁ ନେଇ କରନ୍ତି.... ।
ବିଶାଳତା ନୀଳନଭ ର
ପ୍ରାନ୍ତ ଦେଶ ରେ,,
ମନ ଏକ କ୍ଷୁଦ୍ର ଖଗ ସାଜି
ଉଡ଼ି ବୁଲେ କାହିଁ କେତେ ଦୂରାନ୍ତକୁ....
।

ଉଡ଼ିବା ର ଅକାଂକ୍ଷା ରେ
ଉଡି ତ ଯିବ କିନ୍ତୁ,,
ଦିଗ ହରା ର ଭୟ ବି
ଛାତି କୁ ଥରାଇଦିଏ... ।
ହଁ ମୁଁ ଜାଣିଛି ପଥ ରେ
ଚାଲି ଚାଲି ଗଲେ,,
ଆଗତ ଚିତ୍ର ଯେଉଁ
ମନୁଷ୍ୟ ସମ୍ମୁଖରେ ଥାଏ.... ।
କିନ୍ତୁ ସମାଜ ଆଉ
ପରିସ୍ଥି ର ବେଢ଼ି
ଏତେ ଶକ୍ତ ଯେ,,
ତାକୁ ଛିନ୍ନ କରି ଉଡ଼ିଯିବା
ମୋ ପକ୍ଷରେ ଅସମ୍ଭବ...।
ଅସମ୍ଭବ ତ ମୋର ସ୍ୱପ୍ନ ସାକାର
ମୋର ହୃଦୟ ର ମଣିଷକୁ
ସାଥିରେ ପାଇବା,,,
ଅସମ୍ଭବ ପ୍ରତୀତ ହେଉଛି ସବୁ...।
କଣ ସମୟ ସାଙ୍ଗକୁ
ସବୁ ବଦଳି ଯାଏନି କି,,
ମୁଁ କିନ୍ତୁ ସେ ସମୟ କୁ
ଅପେକ୍ଷା କରିଛି...।

ସେଇ ଛୋଟ କୁଟୀର ମଧରେ
ମୋର ସବୁ ଆଶା ଅକାଂକ୍ଷା,,
ଆଉ ମୋର ଲକ୍ଷ୍ୟ ସ୍ଥଳ ରେ
ପହଁଞ୍ଚିବା ର ଯେତେ ସବୁ
ସ୍ମୃତି ସାଇତା କରି ରଖିବି....

*"ସମୟ" ର ହାତ ନଥାଏ କିନ୍ତୁ,*
*ସେ ବେଳେ ବେଳେ ଏମିତି ଚାପୁଡା ମାରେ ଯେ,*
*ସାରା ଜୀବନ ମନେ ରହେ*



# ଷ୍ଟ୍ରୈଣ୍ୟ...



ଶାନ୍ତନୁ ବିଶୋଇ

ଐତିହାସିକ କଟକ ସହର। ବାଉନ ବଜାର ତେପନ ଗଳି। ଦୈନନ୍ଦିନ କେତେ ଘଟଣ ଅଘଟଣ ଘଟି ଯାଉଛି ତାର ହିସାବ ରଖିବାକୁ କାହା ପାଖରେ ସମୟ ନାହିଁ। ବ୍ୟସ୍ତ ବହୁଳ ଜୀବନରେ କିଏ କାହା କଥା ପଚାରି ବୁଝୁଛି..??

ସକାଳ ସୂର୍ଯ୍ୟଙ୍କର ସୁନେଲି କିରଣ କଟକ ସହରକୁ ଭଲଭାବରେ ସ୍ପର୍ଶ କରିଛି କି ନାହିଁ, ଖାନ୍ ନଗର ଏକ ସୁନ୍ଦର ହର୍ମ୍ୟ ମଧ୍ୟରୁ ଭାସି ଆସିଲା ଏକ ପାଞ୍ଚ ବର୍ଷୀୟ କୋମଳମତି ବାଳକର କରୁଣ କ୍ରନ୍ଦନର ରୋଳ। ଶୁଭ୍ର ସୁନ୍ଦର ତନୁଯୁକ୍ତା ମହିଳାଙ୍କ କୋହଭରା ରୋଦନର ସ୍ୱର। ସବାନ୍ଧବ, ସକୁଟୁମ୍ବମାନଙ୍କୁ ଦୁରଭାଷ ଯନ୍ତ୍ର ଯୋଗେ ଜଣାଇ ଦିଆଗଲା  ସୁରଜିତ ଅକାଳ ବିୟୋଗର ଦୁଃଖଦ ଖବର।

ଭଗ୍ନୀପତିଙ୍କ ମୃତ୍ୟୁ ଖବର ଶୁଣି ତତ୍ କ୍ଷଣାତ ନିଜ ଚତୁଃଚକ୍ରି ଯାନ ଯୋଗେ ଖାନ୍ ନଗର ପହଁଚିଲେ ଶ୍ରୀକାନ୍ତ କୁମାର। ଶବକୁ ଧରି ବ୍ୟାକୁଳ ହୋଇ କ୍ରନ୍ଦନ କରୁଥିବା ଭଣଜା ଦୁଃଖରେ ଅଧିର ହୋଇ ଉଠୁଥିଲେ ଶ୍ରୀକାନ୍ତ। ବାବା ସତରେ କଣ ଆଉ କେବେହେଲେ ତମେ ଆମ ପାଖକୁ ଫେରିବନି..? ତମେ କାହିଁକି କିଛି କହୁନ ବାବା..? କିଛି କୁହ... କିଛି କୁହ... , ମୁଁ ତୁମ ଲୁବୁନ୍ ଡାକୁଛି। ଶୁଣ ବାବା.. ମୋ ଡାକ ଶେଷଥର ପାଇଁ ଶୁଣ...

ଭଣଜାର ମର୍ମସ୍ପର୍ଶୀ କରୁଣ କ୍ରନ୍ଦନ ଶ୍ରୀକାନ୍ତ ବାବୁଙ୍କର ହୃଦୟକୁ ବିଦାରି ଦେଉଥିଲା। ସମସ୍ତେ ଅଶ୍ରୁସିକ୍ତ ନୟନ। ମୃତ୍ୟୁର କାରଣ ଥିଲା ସୁରଜିତ ଶୟନରତ ଥିବା ଖଟରୁ ପଡିଗଲେ । ମୁଣ୍ଡରେ ଗଭୀର ଆଘାତ ଲାଗିବାରୁ ମୃତ୍ୟୁ ବରଣ କରିଛନ୍ତି। କିଛି ହିତାକାଂକ୍ଷି ଅନୁକମ୍ପା ପ୍ରଦର୍ଶନ କରିଚାଲିଛନ୍ତି। ଆହା.. ଏଡେ ସୁନ୍ଦରୀ ଝିଅ ଭାଗ୍ୟରେ ଏଇୟା ଥିଲା..? ଭଗବାନ କେଡେ ନିଷ୍ଠୁର ..! ବିଚାରିର ଦିନ ସାରିବନି..!

ସୁରଜିତ ପିତାଙ୍କର ଲୋତକ ପୂର୍ଣ୍ଣ ନୟନ। ସ୍ତ୍ରୀ ଦୁଃଖରେ ମ୍ରିୟମାଣ। ଲୁବୁନ୍ ପିତାଙ୍କ ମର ଶରୀର ଉପରେ ଲୋଟି ଯାଉଛି। ଶବ ଉପରେ ଢଙ୍କା ଯାଇଥିବା ଶୁଭ୍ର ଅମ୍ବରଟି ଅଳ୍ପ ଏପାଖ ସେପାଖ ହୋଇଗଲା। ପାଖରେ ଶ୍ରୀକାନ୍ତ ବାବୁ। ଶୋକାକୁଳ ପରିବେଷ୍ଟନୀ ଉପରେ ଥରେ ଆଖି ବୁଲାଇ ଆଣିଲେ। ସନ୍ତର୍ପଣରେ ନିଜ ଦୁରଭାଷ ଯନ୍ତ୍ରଟିକୁ ମୁଣିରୁ କାଢି କାହା ସହିତ କିଛି ବାର୍ତ୍ତାଳାପ କଲେ।

ଅଳ୍ପ ସମୟ ପରେ ଖାନ୍ ନଗର ଆରକ୍ଷୀ ବାହିନୀ ସୁରଜିତର ଶବ ପାଖରେ ପହଁଚିଲେ।ଶବଟିକୁ ଜବତ କରି ଡାକ୍ତରଙ୍କ ଜିମା ଦେଲେ ଶବ ବ୍ୟବଚ୍ଛେଦ କରିବା ପାଇଁ।

ଅନୁକମ୍ପାରେ ଅଜାଡି ହୋଇ ପଡୁଥିବା ପରିବେଶଟି ହଠାତ ଅବିଶ୍ୱାସ ଆଡକୁ ଗତିକଲା..

ମୃତ୍ୟୁର କାରଣ କଣ..??
ୟା ପଛରେ କେଉଁ କେଉଁ ମାନଙ୍କର ହାତ ଅଛି..??
ବାସ୍ତବରେ ଏହା ମୃତ୍ୟୁ ନା' ହତ୍ୟାକାଣ୍ଡ ଭିଆଯାଇଛି??
ସମସ୍ତେ ସନ୍ଦିହାନ ହୋଇପଡିଲେ।

ଘଟଣା ସ୍ଥଳରୁ ସୁରଜିତର ବାପା ଏବଂ ସ୍ତ୍ରୀଙ୍କୁ ପୋଲିସ ବାହିନୀ ଥାନା ଭିତରକୁ ନେଇଗଲା। ମୃତ୍ୟୁ ସମ୍ବନ୍ଧୀୟ କିଛି ପଚରା ଉଚୁରା କଲା। ଜଣେ ତିନି ତାରକା ପୋଷାକ ପରିହିତା ବଳିଷ୍ଠ ମହିଳା ଆରକ୍ଷୀ ମୃତ ସୁରଜିତର ସ୍ତ୍ରୀକୁ ଗୋଟିଏ ନିଭୃତ କୋଠରୀ ଆଡକୁ ନେଇ ଯାଉଥିଲେ। ଧୀର ମନ୍ଥର ଚାଲି, ଗୌର ବର୍ଣ୍ଣ, ଅଶ୍ରୁଷିକ୍ତ ନୟନ, ଅବୟବର ଗଠନ ଶୈଳୀ ତଥା ଅମ୍ବରାବୃତ୍ତ ଅଙ୍ଗ ଶୈଷ୍ଠବର ଆକର୍ଷଣୀୟ ଉପାଦାନ ଗୁଡିକୁ ଦେଖିଲେ ପଞ୍ଚେନ୍ଦ୍ରିୟକୁ କରାୟତ କରିଥିବା ମନୁଷ୍ୟ ମଧ୍ୟ ଦଣ୍ଡେ ନିମିଷେ ନ ଦେଖି କେହି ବି ଆଖି ଫେରେଇ ପାରିବେନି ସୁରଜିତର ସ୍ତ୍ରୀ ଉପରୁ..। ଅନେକ ସମୟ ବ୍ୟୟ କରି ବିଧାତା ଏମିତି ସୁନ୍ଦର ସ୍ତ୍ରୀ ମାନଙ୍କୁ ନିର୍ମାଣ କରିଥାଏ। କଠୋର କର୍ତ୍ତବ୍ୟ ନିକଟରେ ଆରକ୍ଷୀ ଗଣ ଚେହେରା ଦେଖନ୍ତି ନାହିଁ, କଳେ ବଳେ କୌଶଳେ ସତ୍ୟର ଓ ନ୍ୟାୟ ବିଚାରର ଅନୁସନ୍ଧିତ୍ସୁ ହୋଇ ପଡନ୍ତି।

ଗୋଟିଏ କୋଠରୀରେ ସୁରଜିତ ସ୍ତ୍ରୀ ଓ ଅନ୍ୟ କୋଠରୀରେ ସୁରଜିତ ପିତାଙ୍କୁ ଆରକ୍ଷୀ ବାହିନୀ ଥାର୍ଡ ଡିଗ୍ରୀ ପ୍ରୟୋଗ କଲା। ତୃତୀୟ ତୁହା ଥାର୍ଡ ଡିଗ୍ରୀ ବେଳକୁ ଚାଞ୍ଚଲ୍ୟକର ତଥ୍ୟମାନ ହସ୍ତଗତ ହୋଇ ସାରିଥିଲା।
ଡାକ୍ତରୀ ଶବ ବ୍ୟବଛେଦ ରିପୋର୍ଟ ମଧ ଚାଞ୍ଚଲ୍ୟକର ଥିଲା...

ପୋଲିସ ଶ୍ରୀକାନ୍ତ ବାବୁଙ୍କୁ ପାଖକୁ ଡକାଇ "ସୁରଜିତର ଶବ ସଂସ୍କାର" ପାଇଁ ଅନୁମତି ପ୍ରଦାନ କଲେ। ପାଞ୍ଚ ବର୍ଷୀୟ ବାଳକ ଲୁବୁନ ପିତାଙ୍କୁ ମୁଖାଗ୍ନି ଦେଲା। ଶୋକାକୁଳ ପରିବେଶ ମଧ୍ୟରେ ଶବଦାହ କାର୍ଯ୍ୟ ସମ୍ପନ୍ନ ହୋଇଗଲା।

ପୁଣି ଖାନ୍ ନଗର ଆରକ୍ଷୀ ଅଧିକାରୀଙ୍କ ଡାକରା ପାଇ ଶ୍ରୀକାନ୍ତ ବାବୁ ଥାନାରେ ହାଜର ହେଲେ।

ଡାକ୍ତରୀ ରିପୋର୍ଟ ଏବଂ ସମସ୍ତ ଘଟଣା ଉପରୁ କପର୍ଦ୍ଦକ ହଟେଇ ସାମ୍ବାଦିକ ଓ ଶ୍ରୀକାନ୍ତ ବାବୁଙ୍କୁ ସବିଶେଷ ତଥ୍ୟ ପ୍ରଦାନ କରୁଥିଲା ଖାନ୍ ନଗର ଆରକ୍ଷୀ ବାହିନୀ।

ଘଟଣାଟି ଥିଲା ଏମିତି କିଛି..

ନିଜ ଭଗ୍ନୀପତିଙ୍କ ମୃତ୍ୟୁ ଖବର ପାଇ ଶ୍ରୀକାନ୍ତ ବାବୁ ସଙ୍ଖୋଳିବା ପାଇଁ ନିଜ ଭଉଣୀ ଘରକୁ ଆସିଥିଲେ। ଭଣଜାକୁ କୋଳରେ ବସାଇ ସୁରଜିତର ଶବ ପାଖରେ ଥିବା ସମୟରେ ଭଣଜା ଲୁବୁନ୍

ବାରମ୍ବାର ପିତାଙ୍କ ଶବ ଉପରେ କାନ୍ଦି କାନ୍ଦି ଲୋଟିପଡୁଥିଲା। ଯାହା ଦ୍ୱାରା ସୁରଜିତ ଶବ ଉପରେ ଢଙ୍କା ଯାଇଥିବା ଶୁଭ୍ର ବସ୍ତ୍ରଟି ମୁହଁ ଉପରୁ ବାହାରି ଛାତି ଆଡକୁ ଖସି ଆସିଥିଲା। ମୃତ ସୁରଜିତ ଗଳାରେ କିଛି ଆପତ୍ତିଜନକ ଚିହ୍ନ ଦେଖି ଉକ୍ତ ସ୍ଥାନରୁ ଶ୍ରୀକାନ୍ତ ବାବୁ ଖାନ୍ ନଗର ଥାନାକୁ ଜଣାଇଥିଲେ।

ଖାନ୍ ନଗର ଥାନା ଅଧିକାରୀ ଶବ ବ୍ୟବଛେଦ ରିପୋର୍ଟ ଦେଖାଇ ପୁଣି ଆରମ୍ଭ କଲେ,:- କୌଣସି ଓଢଣୀ ବା ଗାମୁଛା ଦ୍ୱାରା ସୁରଜିତର ଗଳା ଚିପି ହତ୍ୟା କରାଯାଇଛି। ହତ୍ୟା ସମୟରେ ଜୀବନ ଭିକ୍ଷା କରିବା ସହ ସେ ବଞ୍ଚିବା ପାଇଁ ସଂଗ୍ରାମ ମଧ କରିଛି।ଏହା ସମ୍ପୂର୍ଣ୍ଣ ଏକ ପ୍ରାୟୋଜିତ ହତ୍ୟାକାଣ୍ଡ ଅଟେ।

ତଦନନ୍ତରେ ଖାନ୍ ନଗର ପୋଲିସ ସୁରଜିତ ସ୍ତ୍ରୀ ଓ ପିତାଙ୍କର ସ୍ୱୀକାରୋକ୍ତି ପାଠ କଲେ। ଘଟଣା ଦିନ ନିଶାର୍ଦ୍ଧରେ ସୁରଜିତର ପିତା, ସୁରଜିତର ଶୟନ କକ୍ଷ ପର୍ଯ୍ୟନ୍ତ ଆସିଥିଲେ। ସେତେବେଳକୁ ସୁରଜିତ ଗଭୀର ନିଦ୍ରାରେ।ସଜାଗ ଥାଆନ୍ତି କେବଳ ସୁରଜିତର ସ୍ତ୍ରୀ। କିଛି ଇଙ୍ଗିତ କରି ସେ ନିଜ ଶୟନ କକ୍ଷକୁ ପ୍ରସ୍ଥାନ କଲେ। ଅଳ୍ପ ସମୟ ପରେ ସୁରଜିତର ସ୍ତ୍ରୀ ବାହାରିଲା ଶଶୁରଙ୍କ ଶୟନକକ୍ଷ ନିକଟକୁ। ଚାପା ହାସ୍ୟରୋଳ ଶୟନରତ ସୁରଜିତର ନିଦ୍ରାଭଙ୍ଗ କଲା। ଦେଖିଲା ପାଖରେ ସ୍ତ୍ରୀ ନାହିଁ। ଗଭୀର ନିଦ୍ରାରେ ଲୁବୁନ୍। ଧୀର ପଦଚାଳନ କରି ଭାସି ଆସୁଥିବା ହାସ୍ୟରୋଳ ଆଡକୁ ଗମନ କଲା। ସ୍ୱଚକ୍ଷୁରେ ଦେଖିଲା ଦୁଇଟି ଉଲଗ୍ନ ଶରୀରର ଉନ୍ମାଦ ରତିକ୍ରିଡା। ଉଭୟେ ନିର୍ଭୟ, ନିସଙ୍କୋଚ। ନିଜ ଚକ୍ଷୁକୁ ବିଶ୍ୱାସ କରି ପାରିଲା ନାହିଁ। ନିଜ ସ୍ତ୍ରୀ ଓ ନିଜ ପିତାଙ୍କ ମଧରେ ଅବୈଧ ଶାରୀରିକ ସମ୍ପର୍କ..!! ଘୋର ପ୍ରତିବାଦ ଜଣାଇଲା। ପିତାଙ୍କୁ ଧିକ୍କାର କଲା। ସ୍ତ୍ରୀକୁ ଧିକ୍କାର କଲା। ଶଶୁର ବୋହୂ ଉଭୟେ ପୋଷାକ ପରିଧାନ କରି ନଗ୍ନତାକୁ ଲୁଚାଇଲେ। ସୁରଜିତ ଆଗରେ ଧରାପଡିଯିବା କଥାଟା ଉଭୟଙ୍କୁ ହଜମ ହେଉ ନଥିଲା। ନିଜ ପୋଷକର ଓଢଣୀଟିକୁ ଶଶୁରଙ୍କ ହାତକୁ ବଢ଼ାଇ ଦେଲା ବୋହୂ।ତା' ପରେ ସୁରଜିତକୁ ଅସ୍ୱାଭାବିକ ଭାବରେ ଭିଡି ଧରିଲା। ସୁରଜିତର ବାପା, ସୁରଜିତ ଗଳାରେ ଓଢଣୀଟି ଘୁରାଇ ଉଭୟ ପାର୍ଶ୍ୱରୁ ଜୋରରେ ଟାଣି ଧରିଲେ। କିଛି ସମୟ ନିଃସହାୟ ସୁରଜିତ ଜୀବନ ଭିକ୍ଷା କଲା। ବାଷ୍ପରୁଦ୍ଧ ଅବସ୍ଥାରେ କେତେ ସମୟ ଅବା ରହି ପାରିଥାନ୍ତା.. ପରେ ପରେ ନିଶ୍ଚଳ ହୋଇଗଲା।

ଶବଟିକୁ ନେଇ ଶଶୁର ଓ ବୋହୂ ଲୁବୁନ୍ ଶୋଇଥିବା ଖଟ ତଳେ ରଖିଦେଲେ। ରୂପ ଦିଆଗଲା, ସୁରଜିତ ଖଟରୁ ପଡି ମୃତ୍ୟୁ।

ପରଦିନ ସକାଳେ ଓଡ଼ିଶା ଆଗଧାଡ଼ି ଖବରକାଗଜମାନଙ୍କର ଶୀର୍ଷକ ଖବର ସାଜିଥିଲା ଖାନ୍ ନଗରର ଏହି ଅଭାବନୀୟ ଘଟଣା।

ଶ୍ରୀକାନ୍ତ କୁମାରଙ୍କ ମାନସିକ ସନ୍ତୁଳନ ଅଣାୟତ ହେବାକୁ ବସିଲାଣି। ରକ୍ତଚାପ ବଢିବାକୁ ବସିଲାଣି। ନିଜକୁ ଆୟତ୍ତ କରିବା ପାଇଁ ଢକ ଢକ କରି ପାଣି ଦୁଇ ଗିଲାସ ପିଇଗଲେ। ଅଳ୍ପ ଆଶ୍ୱସ୍ତି

ଲାଭ କରୁଛନ୍ତି । ମନେ ମନେ ଗାଳି ବର୍ଷଣ କରୁଛନ୍ତି ସୁରଜିତକୁ, ନିଜ ଭଉଣୀକୁ, ଆଉ ପିତୃତୁଲ୍ୟ ସୁରଜିତର ପିତାଙ୍କୁ ।

ସୁରଜିତ ଗୋଟିଏ ଏଡେ ଅପଦାର୍ଥ, ନିଜ ସ୍ତ୍ରୀକୁ ନିଜ ଆୟତରେ ରଖି ପାରିଲାନି । ଛାଡପତ୍ର ଦେଇଦେଇଥାଆନ୍ତା, ନଚେତ୍ ଅନ୍ୟତ୍ର ଅଜ୍ଞାନ୍ତ ବାସରେ ରହି ନିଜେ ଭିନ୍ନ ପ୍ରଣାଳୀର ଜୀବନ ଜୀଇଁ ବଞ୍ଚି ରହିପାରିଥାନ୍ତା ।

ପୁଣି ନିଜ ଭଗିନୀ ଆଡକୁ କଟାକ୍ଷପାତ କରି ମନେ ମନେ ବିରକ୍ତ ହେବାକୁ ଲାଗିଲେ... ଘରନିଆଁ ବୋଲି ଅଣ୍ଟିରେ ଧରିଲେ ଅଣ୍ଟି ଜଳିଯାଏ । କଳଙ୍କିନି, ଦୁଶ୍ଚରିତ୍ରା ଗୋଟିଏ ପୁରୁଷରେ ମନ ଭରିଲାନି? ସୁନ୍ଦର, ସୁଠାମ ସଭ୍ୟ ଶିକ୍ଷିତ ସ୍ୱାମୀ ଥାଉ ଥାଉ ନିଜ ଶଶୁର ସହିତ ପାପ ପ୍ରଣୟ କରିବାକୁ ପଛଘୁଞ୍ଚା ଦେଲା ନାହିଁ? ଏମାନେ ତ ସମାଜ ପାଇଁ, ନାରୀ ଜାତି ପାଇଁ କଳଙ୍କ ।ଏମାନଙ୍କ ଠାରୁ ସମାଜ କଣ ଶିଖିବ..?? ଧିକ ଶତ ଧିକ ଏଭଳି କୁଳଟା ରମଣୀମାନଙ୍କୁ ।

ଆଉ ସୁରଜିତର ପିତା..? ନାରୀ ବସା ମାନବାଃ । କାମାନ୍ଧ ହୋଇ ଜନ୍ମିତ ପୁତ୍ରର ହତ୍ୟା କରିବାକୁ ପଛଘୁଞ୍ଚା ଦେଲେ ନାହିଁ ! ନିଜ କନ୍ୟାସମ ପୁତ୍ରବଧୂ ଉପରେ ପାପ ପଙ୍କିଳ ନଜର ପକାଇ ଅଦୁରଦର୍ଶୀ ଅପରିଣାମଦର୍ଶୀ ଭଳି ନିଜ ହାତରେ ନିଜ କୁଳର ଅଙ୍କୁରକୁ ନିଃଶେଷ କରିଦେଲେ ! ପିତା ନୁହଁ ତ, ପିତାଙ୍କ ନାମରେ ସମାଜ ପାଇଁ ଗୋଟିଏ କଳଙ୍କିତ ଅଧ୍ୟାୟ ।

ସାମାନ୍ୟ ଦୈହିକ ସୁଖ ପାଇଁ, କାମ ଜ୍ୱାଳାରେ ଅନ୍ଧ ହୋଇ ମଣିଷ କଣ କରି ନପାରେ..? ସମାଜରେ ଶ୍ରେଷ୍ଠ ସ୍ଥାନ ଦିଆଯାଉଥିବା ନାରୀ ସମାଜରୁ ଚାରିତ୍ରିକ ବିଚ୍ୟୁତି ଘଟାଇ ଏଭଳି ହୀନ କର୍ମରେ ଲିପ୍ତ ରହିଲେ ପୁରୁଷ ସମାଜର ଚିନ୍ତା ଚେତନା ଉକ୍ତ ନାରୀପ୍ରତି କିଭଳି ରହିବ..? ଏମିତି ଅନେକ ଚିନ୍ତା କରି ଶ୍ରୀକାନ୍ତ ଫେରିଆସିଲା ବାସ୍ତବ ରାଜ୍ୟକୁ । ନିଜ ତନ, ମନ ଯୌବନକୁ ବାଜିଲଗାଇଦେଲା ଭଣଜା ଲୁବୁନ୍ ର ଭବିଷ୍ୟତ ନିର୍ମାଣ ପାଇଁ । ଚିକିତ୍ସକ, ଜିଲ୍ଲାପାଳ କିମ୍ବା ବଡ଼ ସାହେବ କରିବା ପାଇଁ ନୁହେଁ, ସଭ୍ୟ ଶିକ୍ଷିତ ଏବଂ ଜଣେ ଆଦର୍ଶ ମଣିଷ କରିବା ପାଇଁ.... ।

# ପିତା...



**ରାକେଶ ମୁଦୁଲି**
ନରସିଂହପୁର, କଟକ, ଓଡିଶା

ପିତା ସ୍ୱର୍ଗ ପିତା ଧର୍ମ ପିତା ହିଁ ପରମ ତପ,
ପିତା ପ୍ରତି ଶ୍ରଦ୍ଧା ରହିଲେ ସନ୍ତୁଷ୍ଟ ହୋଇଥାନ୍ତି ସର୍ବ ଦେବ ॥
ସୁସ୍ଥ ମନ ସୁସ୍ଥ ପ୍ରାଣ ନେଇ ପିତା ମାତା ଓ ସନ୍ତାନ ରହିଥାନ୍ତି ଏକ ପରିବାରରେ,
ସେ ବନ୍ଧନ ଅଟେ ରକ୍ତର ବନ୍ଧନ ଛିଣ୍ଡେ ନାହିଁ ସହଜରେ ॥
ପରିବାରର ମୁଖ୍ୟ ହୋଇଥାନ୍ତି ପିତା,

ଜନ୍ମଦାତ୍ରି ହୋଇଥାନ୍ତି ମୋ ମାତା ॥
ସମସ୍ତଙ୍କ ଦାୟିତ୍ୱକୁ ମୁଣ୍ଡାଇ ସେ ମୁଣ୍ଡେ,
ଭୋକେ ରହି ସେ ଖାଦ୍ୟ ଦେଇଥାନ୍ତି ପିଲାଙ୍କ ତୁଣ୍ଡେ ॥
ପିତା ଅଭିମାନ ପିତା ସ୍ୱାଭିମାନ,
ପିତା ମୋ ଜୀବନ ଅଭିଜାନ ॥
ପିତା ମୋ ଆକାଶ ପିତା ମୋ ଭୂ-ଲୋକ,
ମାତା ମୋ ଜନ୍ମଦାତ୍ରି ପିତା ମୋ ପରିଚୟର ସନ୍ତକ ॥
ସାଜି ମୋ ଘୋଡା ବୁଲାନ୍ତି ପିଠିରେ ବସାଇ,
କାନ୍ଧେ ବୁଲାନ୍ତି ସେ ଯାତ୍ରା ମେଳାଦିକୁ ନେଇ ॥
ମାଆ ଶିଖାନ୍ତି ମୋ ହାତ ଧରି ଚାଲିବାକୁ ଭୂଇଁରେ,
ପିତା ଶିକ୍ଷା ଦେଇଥାନ୍ତି ଚାଲିବାକୁ ଜୀବନ ପଥରେ ॥
ସେ ମୋ ଆନନ୍ଦ ଆସର ସେ ମୋ ଅନୁଶାସନ,
ଜୀବନ ପଥରେ ଆଗେଇ ଯିବାକୁ ଦେଇଥାନ୍ତି ସେ ନୀତି ପ୍ରବଚନ ॥
ପିଲାଙ୍କ ସ୍ୱପ୍ନ ପୂରଣ କରିବାରେ ଦେଇଥାନ୍ତି ଯେ ପୂର୍ନ ଜୀବନ,
ସହନ୍ତି ସେ କ୍ଲେଶ ନ କରି ପ୍ରକାଶ ଏହା ଅଟେ ତାଙ୍କ ବଡପଣ ॥
ସାରା ବିଶ୍ୱ ପାଳୁଛି ତାଙ୍କ ପାଇଁ ମାତ୍ର ଗୋଟେ ଦିବସ,
ହେଲେ ମୋ ସଂସ୍କୃତି ପିତା ସହ ବନ୍ଧା ପ୍ରତିଦିନ ମାସ ବର୍ଷ ॥

# ରାତି...



**ସୁନନ୍ଦା ମହାନ୍ତି**
ସାକ୍ଷୀଗୋପାଳ, ପୁରୀ

ରାତିଟା କାହା ପାଇଁ କେମିତି
ସମସ୍ତେ ସ୍ୱପ୍ନ ଦେଖିବା ମନା
ଭୟ ବି କରନ୍ତିନି କେହିକେହି
ବରଂ ଆରମ୍ଭ ହୁଏ ଜୀବନ ଯେମିତି
ପ୍ଲାଟଫର୍ମରେ ପଡ଼ିଥିବା ମଣିଷ
ଶୋଇପାରେ ଏମିତି

ବାସ୍ତବତା ଭିତରୁ ବାହାରି ଟିକେ ଦେଖ
ନିଛକ ଜୀବନ ପ୍ରତିଛବି ଆଙ୍କି ଶିଖ
ହତାଶା ଦୁଃଖ ଯନ୍ତ୍ରଣା ଜୀବାଣୁ ସବୁ
ହେବେ ପଳାୟନପନ୍ଥୀ
ତୁଳିତପ୍ତ ଗଦିରେ ନିଦ ହୁଏନା
ସ୍ୱପ୍ନସବୁ ଅବାସ୍ତବ ଅଛିଣ୍ଡା ଗଣିତ
ଦିନତମାମ ଦେଖୁଥିବା ସ୍ୱପ୍ନ ସବୁ
ରାତିରେ ପାଣିଫୋଟକା ବନନ୍ତି
କର୍ମବୀର କର୍ମଯୋଗୀ ଦିନରାତି ସମାନ କହନ୍ତି
କିଏ କେତେ ମନିଷୀ ଇତିହାସ ରଚନ୍ତି
କିଏ ମରିହଜିଗଲେ ହିସାବ କେହି ନରଖନ୍ତି
ଏଇ ମଧ୍ୟବିତ୍ତ ମଣିଷଗୁଡା
ପାଳାଭୂତ ବନି ପାନ୍ଥଶାଳାର କାନ୍ଥ କୁ
ଚିତ୍ରିତ ଓ ରଙ୍ଗାୟିତ କରୁଥାନ୍ତି
ପାନ୍ଥଶାଳା ହସୁଥାଏ ଇତିହାସ ସେ ନୁହେଁ
ଅବା ଖବରକାଗଜ ଟୁକୁଡାଏ
ରାତିସାରା ଖବର ଛାପୁଥାନ୍ତି
ବାମ୍ଫଉଠା ଚା କପ ସହ ଖବରକାଗଜର
ଉଷ୍ମତା ସେଇମାନେ ମାପୁଥାନ୍ତି
ସାରାରାତି ତୁଚ୍ଛାଟାରେ
ଯିଏ ଅନିଦ୍ରା ହୋଇ ଅନ୍ଧକାର ମାପିଥାନ୍ତି

# ଉଛନ ହେବାର ଉତ୍ସବ...



**ପୁଷ୍ପାଞ୍ଜଳି ପଣ୍ଡା**
ଷ୍ଟାଟିଷ୍ଟିକାଲ୍ ଅଫିସର, ଯାଜପୁର

ଉଛନ ହେବାର ଉତ୍ସବ ପାଳନ
ଅତିବେଶି ହେଲେ ବାର କିବା ତେର ଦିନ
ମାୟା ଯାଏ ଅପସରି
ଯେବେ ହେବ କିଏ ଅଶରିରୀ।।
ଆଶ୍ଚର୍ଯ୍ୟ ହେବାଟା ତୟ
ବଡ଼ ଅଦ୍ଭୁତ ସମୟ ର ଖେଳ
ସରୁ ସରୁ ଆୟୁଷ ର ଗାର,
ଟାଣି ନେଇଯାଏ

ଅଦୃଶ୍ୟ ତ ସିଏ
ପର ଅପରକୁ ଚିହ୍ନିବା ପାଇଁ କି
ଉତ୍ସବ ସରିବା ଲୋଡ଼ା ପଡେନି
ସାଙ୍ଗ ବନ୍ଧୁ କେବେ କେହି ତ ଯାଏନି..!!
ଲୁହ ର ସଜ୍ଜା ,ସମ୍ପର୍କର ସଜ୍ଜା ମିଛ ଲାଗେ
ଭାଇ ଭାତରେ, ଦଶ ତୁଠରେ
ଶାନ୍ତୋଦକ ରେ
ବାର ଦିନ ପରେ ଉତ୍ସବ ସରେ।।
ଧନ ସମ୍ପଦ,ସଂସାରର ବେଡି
ଅଟକାଇ ବାରେ ବିଫଳ,
ଟାଣିନିଏ ମହାକାଳ
ଦେଖାଏ ଭୟ
ସମସ୍ତ ଚୁପ୍ ,ନିରୁପାୟ
ବଡ଼ ମାୟାବୀ  ଏ ସମୟ।।
ଭାବିହୁଏନା ନିଜର ଉତ୍ସବ ପାଳିବା
ବରଂଚାଲ , ଅଦୃଶ୍ୟ ଗନ୍ତବ୍ୟସ୍ଥଳକୁ
ଯିବାକୁ ନିଜକୁ ସଜେଇ ଚାଲିବା
ଏମିତି ଚାଲିଛି ଜୀବନର ଯାତ୍ରା
ଉଛନର ଉତ୍ସବର କଥା।।

# ହୃଦୟ...



**ସତ୍ୟରଞ୍ଜନ ସ୍ୱାଇଁ**
ଅବଦଲପୁର, ଯାଜପୁର

ଆଜି ବି ହୃଦୟ ଖୋଲାମୁଁ ରଖିଛି
ତୁମରି ବାଟକୁ ଚାହିଁ
ଥରୁଟିଏ ଆସି ଦେଖଥରେ ମୋତେ
ତୁମକୁ ମୁଁ ଭୁଲି ନାହିଁ
ଜୀବନକୁ ମୋର ସାଇତି ରଖିଛି
ମନର ମଣିଷ ପାଇଁ
ଆଜିବି ହୃଦୟ...............୧

ଅନେକ ଯାତନା ସହିଛି ଜୀବନେ
ଦୁଃଖ କେବେ କରିନାହିଁ
ହୃଦୟ ମିଶିଲା ହୃଦୟ ସାଥିରେ
ଦୋଷ କିଛି ମୋର ନାହିଁ
ତୁମେ ଯଦି ମୋତେ ବୁଝିନ ପାରିବ
ଜୀବନ ହାରିବି ମୁହିଁ
ଆଜିବି ହୃଦୟ...............୨

ଲାଗିଲାଣି ଡର ମନରେ ମୋହର
ତୁମଠୁ ଦୂରରେ ରହି
ତୁମରି ଭାବନା ଅଥୟ କରୁଛି
ସହିଏକା ପାରୁ ନାହିଁ
କଳଙ୍କିତ ଏହି ଜୀବନକୁ ମୋର
ତୁମେ ଥରେ ଦିଅ ଛୁଇଁ
ଆଜି ବି ହୃଦୟ ଖୋଲାମୁଁ ରଖିଛି
ତୁମରି ବାଟକୁ ଚାହିଁ.............୩

# ବନ୍ଦେ ଉତ୍କଳ ଜନନୀ...



**ସୀମାଞ୍ଚଳ ପଣ୍ଡା**
ଶିକ୍ଷକ, ଡେଙ୍ଗାଡି,ଗଞ୍ଜାମ

ଅନୁଗ୍ରହେ ତୋର ଜନମ ମୋହର
ହେଲାଭାଗ୍ୟବଳେ ତୋହରିକୋଳେ,
ଧନ୍ୟ ମା ଉତ୍କଳ ତୋ ପୁଣ୍ୟର ବଳ
ଜଗତ ବନ୍ଦଇ ଉଲ୍ଲାସ ଭୋଳେ!

ନାହିଁ ଭେଦା ଭେଦ ଏ ପୁରେ ପ୍ରମାଦ
ଜଗନ୍ନାଥ ବିଜେ ଶ୍ରୀକ୍ଷେତ୍ରେ ପୁରୀ,
ସଭିଙ୍କୁ ସମ୍ମାନ ବିଚାର ସମାନ
ଉତ୍କଳ ସନ୍ତାନ ଶ୍ରଦ୍ଧା ସବୁରି,
ବୀରତ୍ୱ ଆତିଥ୍ୟ କଳାର କୃତିତ୍ୱ
କର୍ମେ ଧର୍ମେ ସାର ଧରଣୀ ତଳେ,
ଅନୁଗ୍ରହେ ତୋର ଜନମ ମୋହର
ହେଲାଭାଗ୍ୟବଳେ ତୋହରିକୋଳେ।

କାଳର କବଳେ ଦୁରାଚାରୀ ବଳେ
କଲେ ବିଖଣ୍ଡିତ ଉତ୍କଳ ଦେଶ,
ଆସି ଷଡ଼ ରଥୀ କରିଲେ ଏକାଠି
ଭାଷା ଘେନି ଗଢ଼ି ଦେଲେ ପ୍ରଦେଶ।

ଉଣେଶ ଛତିଶି ଏପ୍ରିଲରେ ମିଶି
ପ୍ରଥମ ଦିବସେ ନୂତନ ଭାବେ,
ଓଡ଼ିଶା ନାମରେ ଭାରତ ଧାମରେ
ଦେଲା ପରିଚୟ ଭାଷା ପ୍ରଭାବେ,
ଶାନ୍ତି ମୈତ୍ରୀ ଭକ୍ତି ଶକ୍ତି କି ପ୍ରଗତି
ସବୁରେ ଆଗୁଆ ଓଡ଼ିଆ ହେଲେ,
ଧନ୍ୟ ମା ଉତ୍କଳ ତୋ ପୁଣ୍ୟର ବଳ
ଜଗତ ବନ୍ଦଇ ଉଲ୍ଲାସ ଭୋଳେ।

ଉତ୍କଳ ଜନନୀ ବୀର ପ୍ରସବିନୀ
ବନ୍ଦଇ ଚରଣେ ସନ୍ତାନ ତୋର,
ଦିଅ ମା' ଆଶିଷ ଶାଶ୍ୱତ ସନ୍ଦେଶ
କରୁଣା ପରଶେ କଷଣ ହର।



# ବନ୍ଦେ ଉତ୍କଳ ଜନନୀ...



**ଜଗଦୀଶ ଶତପଥୀ**
ଧର୍ମଶାଳା। ଯାଜପୁର

ବନ୍ଦଇ ତୋର ଶ୍ରୀ ଚରଣ
ତୁହି ମୋ ପ୍ରଭୁ ନାରାୟଣ।
ଜଗନ୍ନାଥ ଯେ ବିଶ୍ୱକର୍ତ୍ତା
ବିଶ୍ୱର ଅଟେ ଯେ ବିଧାତା।
ସମୁଦ୍ର ଯାର ପାଦଧୁଏ
ଉତ୍କଳ ଜନନୀ ଟି ସିଏ।
ବାର ମାସରେ ତେର ଜାତ
ସବୁତ ତାହାରି ସମ୍ଭୁତ।
କଳାର ସେହି ଗନ୍ତାଘର
ଉତ୍କଳ ଗାରିମା ଅପାର।
ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତ
ଅଟଇ ବିଶ୍ୱରେ ବିଖ୍ୟାତ।
କୋଣାର୍କ ଗାତ୍ରେ ଦିବ୍ୟ ମୂର୍ତ୍ତି
ଉତ୍କଳ ମା'ର ଦିବ୍ୟ କୀର୍ତ୍ତି।
ଭାଷା ସାହିତ୍ୟ ଭରପୁର
ସୁନ୍ଦର ଅଟେ ବ୍ୟବହାର।
ହକି ଖେଳରେ ସର୍ବଶ୍ରେଷ୍ଠ
ବିଶ୍ୱରେ ନାମଟି ବିଶିଷ୍ଟ।
ଉତ୍କଳ ମାଟି ଟି ନମସ୍ୟ
ତା'ଧୁଳି ଅଟେ ତୀର୍ଥକ୍ଷେତ୍ର।
ଉତ୍କଳ କଳା ର ଯେ କ୍ଷେତ୍ର
ପବିତ୍ର ହୁଅଇ ଯେ ନେତ୍ର।

# ଉତ୍କଳ ର ଗୌରବ ଗାଥା...



ବସନ୍ତ କୁମାର ସାହୁ
ଦେଉଳି, ଖୋର୍ଦ୍ଧା

ଖଣ୍ଡ ଖଣ୍ଡ ଚିରୀ ଦେଇଥିଲ ଫିଙ୍ଗି
ଉତ୍କଳ ର ଶିରା ପ୍ରଶିରା ଛିଣ୍ଡି
ଗୋଟାଇ ରଖିବା କଷ୍ଟ କର ପାଠ
ଭାଗ୍ୟ ଆକାଶରେ ଉଦୟ ରବି।।
ତିନିପଟେ ଘେରା ଉତାଳ ତରଙ୍ଗ
ସମୁଦ୍ର ଗର୍ଜୁଛି ରହି ରହିକି
ବଡ଼ ଦେଉଳ ର ମେଘନାଦ ପ୍ରାଚୀ
ଶୁଭେନି ନିଃଶବ୍ଦେ ରହିଛି ସାକ୍ଷୀ।।
ଭୁବନ ଇଶ୍ୱରେ ଶିବ ମନ୍ଦିରରେ
ଶୁଭୁଥିଲା ଘଣ୍ଟ ଘଣ୍ଟା ର ଧ୍ୱନି
କେଦାର ଗୌରୀ ପ୍ରେମ ପଦଧ୍ୱନୀ
କଥା ରହିଅଛି ଝୁରେ ଅବନୀ।।
ନରସିଂହ ଦେବ ସୂର୍ଯ୍ୟ ଉପାସକ
କୋଣାରକ ବ୍ୟଥା ଧରମା ବଳି
ଓଡ଼ିଶୀର ଛନ୍ଦେ ନାଟ ମଣ୍ଡପ ରେ
ଶିଳା ପଦ୍ମ କଥା ବସିଲି ଭାଳି।।
ଉତ୍କଳ ର ବୀର ଉତ୍କର୍ଷ କଳାର
ଖୋର୍ଦ୍ଧା ପାଇକ ଟେକ ରଖିଛି
ବରୁଣେଇ ଶିଖ ଗରେବେ କହୁଛି
ଶତ୍ରୁ ଶିର ମୋଡ଼ି ରକ୍ତ ପିଇଛି।।
ପୂଣ୍ୟ ସେ ମାଟିକୁ ଟେକି ଧରି ଦେଲେ
ଲାଲ ମାଟି ମା'ର ଗର୍ଵେ କହୁଛି
ସ୍ୱତନ୍ତ୍ର ଉତ୍କଳ ମଧୁବାବୁ ନାମ
ଇତିହାସ ଯାର ନାମ ଘୋଷିଛି।।

# ଅପରିଚିତ ପୃଥିବୀ....



ପ୍ରଜ୍ଞାଅର୍ପିତା ପ୍ରଧାନ
ଗେଙ୍ଗୁଟିଆ , ଢେଙ୍କାନାଳ

ଅପରିଚିତ ପୃଥିବୀ କୁ ମଣିଷର ଚିରଦିନ ଭୟ,
ବନ୍ଧୁହୀନ,ପରିଚୟ ହୀନ,ପିତୃହୀନ
ସେଠି ସେ ଏକା!
ଖୋଜି ବସେ ଅଚିହ୍ନା ପୃଥିବୀରେ
ଚିହ୍ନା ମୁହଁ ଟିଏ ପୁଣି,
ଜୀବନ ସେପାରି ରେ କେହି ଅପେକ୍ଷା କରିଛି ତା'ର
ଭେଟାଭେଟି ହେବ ମୃତ୍ୟୁ ପରେ,
କେହି ଆପଣାର ସାଥେ।
ଅଭିନୟ ସରି ଆସେ,
ଯିବାର ବେଳ ଖୁବ୍ ନିକଟତର ହୁଏ,
ମେଲାଣି ନେବାକୁ ପଡିବ ଏ ମେଢ଼ କୁ
କେବେ ପାଲଟିବ ମେଢ ପୁଣି ମଢ କୁ।
ବିଦାୟ ବେଳେ ଝରିବ କେତେ
ଆପଣା ଆଖି ଲୁହ
ତାପରେ ସଭିଏଁ ଭୁଲିଯିବେ ତୁମ ମୁହଁ।
ମୃତ୍ୟୁ ଆସନ୍ନ ଜାଣିଯିବା ପରେ,
ହାତଠାରି ଡାକେ କେ' ସେପାରି ରେ!!

ମହ୍ଲାର...
ଏକ ନୂତନ ଆଶାରେ ପ୍ରାଣ ସଞ୍ଚାର...

# ରାତି...



ଜ୍ଞାନ ରଞ୍ଜନ ରାଉଳ
ବାଲେଶ୍ବର , ଓଡ଼ିଶା

ଆଖିରେ ନିଦର
ଗଭୀର ପରଦ ଖାଞ୍ଚି ଆସିଲାଣି।
ଆଗରେ ଅସମ୍ପୂର୍ଣ୍ଣ ଅନେକ ଫାଇଲ।
ମିଞ୍ଜି ମିଞ୍ଜି ଜଳୁଥିବା ବଲ।
ଧୂଳି ଜମି ରହିଥିବା ଚଷମା ଟାଏ।
ଆଉ ନିଶବ୍ଦ ରାତି।।
ରାତି ସହ ସଂପର୍କ।
ଗଢ଼ିଲାଣି ଅନେକ ଦିନରୁ।
ଏବେ ତ ସଂପର୍କ ନିବିଡ ହୋଇ ଗଲାଣି।।

ରାତି ଆଉ ଦିନ ଭିତରେ ଏତିକି ଫରକ।
ଦିନ କିଛି କହିବାକୁ ଦିଏନା।
ଆଉ ରାତି ସବୁ ଶୁଣେ ହେଲେ କିଛି କୁହେନା।।
ବଡ ଅଜିବ ସଂପର୍କ ନା ଦିନ ରାତି ର।।

ବେଳେ ବେଳେ କର୍ତ୍ତବ୍ୟ ର ଡାକରା ରେ।
ସବୁ ପଛ ରେ ଛାଡି ଯିବାକୁ ପଡେ।।
ନିଜ ଖୁସି , ସ୍ୱପ୍ନ ସବୁ ଭୁଲିଯିବା କୁ ପଡେ।
ବାସ କେବଳ ଅନ୍ୟ ପାଇଁ ଜିଇଁବାକୁ ପଡେ।।

କେବେ କେବେ ଅନେକ ଦିନରୁ ଲିଭି ଯାଇଥିବା।
ଅଙ୍ଗାର ଭିତାରୁ ବି ଆଶା ଟେ ଚମକି ଉଠେ।।
ହତାଶ ହୋଇ ପଡିଥିବା ହୃଦୟ କୁ ଶାନ୍ତ୍ୱନା ଦିଏ।
ଆଉ ପୁଣି ତାକୁ ଫେରାଇ ଦିଏ କର୍ତ୍ତବ୍ୟ ପଥ କୁ।।
ଆଉ ସେ ବି ତାର ସବୁ ସ୍ୱପ୍ନ ମାନଙ୍କୁ କବର ଦେଇ।
ଫେରି ଆସେ ତାର ସେଇ ଚିରା ଚିରନ୍ତନ ଟେବୁଲ,
ଆଉ ଅସମ୍ପୂର୍ଣ୍ଣ ଫାଇଲ ମାନଙ୍କ ପାଖକୁ।।

# ପ୍ରଳୟ ଅବସମ୍ଭାବୀ...



**ଶରତ ଚନ୍ଦ୍ର ପଣ୍ଡା**
ନଗୁଆଁ, ଦରକୁଣ୍ଡି, ଯାଜପୁର

ଅଳପ ଦେନେ ନରଗଣ
ଶୁଣିବ ଅଦ୍ଭୁତ ବଚନ'
ଆସିବ ଅଦ୍ଭୁତ କାରଣ ll
ଜନ୍ମିବ ଅଦ୍ଭୁତ ମାନବ
ଦିବି ମେଦିନୀ ବଦଳିବ ll
ଅସହ୍ୟ ଅଶାନ୍ତି ଉତ୍ପାତ
ଦେଖି କମ୍ପିବ ସ୍ୱର୍ଗ ମର୍ତ୍ତ୍ୟ ll
ଅଚଳ ସହ ଚଳ ତହିଁ
ତ୍ରାସେ ରହିବେ ଭୟ ପାଇ ll
ଦଶ ଦିଗ ଯେ ଦହି ହେବ
ଅନଳ ପରିକା ଲାଗିବ ll
ନିଶି ଦିବସ ଉଲକା ପାତ
ହୋଇବେ ସର୍ବେ ଭୟ ଭୀତ ll
ଅସହ୍ୟ ହୋଇବ ସମୀର
ଉଚ୍ଚରେ ଶୁଭିବଟି ସ୍ୱର ll
ଜନ ଜୀବନ ସ୍ତମ୍ଭିଭୁତ,,
ଶରୀର ଦିଶିବ କିମ୍ଭୁତ ll
ପ୍ରଚଣ୍ଡ ବାତ ବଳେ ମହୀ
ବୃକ୍ଷେ ପଡ଼ିବେ ତଳେ ଶୋଇ
ଧୂଳି ପୂରିବ ଦଶଦିଶେ,,
ବିପରୀତରେ ଉଦେ ଦିଶେ ll
ମେଘ ଗର୍ଜନ ଶୂନ୍ୟପଥେ,,
ସମୁଦ୍ର ହୁଙ୍କାର ସହିତେ ll
ନଦୀର ଜୀବନ ସରିବ,,
ମଗର ସ୍ଥଳ ଆବୋରିବ ll
ଶୃଗାଳ ଉଦୟକୁ ଚାହିଁ
ଦୁଃଖେଣ ନାଦ କରିବେ ହିଁ ll
ଉଲୂକ ହୁଙ୍କାର ଉତ୍ତରେ
ଗର୍ଦ୍ଦଭ, ଶ୍ୱାନଙ୍କ ସଙ୍ଗରେ ll
ଅନଳ ଆଚ୍ଛାଦିବ ବନ,,
ସର୍ବତ୍ର ଯୋଗିନୀର ସ୍ୱର ll
ବସ୍ତ୍ର ଅଛାଦି ତନୁ ନଗ୍ନ
କରଷି ନପାରି ମଉନ ll
ଲିଙ୍ଗେ ହୋଇବେ ଅଣ ଦେଖା,,
ସ୍ୱଲିଙ୍ଗେ ହେବେ ବହୁ ସଖା ll

# ସବୁ ମାୟା ରେ ବାୟା ...



**ସିଦ୍ଧି ପ୍ରସାଦ ସାହୁ**
କଣିହାଁ, ଅନୁଗୁଳ

ଏ ଯୋଗୀ ପୁଅ,ଏଠାକୁ ଆସିଲୁ । ଆଉ ଥରେ ତୋର ସେ ଗୀତ, ମନବୋଧ ଚଉତିଶା ର "ଖଣ୍ଡି ଯେ ଖଣ୍ଡି ତୋର ପିଞ୍ଜରା କାଠି" କୁ ଗାଇଲୁ ।" ଏତିକି କହି ନିଜର ବାଘୁଆ ନିଶ ହଳକୁ ସଜାଡି ଦେଇ, ପ୍ଲାଷ୍ଟିକ ଚୌକିରୁ ଧଳା ଧଳା କାତିଆ ଛାଡି ପଡୁଥିବା ପ୍ଲାଷ୍ଟିକ ଚୌକିଟିକୁ ସଜାଡି ଦେଇ ବସିପଡିଲେ ଅମରେନ୍ଦ୍ର ବାବୁ । ଯୋଗୀ ପୁଅ ବି ଖୁସିରେ ଗାଇଚାଲିଲେ ମନବୋଧ ଚଉତିଶାର କ' ଠାରୁ କ୍ଷ' ପର୍ଯ୍ୟନ୍ତ ସମସ୍ତ ପଦକୁ । ଯୋଗୀ ପୁଅ ଯେତିକି ଯେତିକି ଆନନ୍ଦରେ କେନ୍ଦେରା ବଜାଇ ମନବୋଧ ଚଉତିଶା କୁ ଗାଉଥାଏ ଅମରେନ୍ଦ୍ର ବାବୁଙ୍କ ଆଖିରୁ ସେତିକି ସେତିକି ଲୁହ ଧାର ଗୁଡାକ ବହିଯାଉଥାଏ ।

ଯୋଗୀପୁଅ ଆନନ୍ଦିତ ହେବା ଓ ଅମରେନ୍ଦ୍ର ବାବୁ ଙ୍କ ଆଖିରୁ ଅମାନିଆ ଲୁହ ଗୁଡାକ ତଳକୁ ତଳକୁ ଝରିଆସିବାର କାରଣ ଆମକୁ ଜଣାନଥିଲେ ମଧ ସେ ଦୁଇ ଜଣଙ୍କୁ ବେଶ ଜଣା । ଯୋଗୀ ପୁଅ ଭାବୁଥାଏ ଆଜି ମୁଁ ଉପଯୁକ୍ତ ପାଇଛି ଓ ପାଇବି। ବାବୁ ଙ୍କର ଆଖି ରୁ ଲୁହ ଗୁଡାକ ଯେତିକି ଝରୁଥାଏ ସେତିକି ସେତିକି ଯୋଗୀପୁଅ ପୁରସ୍କାର ପାଉଛି ବୋଲି ଭାବୁଥାଏ । କାରଣ ଯୋଗୀପୁଅ ଭାବୁଥାଏ, "ମୋର କଣ୍ଠ ଓ କେନ୍ଦେରା ର ଯାଦୁରେ ବାବୁ କାନ୍ଦୁଛନ୍ତି ଓ ପାଇବି ଆଶା ଟା ହେଉଛି, "ମନବୋଧ ଚଉତିଶା ର ଗୀତ ଟି ଶେଷ ହେଲେ," ମୋର ଥାଳ ପରିପୂର୍ଣ୍ଣ ହୋଇଯିବ ଓ ବାବୁ ଙ୍କର ଘରେ ସୁମିଷ୍ଟ ଭୋଜନ ଟିଏ ହେବ।

କିନ୍ତୁ ସେସବୁ କିଛି ହେଲାନାହିଁ । ଯୋଗୀପୁଅର କଣ୍ଠସ୍ୱର ସହିତ କେନ୍ଦେରାରୁ ନିର୍ଗତ ଝଙ୍କାର ମଧ କମିଗଲା । କିଛିସମୟପର୍ଯ୍ୟନ୍ତ ନୀରବରହିଲା ପରେ ଅମରେନ୍ଦ୍ର ବାବୁ କହିଲେ,"ଯୋଗୀପୁଅ ତୁମକୁ ଉପହାର ଦେବାପାଇଁ ମୋ ପାଖରେ କିଛିନାହିଁ। ମୁଁ ଆଜି ନିଃସ୍ୱ । ଏକ ଅଲୋଡ଼ା ଅଚଳନ୍ତି ମୁଦ୍ରାଟିଏ ।"

ଯୋଗୀପୁଅ ବାବୁଙ୍କ ଦୁଃଖରେ ସମବେଦନା ଜଣାଇକହିଲେ,"କିଛିନାହିଁ ଆଜ୍ଞା,ଆମେ ତ ଯୋଗୀଲୋକ । ଏହି ଲାଉତୁମ୍ବା ହେଉଛି ଆମର ପାତ୍ର ।ଲୋକମାନଙ୍କୁ ଏହିପରି ଟୀକା ଗୋବିନ୍ଦଚନ୍ଦ୍ର ଓ ମନବୋଧ ଚଉତିଶା ର ଧାର୍ମିକ ତତ୍ତ୍ୱ ଶୁଣାଇ, ଯଦିକିଛି ପାଉ ତେବେ ସେଥିରେ ଚଳିଯାଉ । ବାଟରେ ଯଦିକେହି ବୁଭୁକ୍ଷୁ ଜନତା ଦେଖୁ ସେହି ଲାଉତୁମ୍ବା ରେ ଥିବା ଖାଦ୍ୟକୁ ମଧ୍ୟ କିଛି ପ୍ରଦାନ କରୁ। ଯାହା ଖାଇଥିବ ପେଟ କୁ, ଯାହା ରଖିଥିବ ଖଣ୍ଟକୁ ।"

ଏହାର ଅର୍ଥ ବୁଝିବାକୁ ଅମରେନ୍ଦ୍ର ବାବୁ ଯୋଗୀପୁଅ କୁ ପଚାରିବାରୁ ଯୋଗୀପୁଅ କହିଲେ,"ତୁମେ ଯାହା ଖାଇବ କେବଳ ପେଟ କୁ ଖାଇବ। ଖାଇସାରି ତାପର ଦିନ ଝାଡା ଫେରିଦେବ, ଯାହା ସଞ୍ଚୟକରି ରଖିଥିବ ସେ ସବୁ ପରଖାଇବେ । " ଅମରେନ୍ଦ୍ର ବାବୁ ପଚାରିଲେ,"

ନିଜ ପୁଅ, ସ୍ତ୍ରୀ କଣ ପର " ଯୋଗୀପୁଅ ଟିକେ ହସିଦେଇକହିଲେ,"ସେମାନେ ବେଶୀ ପର। ପାଉଥିବା ପର୍ଯ୍ୟନ୍ତ ସ୍ନେହ ଆଦର । ମହୁମାଛି ପରି ମହୁ ସଞ୍ଚୟ କରି ରଖିଥିବ, ଅନ୍ୟମାନେ ଭୋଗ କରିବେ । କେହିନୁହେଁ କାହାର, ଧର୍ମ ଏକା ତୁମର।"

ଏତିକି କଥାରେ କଇଁ କଇଁ ହୋଇ କାନ୍ଦି ଉଠିଲେ ଅମରେନ୍ଦ୍ର ବାବୁ । ଯୋଗୀପୁଅ ପ୍ରବୋଧନ ଦେଇ କହିଲେ,"ଥୟ ଧରନ୍ତୁ ଆଜ୍ଞା। ଯଦି ଆପଣଙ୍କୁ ବାଧିଲା ତେବେ ମୁଁ ଦୁଃଖିତ"। ଏତିକିକହି ଯୋଗୀପୁଅ ତା ବାଟରେ ଚାଲିଗଲା ।

ଯାହା ରଖିଥିବ ଖଣ୍ଟ କୁ--------। ଏହି କେତେଟା ଶବ୍ଦ ଅମରେନ୍ଦ୍ର ବାବୁଙ୍କୁ ଦଶବର୍ଷ ତଳ ର ଘଟଣାବଳୀ କୁ ମନେପକାଇ ଏପରି ବ୍ୟଥିତ କରିପକାଇଲା ଯେ ମୁହଁହଟାକୁ ତଳକୁ କରି ଅତୀତ ରାଜ୍ୟରେ ଭାସିଗଲେ । ପୋଲିସ ବିଭାଗରେ ଅଫିସର ଥିଲେ । ମୋଟା ଅଙ୍କରେ ଦରମା ପାଉଥିଲେ। ଦୁଇ ତିନୋଟି ଗୃହରକ୍ଷୀ ବଙ୍ଗଳା କାମରେ ଲାଗିଥାନ୍ତି । ମାଡାମ କିନ୍ତୁ ବେଶୀ ଅର୍ଥଲୋଭୀ ଥିଲେ । ବାବୁ ଙ୍କୁ ପ୍ରବର୍ତ୍ତାଇଲେ ଅଧିକ ଅର୍ଥ ଉପାର୍ଜନ ପାଇଁ । "କାନିରେ ଶୁଏ, କାନରେ କହେ, ତା କଥା କି ଅନ୍ୟଥା ହୁଏ ।" ମୋଟା ଦରମା ପାଉଥିଲେ ଅସାମାଜିକ ଲୋକଙ୍କୁ ବାନ୍ଧିବା ପାଇଁ। ଯେଉଁ ହାତରେ ସେମାନଙ୍କୁ ବାନ୍ଧିଥାନ୍ତେ,ସେହି ହାତରେ ଲାଞ୍ଚଖାଇ ସେମାନଙ୍କୁ ଛାଡିଦେଲେ । ଏତେ ଟଙ୍କା କଣ କରିବେ? ସ୍ତ୍ରୀ ଙ୍କ କଥାରେ ପଡି ଓଡ଼ିଶାର ସବୁ ମହାନଗର ମାନଙ୍କରେ ଫ୍ଲାଟ କିଣିଲେ,ଜାଗା କିଣିଲେ, ଦୁଇ ତିନି ଲକ୍ଷ ଟଙ୍କାର ବିଦେଶୀ କୁକୁର କିଣିଲେ, ତିନି ଚାରୋଟି ବି ଏମ ଡବ୍ଲ୍ୟୁ କାର କିଣିଲେ । ସୁନା ଏତେ କିଣିଲେ ଯେ ମାଡ଼ାମ ଦିନେ ଦିନେ ସୁନା ବେଶ ହୋଇ ଡ୍ରେସିଂ ଟେବୁଲ ସାମ୍ନା ରେ ବସି ନିଜକୁ ବିଭିନ୍ନ ଢଙ୍ଗରେ ଦେଖନ୍ତି । ଯାହାକୁ କି କୁହାଯାଏ ଚଳଣି ଟି ସତେଯେମିତି ମୋଗଲ ସମ୍ରାଟ ବାଦଶାହା ।

ସବୁଦିନ ସମାନ ଯାଏନାହିଁ ।ଚାକିରି ଆଉ ଦୁଇବର୍ଷ ଥାଏ। ଦିନେ ସକାଳ ପାଞ୍ଚ ଟାରେ କଲିଙ୍ଗ ବେଲ ଶବ୍ଦରେ ଅମରେନ୍ଦ୍ର ବାବୁଙ୍କର ନିଦ ଭାଙ୍ଗିଗଲା। ବାବୁ ହାତରେ ଏକ ବ୍ୟାଗ ଧରି ତରତର ହୋଇ କବାଟ ଖୋଲିବାକୁ ଚାଲିଗଲେ । କାରଣ ସେ ସମୟ ଟା ହେଉଛି ସେମାନଙ୍କ ଆସିବା ସମୟ, ଯେଉଁସମୟରେ କି ବାବୁ ଖାଲି ବ୍ୟାଗ ଟା ଦେଖାଇ ଦିଅନ୍ତି ଓ ସେମାନେ ଟଙ୍କା ବିଡା କେତେଟା ବ୍ୟାଗ ରେ ପକାଇ ଦେଇ ଚାଲିଯାନ୍ତି । କବାଟ ଖୋଲି ଦେଉ ଦେଉ ସେଦିନ କିନ୍ତୁ ଅମରେନ୍ଦ୍ର ବାବୁ ଯାହାଦେଖିଲେ ସେଥିରେ ସତେ ଯେପରି ତାଙ୍କ ପାଦତଳୁ ମାଟି ଖସିଯାଉଛି । ନିଜତ ପରିଚୟ ପତ୍ର ଦେଖାଇ ଘରଭିତରକୁ ଧସେଇ ପଶିଗଲେ ସିବିଆଇ ଟିମ । କିଲୋ କିଲୋ ସୁନାଗହଣା, ଥାକଥାକ ଟଙ୍କା ବିଡା,ନେନ୍ତା ନେନ୍ତା ପାସ ବୁକ, ପୁଳାଏ ଜମି ପଟ୍ଟା ସବୁ ଅଫିସର ମାନେ ଆଣି ଡ୍ରଇଂ ରୁମ ରେ ପକାଇ ଦେଉଥାନ୍ତି । ଟିଭି ରେ ରୁଲିଂ ଚାଲୁଥାଏ ଅମରେନ୍ଦ୍ର ବାବୁ ଙ୍କର ବିଭିନ୍ନ ସହରରେ ଥିବା ଅମରାପୁର ର ବିବରଣୀ।ବାଦଶାହା ଚଳଣୀ କଥା। ଦର୍ଶକ ଗଣଙ୍କ ପାଟି ଆପେ ମେଳା ହୋଇଯାଉଥାଏ ।

ଅମରେନ୍ଦ୍ର ବାବୁ ଙ୍କ ହାତରେ ହାତକଡୀ ପିନ୍ଧାଇ ସିବିଆଇ ଅଫିସର ମାନେ ନେଇ ଚୌଦ୍ୱାର ଜେଲ ରେ ରଖିଦେଲେ । ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଚାକିରୀ ଗଲା, ଗଚ୍ଛିତ ସମ୍ପତ୍ତି ଗଲା ଓ ଭବିଷ୍ୟନିଧି ପାଣ୍ଠିମଧଗଲା । ଯେଉଁ ପେନସନ ରେ ଅବସର ସମୟ ଚାକିରିଆ ମାନଙ୍କର ସୁଖରେ କଟେ,ସେତକ ମଧ ମିଳିଲା ନାହିଁ।

ଜେଲ ରୁ ଫେରି ପରିବାର ଧରି ଗାଁ କୁ ଫେରିଲେ ଅମରେନ୍ଦ୍ର ବାବୁ। ବୋହୁ ବଡ଼ ଘରର। ପୁଅ ବାଧ ହୋଇ କୌଣସି ଏକ ଛୋଟ କମ୍ପାନୀ ରେ ଚାକିରୀ କଲା। କିଛିଦିନ ସମସ୍ତେ ଅମରେନ୍ଦ୍ର ବାବୁ ଙ୍କୁ ସାନ୍ତ୍ୱନା ଦେଲେ। ଘରେ ଆର୍ଥିକ ଅନଟନ ଦେଖାଦେଲା। ଚାଲିଲା ପରସ୍ପର ର ପରସ୍ପର ପ୍ରତି ଆକ୍ଷେପ ଓ ପ୍ରତିଆକ୍ଷେପ। କ୍ରମେ କ୍ରମେ ଏହା ବିକଟାଳ ରୂପ ଧାରଣ କଲା।

ଏମିତି କେତେକଣ ସେହି ଅତୀତ ସ୍ମୃତିରେ ଭାସିଚଳିଥାନ୍ତି ଅମରେନ୍ଦ୍ର ବାବୁ। ମଝିରେ ମଝିରେ ଲୁହ ଗୁଡାକ ତଳକୁ ଖସି ପଡୁଥାଏ। ସକାଳୁ କିଛି ଖାଇନାହାନ୍ତି ଅମରେନ୍ଦ୍ର ବାବୁ। ହଠାତ କାହାର କର୍କଶ ସ୍ୱରରେ ଅମରେନ୍ଦ୍ର ବାବୁ ଙ୍କର ଦୁଃଖଦ ସ୍ମୃତିରେ ଭଙ୍ଗା ପଡିଗଲା। ମୁହଁ ଉପରକୁ ଉଠାଇଲା ବେଳକୁ ବୋହୁ କହୁଥିଲେ,"ଆସ ଖାଇବ, ଯେଉଁ କର୍ମ କରିଛ ତ ଶୁଣିଲେ ଲାଜ ଲାଗୁଛି। ଏଣେ ବାଦଶାହା ପରି ଚୌକି ରେ ବସିଛ।" ସେଦିନ ଟିଭି ରେ ଶୁଣିଥିଲେ ବାଦଶାହା ଶବ୍ଦ ଘର ଖାନତଲାସୀ ବେଳେ, ଆଜି ପୁଣି ସେହି ଶବ୍ଦ।

କଥାଟା ମର୍ମଭେଦୀ ହୋଇଗଲା ଅମରେନ୍ଦ୍ର ବାବୁ ଙ୍କର। ମନେ ପଡିଗଲା ଯୋଗୀପୁଅ କଥା। ପୁଣି ଆଖିରୁ ଲୁହ ଲୁହ ଆସିଗଲା। ଚୌକିରୁ ଛିଡା ହେଲେ ଅମରେନ୍ଦ୍ର ବାବୁ। ଯେଉଁମାନଙ୍କୁ ସୁନା ଦୋଳିରେ ଝୁଲାଉଥିଲେ,ଯେଉଁମାନଙ୍କୁ ପ୍ରାଚୁର୍ଯ୍ୟ ରେ ରଖାଇବା ପାଇଁ ଏତେ ଫନ୍ଦିଫିକର କରୁଥିଲି ସେମାନେ ଆଜି ସାତପର ପରି ବ୍ୟବହାର ଦେଖାଉଛନ୍ତି। ସତରେ ଏସବୁ ମାୟା।

ଏକା ମୁହଁରେ ଚାଲିଥାନ୍ତି ଅମରେନ୍ଦ୍ର ବାବୁ। କେହି ଜଣେ ପଛ ଆଡୁ ଅମରେନ୍ଦ୍ର ବାବୁ ଙ୍କୁ ଦେଖାଇ କହୁଥାଏ, "କର୍ମ ଟି ସୁଖ ଦୁଃଖ ଦାତା, ବିଶ୍ୱ ସଂସାରେ ବଳବନ୍ତା ।" ଲୁହ ରେ ଜାଲିମା ଦେଖାଯାଉଥିବା ରାସ୍ତା ଉପରେ ଏକ କୁକୁର ଉପରେ ଗୋଡ଼ ପକାଇଦେଲେ ଅମରେନ୍ଦ୍ର ବାବୁ। କୁକୁର ର କାଇଁ କାଇଁ ଶବ୍ଦ ଅମରେନ୍ଦ୍ର ବାବୁ ଙ୍କୁ ଲାଗୁଥିଲା ସତେଯେପରି ସେ କୁକୁର କହୁଛି,"ଏ ଲାଞ୍ଚୁଆ, ଠିକ ରେ ରାସ୍ତାରେ ଚାଲ।"

ଏହିପରି ଚାଲି ଚାଲି ଅମରେନ୍ଦ୍ର ବାବୁ ଅମରେନ୍ଦ୍ର ବାବୁ କେତେବେଳେ ଘରଠାରୁ ଦୁଇ କିଲୋମିଟର ଦୂର ରେଳ ରାସ୍ତା ଉପରକୁ ଚାଲିଗଲେଣି ଧାନ ନାହିଁ। ମନେ ମନେ ଭାବୁଥାନ୍ତି,"ସତରେ ଟଙ୍କା ପଛରେ ଗୋଡ଼ାଇଲେ କେତେବେଳେ ଯେ ଟଙ୍କା ରୂପି ଘୋଡାର ଲାତ ଖାଇ ମୁଣ୍ଡ ଫାଟି ମରିବ ଠିକ ନାହିଁ। ମୁଁ ହେଲେ କିପରି ମରିଯାଆନ୍ତି ଯେ ଏ ଦୁର୍ନାମ ରୁ ତରିଯାଆନ୍ତି। ସତକୁ ସତ ଦ୍ରୁତଗାମୀ ଟ୍ରେନ ଟା ଆସି ଅମରେନ୍ଦ୍ର ବାବୁ ଙ୍କୁ ସବୁଦିନ ପାଇଁ ଲାଞ୍ଚୁଆ ବିଶେଷଣ ରୁ ମୁକ୍ତକରିଦେଲା। ଅବଶ୍ୟ

ଦ୍ରୁତଗାମୀ ଟ୍ରେନ ର ଭୀମଗର୍ଜନ ରେ ଅମରେନ୍ଦ୍ର ବାବୁ ଙ୍କର ଶେଷ ପଂକ୍ତି ଟି ," ସବୁ ମାୟାରେ ବାୟା" କେଉଁଆଡ଼େ ଅଦୃଶ୍ୟ ହୋଇଯାଇଥିଲା ।

ମଣିଷର ପତନ ସେହି ସମୟରୁ ଆରମ୍ଭ ହୋଇଯାଏ, ଯେବେ ସେ ଆପଣା ମଣିଷର ଅନିଷ୍ଟ ପାଇଁ ଅନ୍ୟ କଉ ପର ମଣିଷଠାରୁ ଉପାୟ ର ଆଶା ରଖିଥାଏ ।

ଶବ୍ଦର ଶକ୍ତିକୁ ଅବମାନନା କରନ୍ତୁ ନାହିଁ । ଏକ ଛୋଟ "ହଁ" ଏବଂ ଏକ ଛୋଟ "ନା" ସମଗ୍ର ଜୀବନକୁ ପରିବର୍ତ୍ତନ କରିଦେଇଥାଏ ।

କେବଳ ଠିକ୍ ପ୍ରଶ୍ନ ପଚାର, ଏବଂ ପ୍ରକୃତି ତା ବିଚିତ୍ରତା ର ଗନ୍ତାଘର ଖୋଲିଦେବ ।

-: ସି.ଭି. ରମଣ

# ବିଶିକା ମାଆ...



ଐଶ୍ୱର୍ଯ୍ୟା ମହାରଣା
କଣ୍ଟିଲୋ, ନୟାଗଡ

ଆଜି ସକାଳୁ ଗୋଟିଏ ଦୁଃଖଦ ଖବର ପାଇ ମନ ଭାରି ଭାରି ଲାଗୁଛି। ସକାଳେ ମୋ ଝିଅ କୁ ଖୁଆଇ ସାରିବା ପରେ ରୋଷେଇ ପାଇଁ ପ୍ରସ୍ତୁତି ବେଳେ ବୋଉ ଫୋନ୍ କରି କହିଲା ଗାଁ ମୁଣ୍ଡ ଜେଜେମା ଚାଲିଗଲେ। ଶୁଣିବା ପରେ ଭାରି ବ୍ୟସ୍ତ ଲାଗିଲା। ବହୁତ କଥା ମନେପଡିଗଲା।

ଗାଁ ଶେଷ ମୁଣ୍ଡରେ ଏକ ଧାଡ଼ି ଘର। ସାମ୍ନାରେ ଏକ ବିରାଟ ପୋଖରୀ। ପାଖରେ ଏକ ପ୍ରାଇମେରୀ ସ୍କୁଲ, ଯେଉଁଠି ମୁଁ ପାଠ ପଢୁଥିଲି। ସେହି ଘରଗୁଡିକରୁ ଗୋଟିଏ ଥିଲା ବିଶିକା ମାଆର ଘର। ମାଆ ର ପ୍ରକୃତ ନାମ ଥିଲା ବିଶାଖା ଦେଇ। କିନ୍ତୁ ସ୍ନେହ ରେ ସମସ୍ତେ ବିଶିକା ମାଆ ବୋଲି ଡାକୁଥିଲେ। ବୃଦ୍ଧ ସମୟରେ ମଧ୍ୟ ତାଙ୍କ ମୁହଁ ରେ ଏକ ଅଦ୍ଭୁତ ଦୀପ୍ତି ରହିଥିଲା। ମା' ତାଙ୍କର ତିନି ପୁଅ ଓ ସ୍ୱାମୀଙ୍କ  ସହ ଖୁସିରେ ରହୁଥିଲେ। ସମୟ ସହ ତିନି ପୁଅଙ୍କର ବିବାହ କରାଇଥିଲେ। ଭାବିଥିଲେ ଏବେ ହସଖୁସିରେ ବାକି ଜୀବନ ମଧ କଟିଯିବ। କିନ୍ତୁ ବର୍ତ୍ତମାନର ପରିସ୍ଥିତି ଯେମିତି ସେଥିରୁ ଏଇ ତିନି ପୁଅ ମଧ୍ୟ ବାଦ୍ ପଡ଼ିନଥିଲେ। ସସ୍ତ୍ରୀକ ଯେ ଯାହାର ଘରକରି ରହିଥିଲେ । ହେଲେ ସାନ ପୁଅର ଆର୍ଥିକ ଅବସ୍ଥା ଭଲ ନଥିବାରୁ ସେ ପୂର୍ବବତ୍ ସେହି ଘରେ ହିଁ ରହିଥିଲେ।

ଯେହେତୁ ସେ ସମ୍ପର୍କରେ ମୋ ବାପାଙ୍କ ନିଜ ମାଉସୀ ହେବେ, ମୁଁ ସ୍କୁଲ ଯିବାବେଳେ,ସେ ସବୁବେଳେ ମତେ ଘରକୁ ଡାକେ। ମୁଁ କିନ୍ତୁ କହିଯାଏ କି ସ୍କୁଲ ଛୁଟି ହେଲେ ଆସିବି,ଆଉ ଯାଏ ମଧ୍ୟ। ସବୁବେଳେ ମାଆ ଆଉ ବାବା ଦୁହେଁ ଦାଣ୍ଡଘରେ ବସିଥାନ୍ତି । ମତେ ଦେଖି ଦୁହେଁ ଖୁବ୍ ଗେଲ୍ହା କରନ୍ତି। ମା ଆଖିକୁ ସେତେଭଲ ଦିଶୁନଥିଲା। ସେ ସେମିତି ଅଣ୍ଡାଳି କରିଯାଏ ଆଉ କିଛି ନା କିଛି ଖୁଆଇଦିଏ। ବେଳେବେଳେ ମୁଆଁ, ରାଶି ଲଡୁ,ଆଚାର,ଆମ୍ବ ଦେଇ କହେ ଏସବୁ ଘରକୁ ନେଇଯା। ଆଉ ଏସବୁ ପାଇଁ ମୁଁ ତା ଉପରେ ରାଗେ,କାରଣ ମୁଁ ଛୋଟ ଥିଲି ଆଉ ପତଳା ବି। ନେବାରେ ମୋତେ କଷ୍ଟ ହୁଏ। ଫେରିବା ବେଳେ ତା ଆଖିରେ ଆଖିଏ ଲୁହ ଥାଏ। ଆଉ କୁହେ ତୋ ଜେଜେମାକୁ କହ, ଆସିକି ବୁଲିକି ଯାଆନ୍ତା। ତେଣୁ ମୁଁ ଖାଇବା ଛୁଟି ହେଲେ ବେଳେ ବେଳେ ମୋ ଜେଜେମା କୁ ତାଙ୍କ ପାଖରେ ଛାଡି ଯାଏ, ଆଉ ଫେରିବା ବେଳେ କିଛି ସମୟ ରହି ଦୁହେଁ ଫେରିଆସୁ। ବିଶିକା ମାଆ ବହୁତ କାନ୍ଦନ୍ତି। ମୁଁ ଛୋଟ ଥିଲି ତେଣୁ କାରଣଟି ଭଲ ଭାବରେ ବୁଝିପାରିନଥିଲି । କିନ୍ତୁ ପରେ ବୁଝିଲି ଯେ କୁଆଡେ ତିନି ପୁଅ ମିଶି ବୁଢ଼ା ବାପା ମା ଦୁହିଁଙ୍କୁ ପାଳିବାକୁ ବୋଝବୋଲି ମନେ କରୁଥିଲେ। ଏଥିପାଇଁ ପାଳି ମଧ୍ୟ କରିଥିଲେ।

ବାପା ମା ନିଜ ସନ୍ତାନମାନଙ୍କୁ ଯଥାସମ୍ଭବ ଖୁସି ଦେଇ ପାଳନ ପୋଷଣ କରନ୍ତି। ନିଜେ ନଖାଇ ପିଲାଙ୍କୁ ଖୁଆନ୍ତି। ପର୍ବପର୍ବାଣୀରେ ନିଜେ ଭଲ ନପିନ୍ଧି ପିଲାଙ୍କ ପାଇଁ ନୂଆ ପୋଷାକ କରନ୍ତି। ସାମାଜିକ ଓ ମାନସିକ ସ୍ତରରେ ସେମାନଙ୍କ ସ୍ଥିତି ସୁଦୃଢ କରିବାକୁ ଚେଷ୍ଟା କରନ୍ତି। କିନ୍ତୁ ଏସବୁ ପରେ ମଧ୍ୟ ସେମାନେ ବୟସର ଅପରାହ୍ନରେ ପିଲାଙ୍କ ପାଇଁ ଅଲୋଡା ବୋଝ ପାଲଟି ଯାଆନ୍ତି। ସତରେ କ'ଣ ସେମାନେ ସେ ସମୟରେ କେବଳ ଖାଦ୍ୟ ହିଁ ଲୋଡିଥାଆନ୍ତି? ସେମାନେ ଟିକିଏ ସ୍ନେହ ଶ୍ରଦ୍ଧା ମଧ୍ୟ ଖୋଜିଥାନ୍ତି। ଆଉ ଏସବୁ ବାବା ଓ ମା'ଙ୍କ ଭାଗ୍ୟରେ ନଥିଲା।

ଏସବୁ ଚିନ୍ତା କରିକରି ବାବା ପକ୍ଷାଘାତ ରୋଗୀରେ ପିଡୀତ ହୋଇ ସେବା ସୁଶ୍ରସା ଅଭାବରୁ ୨ମାସ ପରେ ମୃତ୍ୟୁବରଣ କରିଥିଲେ। ଆଉ ବିଶିକା ମାଆ ସମ୍ପୂର୍ଣ୍ଣ ଭାବେ ଏକାହୋଇ ଯାଇଥିଲା।

ବୋଧହୁଏ ବୃଦ୍ଧ ବୟସରେ ମନକଥା ପରସ୍ପର ସହ ବାଣ୍ଟିବା , ସାଥୀ ହେବା ବିବାହ ର ଅଦ୍ୱିତୀୟ ଉଦ୍ଦେଶ୍ୟ।ସାଥୀଟି ଚାଲିଗଲା ପରେ ଆତ୍ମା ମୃତବତ୍ ହୋଇଯାଏ। ଘର ଭିତରେ ଏବେ ମାଆ ଏକାକୀ ହୋଇପଡ଼ିଥିଲେ, କାହାକୁ ବା କହିବେ'। ମାଆ ଟିଏ କ'ଣ କେବେ ପିଲାଙ୍କ ଭୁଲ୍ ଧରିବସେ ନା ଅନ୍ୟ କାହାପାଖେ କହେ। ପିଲାଟି ଯେତେ

କଷ୍ଟ ଦେଲେ ମଧ୍ୟ ସେ କଦାପି ରାଗିପାରେନି । ସେ ପରା ତିନି ପୁଅଙ୍କର ଜନ୍ମଦାତ୍ରୀ । ଯେ ଏତେ କଷ୍ଟରେ ପିଲାଙ୍କୁ ପାଳନ କରିଛି, ସେ କ'ଣ ସେହି ପିଲାଙ୍କ ଅନିଷ୍ଟ ଚିନ୍ତା କରିପାରିବ!!!!

ଧୀରେ ଧୀରେ ବିଶିକା ମାଆ ଚିନ୍ତା ଓ ଦୁଃଖକୁ ସାହାରା କରି ଖାଇବା ପିଇବା ଛାଡି ଦେଲା । କାହାର ଅବା ସେ ଧର୍ଯ୍ୟ ଅଛି ଯିଏ ହାତଗଢା ନୀଡ଼ କୁ ଭାଙ୍ଗିବାର ଦେଖିପାରିବ । ପିଲାମାନେ ମଧ୍ୟ ମାଆଙ୍କ ପ୍ରତି ଧ୍ୟାନ ନଦେଇ ତାଙ୍କର ମୃତ୍ୟୁ କାମନା କରିଥିଲେ । ମୋ ବାପା ତାଙ୍କୁ ଆମ ଘରକୁ ଆଣିବାପାଇଁ ଯାଇଥିଲେ , କିନ୍ତୁ ମାଆ ନିଜେ ହିଁ ମନାକରିଥିଲେ । ମାଆ ଙ୍କ ଶରୀର କ୍ଷୁର୍ଣ୍ଣ ହେବାରେ ଲାଗିଲା । ଲୋକଲଜ୍ଜା ଭୟରେ ତାଙ୍କ ବଡପୁଅ ତାଙ୍କ ପାଖକୁ ନେଇଯାଇଥିଲେ ବୋଲି ଶୁଣିବାକୁ ପାଇଥିଲି । କିନ୍ତୁ ରୁଗୁଣ ଏବଂ କ୍ଷୀଣ ଶରୀରର ବଞ୍ଚିବା ପାଇଁ ସାମର୍ଥ୍ୟ ନଥିଲା । ସେ ଏହି ନର୍କରୁ ଚିରକାଳ ପାଇଁ ନିଜ ସାଥୀ ପାଖକୁ ଚାଲିଗଲେ । ଖବର ଟି ଶୁଣି ବହୁତ ଦୁଃଖ ଲାଗିଲା ଯେ ଏକ ସ୍ନେହମୟୀ ନାରୀଙ୍କୁ ଆମେ ହରେଇସାରିଛୁ । ଶେଷ ସମୟରେ ମଧ୍ୟ ତାଙ୍କୁ ଦେଖି ପାରିନଥିଲି । ଆଉ ବେଶୀ ଦୟା ଆସୁଛି ତାଙ୍କ ତିନି ପୁଅଙ୍କ ଉପରେ, ଯାହାଙ୍କଠାରୁ ବାପା ମାଆଙ୍କ ହାତ ଦୂରେଇ ଯାଇଛି ଏବଂ ସେମାନେ ଏ ସମ୍ପର୍କରେ ଅଜ୍ଞ.....

ଘରେ ଝିଅ ଟିଏ ଜନ୍ମ ହୋଇଥିଲେ ସମସ୍ତେ ମନଦୁଃଖ କରନ୍ତି । ଏହାର କାରଣର ଉତ୍ତର ମିଳେ ଯେ କୁଆଡେ ପୁଅ ବଂଶ ବଢାନ୍ତି । ମୃତ୍ୟୁ ପରେ ମୁଖାଗ୍ନି ଦେଲେ ସେମାନେ ମୁକ୍ତି

ପାଆନ୍ତି । ଏ କି ପ୍ରକାରର ମୁକ୍ତି , ଯେଉଁଠି ମଣିଷ ବଞ୍ଚିବା ବେଳେ ସ୍ନେହ ମିଶା ସମ୍ମାନ ତ ଦୂରର କଥା , ଖାଇବାକୁ ମୁଠେ ମିଳେନାହିଁ । କିନ୍ତୁ କଟୁକ୍ତି ବହୁତ ସହଜରେ ମିଳିଥାଏ । ମୃତ୍ୟୁ ପରେ ଘରର ବାରିପଟରେ ମୃତକଙ୍କ ପାଇଁ ଭୋଜନ ମିଷ୍ଟାନ୍ନ ଆଦି ରଖି ପ୍ରେତ ପୂଜା କରାଯାଏ , ଯାହାକୁ କାଉ କିମ୍ବା କୁକୁର ଆସି ଉଦରସ୍ଥ କରିଥାନ୍ତି । ବ୍ୟକ୍ତିଙ୍କୁ ଜିବୀତ ଅବସ୍ଥାରେ ଅନାହାରରେ ରଖି ମୃତ୍ୟୁ ପରେ ଭୂରୀ ଭୋଜନ ଅର୍ପଣ କେତେଦୂର ଯୁକ୍ତିଯୁକ୍ତ ଅଟେ , ତାହା ମୁଁ ବୁଝି ପାରୁନାହିଁ ।

ମତେ ଝିଅ ଟିଏ ଦେଇଥିବାରୁ ଇଶ୍ୱରଙ୍କୁ ଅଶେଷ ଧନ୍ୟବାଦ ।

ଯଦି ବାପା ମା ଙ୍କର ମୂଲ୍ୟ ବୁଝି ହେଉନି ତେବେ କେବେ ସମୟ ଦେଖି କୌଣସି ଏକ ଅନାଥ ଆଶ୍ରମରେ ବୁଲି ଆସନ୍ତୁ । ସେତେବେଳେ ବୁଝିପାରିବେ ଇଶ୍ୱର ଆମ ପାଇଁ ପିତା ମାତା ରୂପରେ ପ୍ରକଟିତ ।

# ଗପ ହେଲେ ବି ସତ...



**ଶାନ୍ତା କୁମାରୀ ନନ୍ଦ**
ମାଁସଡା , ବିଞ୍ଝାରପୁର , ଯାଜପୁର

**ଆ**ଉ ଥରେ ଅପେରସନ ହେବ !!!!

ଡ଼କ୍ଟର କହୁଛନ୍ତି ଏଥିରେ କିନ୍ତୁ ଲାଇଫ ରିସ୍କ ଅଛି ବାପା କହିଲେ ଯାହା ମେଡିସିନ ଲାଗିବ ଦେବି ହେଲେ ଅପେରସନ କରିବିନି........

୩ ବର୍ଷ ର ହେଇଥିଲି ମୁଁ, ମୋର ମୁଣ୍ଡ ଅପେରସନ ହେଇଥିଲା । ସେତେବେଳେ ଡ଼କ୍ଟରଙ୍କୁ ବିଶ୍ୱାସ ବି ହେଇନଥିଲା ଯେ ଏ ପିଲା ଚାଲିପାରିବ କି ଠିକ ସେ ଦେଖିପାରିବ କି କଥା କହିପାରିବ । ସିଏ ସବୁ ଯାହା ବି ହୋଉ ଚଳିବ ହେଲେ ପିଲା ବେଳୁ ଆଜିଯାଏ ଗୋଟେ ମୁହୂର୍ତ୍ତ ବି ନାହିଁ ଯେତେବେଳେ ମୋ ମୁଣ୍ଡ ବିନ୍ଧୁନଥିବ, ଆଖି ବି ଖରାପ ସପ୍ତମ ଶ୍ରେଣୀ ରୁ, ସିଏ ବି ଚଳିବ... ମୋର କିଛି ଅସୁବିଧା ନାହିଁ । ମୋର ଯେତେ ଯାହା ହେଲେ ବି' ହେଲେ ସେଥିପାଇଁ ମୋ ଜୀବନ ଟା ଜୀବନ ନୁହେଁ ବରଂ ରେଷ୍ଟ୍ରିକଟେଡ଼ ଲାଇଫ କହିବା ଭଲ । ଯେମିତି କି ମୋ ପାଇଁ ଟିଭି ମନା, ବେଶି ମୋବାଇଲ କି ଏମିତି କିଛି ସବୁ ମନା । ବେଶି ସମୟ ପାଠ ପଢିବା ମନା । କିଛି ପରିଶ୍ରମ କରିବା ମନା । ଆହୁରି କେତେ କଣ ଯେ ଠିକଣା ନାହିଁ, ସିଏ ବି ଚଳିବ ।

ମୁଁ ଆଜିଯାଏ କେବେ ଭଲ ଖାଇବା କି ପିନ୍ଧିବା ପାଇଁ ଜିଦି କରିନି, ଯଦି ଜିଦି କରିଛି ତ ପଢିବାପାଇଁ ନ ହେଲେ କିଛି ଗୋଟେ କମ୍ପିଟିସନ ରେ ପାର୍ଟିସିପେଟ କରିବା ପାଇଁ । ମୁଁ ଆଜି ଯାଏ ଟିଉସନ କରିନି କାରଣ ପରିଶ୍ରମ କରିପାରିବିନି ମୋ ବାପା ବି ପଢ଼େଇଲେନି ମତେ କହିଲେ ତାର ଯେତିକି ଇଚ୍ଛା ସେ ପଢୁ । ତା ପରେ +୨ ସମୟ ଆସିଲା କହିଲି ସାଇନ୍ସ ପଢ଼ିବି..

ଘରେ ରାଜି ବି ହେଲେ, ଅଥଚ ଜବରଦସ୍ତ ଆଡ୍ମିଶନ କଲେ ଆର୍ଟ୍ସ ରେ , କାରଣ ସାଇନ୍ସ ବେଶି ପରିଶ୍ରମ । ଆର୍ଟ୍ସ କୁ ମୁଁ ଆଜି ଯାଏ ବି ଗ୍ରହଣ କରିପାରିନି । ହୋଉ ହେଲା ସିଏ ବି ଚଳିବ +୨ ରେ ମୁଁ ରଖିଲି ଇଂଲିଶ ମିଡ଼ିଅମ ରେ, କଲେଜ ରେ ପଢା ହେଲା ଓଡ଼ିଆ ରେ । ତ ନିଜେ ପଢିକି ଦେଲି ପରୀକ୍ଷା । ପୁଣି +୩ ମୁଁ କହିଲି ଟିଉସନ ନ କଲେ ଇଂଲିଶ ଅନର୍ସ ପଢ଼ିବି କେମିତି, ଲୋକାଲ କଲେଜ ରେ ଯାହା ପଢ଼ାଯାଏ ନ କହିବା ଭଲ, ପଢା କମ ଆଉ ଫାଙ୍କା ସମୟ ରେ କୋଉଠୁ ପ୍ରାଇଭେଟ ଉପାୟରେ ଆୟ କରିହେବ ଏ ମାନେ ସେ କଥା ବେଶି ଚିନ୍ତା କରନ୍ତି । ମୁଁ ନିଜେ ବର୍ଣ୍ଣନା ବି କରିପାରିନି ସାଇନ୍ସ ରେ ମୋର କେତେ ଇଚ୍ଛା । ମାଟ୍ରିକ୍ସ ପରେ ୩/୪ ମାସ ଖାଇବା ଛାଡିଦେଇଥିଲି ମୁଁ, ହେଲେ ଲାଭ ପାଇଲିନି । +୨ ପରେ ବି ସମାନ ଅବସ୍ଥା ହେଲେ ବି କିଛି ଲାଭ ହେଲାନି' ଯଦି କେବେ କମ୍ପିଟିସନ ରେ ପାର୍ଟିସିପେଟ କରେ, ଝଗଡା ନ କଲେ ହବନି । ପଢିବା ପାଇଁ ବି ଆରଗୁମେଣ୍ଟ , କଲେଜ ରେ ଯାହା ପଢା ଯାଉଛି ଲେକଚର୍ସ ମାନେ ନିଜେ ବି ଜାଣିନଥିବେ.. ଆଉ ମୁଁ ଯାହା ବି ପଢୁଛି

ଏଇ ଫୋନ ରୁ ହେଲେ ତାକୁ ବି ମନା । ତ' ମୁଁ କରିବି ? କଣ ପାଠ ଛାଡ଼ିଦେବି ? ତ' ସେଥିପାଇଁ ବି ଅରଗୁମେଣ୍ଟ ।

ଏବେ ବି କହୁଛନ୍ତି +୩ ପରେ ଯାହା କୋର୍ସ କରିବୁ ଘରେ ରହିକି । ମୁଁ କଣ ପଣ୍ଡିତ, ମୁଁ ମୋ ଜୀବନରେ କିଛି କରିବାକୁ ଚାହେଁ, ହେଲେ କେମିତି.....

ମୁଁ ଜାଣିଛି ମୋର ସେମିତି ଅସୁବିଧା ଅଛି, ହେଲେ ମୁଁ ବି ଗୋଟେ ମଣିଷ....

ଏବେ ତ ଅରଗୁମେଣ୍ଟ ବି କରିହେଉନି । ଉଚ୍ଚ ରକ୍ତଚାପ ବାପାଙ୍କର, ଡ଼କ୍ଟର କହିଲେ ୩ୟ ଷ୍ଟେଜ । ଆମକୁ ବିଶ୍ୱାସ ହେଉନି ଇଏ ଏ ଯାଏ ଅଛନ୍ତି କେମିତି,

ସବୁଠାରୁ ଗୁରୁତ୍ୱପୂର୍ଣ କଥା ଏମାନଙ୍କର ଏ ସବୁ କଟକଣା ପାଇଁ ମୋର ଯେତେ ଅସୁବିଧା କିମ୍ଵା କଷ୍ଟ ହେଲେ ବି ମୁଁ କାହାରିକୁ ଜଣାଉନି, ନା ଘରେ ନା ବାହାରେ ସବୁବେଳେ କଷ୍ଟ ହେଉଛି । ହୋଉଛି ପ୍ରାୟ ସମ୍ପୂର୍ଣ ଶରୀର ରେ କଷ୍ଟ ହେଉଛି । ତା' ପରେ ବି ମୁଁ କହୁନି କାହାକୁ, କି କହିବିନି କେବେ ।

ନହେଲେ ସାୟଦ ଏମାନେ ମୋ ପଢା ଟୋଟାଲ ବନ୍ଦ କରିଦେବେ । ଲାଇଫ ରେ ସାଧନା କରନ୍ତି ହେଲେ ଏମିତି ସାଧନା କି' କଷ୍ଟ ପାଇବୁ, ହେଲେ କହିପାରିବୁନି । ସିଏ ବି ଚଳିବ ହେଲେ ମୋର ଏ ତ୍ୟାଗ ର ଲାଭ କଣ?

ମୁଁ କହୁନି କାହାକୁ ମୋ କଷ୍ଟ କଥା । କେହି ବୁଝିବେନି ମୋ ମନ କଥା । ଟିକେ ବି.. ଭାବିଲେ କାନ୍ଦ ଲାଗୁଛି । ବାପା କହିବେ ମୋର ତୁ ଦରକାର ତୋର କିଛି ନୁହେଁ, ହେଲେ ମତେ କଣ ଏମିତି କଷ୍ଟ ଦେବାପାଇଁ ଜନ୍ମ ଦେଇଥିଲେ? ଖାଲି ବି ଯଦି ଏତିକି ହେଇଥାନ୍ତା ଚଳିଥାନ୍ତା, ହେଲେ ଅତ୍ୟଧିକ କଷ୍ଟ ଆଉ ଏ ଟେନସନ ପ୍ରତି କଥା ରେ ମତେ ଅରଗୁମେଣ୍ଟ କରିବାକୁ ପଡୁଛି । କଲେଜ ରେ, ଘରେ ସବୁଠି ଆଉ ପରିଣାମ ।

ମୁଁ ଗୋଟେ ମ୍ୟାନର ଲେସ ପିଲା, ଆଉ ଘରେ ବି ଯଦି କିଛି କାମ କୁହାଯାଏ ହେଲେ ମୋ ଅବସ୍ଥା ଖରାପ ଥାଏ । ତେବେ କାହାକୁ ତ କହିପାରିବିନି କିଛି, ବାସ ସିଧା ସିଧା କାମକରିବାକୁ ମନା କରିଦିଏ । କାରଣ କରିପାରିବିନି ସେତେବେଳେ, ମୁଁ କରିବା ଅବସ୍ଥା ରେ ନ ଥାଏ । ହେଲେ ସେଠି ବି ମୋ ବ୍ୟବହାର ଖରାପ । ଆରେ କେହି ତ ବୁଝ କଥା କଣ ?

ଏବେ ମୁଁ କରିବି କଣ ଏମିତି ସବୁଆଡେ ସବୁ ଶୁଣିବି ଆଉ ସମସ୍ତଙ୍କ ରେଷ୍ଟ୍ରିକସନ କୁ ମାନି ସେ ମାନଙ୍କ ଇଚ୍ଛା ରେ ବଞ୍ଚିବି । କଣ ଏହାର ସମାଧାନ ଯାହା ଆଜି ଯାଏ ଖୋଜୁଛି ସମାଧାନ କେହି ଦେଉନାହାନ୍ତି ।

ଇଚ୍ଛା ଥିଲା ବିଜ୍ଞାନ ପଢ଼ିବି ମହାକାଶଚାରୀ ହେବି । ଆଉ ଏବେ ଯେତେବେଳେ ଜୀବନ ତାର ମୋଡ ବଦଳେଇ ସାରିଛି ଏବେ ଇଚ୍ଛା ଅଛି କଲେକ୍ଟର ହେବି, ହେଲେ କେମିତି ?

ମୋ ଜୀବନ ଟା ତ କଷ୍ଟ ଆଉ କଟକଣା ରେ ଭରିଯାଇଛି । କୁହନ୍ତି ଇଚ୍ଛା ଥିଲେ ଉପାୟ ଆପେ ଆପେ ଆସେ.... ତେବେ....

ମାଗୁଣି ପରି ଯେବେ ଆପେ ଆପେ କାନ୍ଦେ କୁହନ୍ତି ପାଗିଳି ଟେ, ହଁ କାରଣ ପଚାରିଲେ ବି ତ କହିପାରିବିନି ନା, ତ' କଥା ବୁଲେଇକି କହିଲେ ଯାହା ହୁଏ ଆଉ....

ମୋ ଜୀବନ ଟା ମୋ ପାଇଁ ଅସମାହିତ ହେଇ ରହିଯାଇଛି..........ଅଥଚ ଏବେ ବି ଆଶା ଅଛି ଯେ ଦିନେ ନା ଦିନେ ଭାଗ୍ୟ ବି ହାର ମାନିବ....

- **ସ୍ୱତନ୍ତ୍ରତା ଏକ ବରଦାନ। ଏବଂ ଏହା ପ୍ରତ୍ୟେକ ଲୋକ ର ଅଧିକାର ଅଟେ।**
- **ଖରାପ ସମୟରେ ବି ଯେ ନିଜ ଲକ୍ଷ୍ୟ ପଥରୁ ବିଚ୍ୟୁତ ହୁଏ ନାହିଁ, ତା ପାଇ ସମୟ ଆପେ ବଦଳି ଯାଏ।**
- **ଶତ୍ରୁ କୁ କେବେ ଦୁର୍ବଳ ଭାବିବା ଉଚିତ ନୁହେଁ। କିନ୍ତୁ ଶତ୍ରୁ କୁ ବଳଶାଳୀ ଭାବି ନିଜକୁ ଦୁର୍ବଳ ଭାବିବା ବି ଠିକ୍ ନୁହେଁ।**

**-ଛତ୍ରପତି ଶିବାଜି ମହାରାଜ**

# ପ୍ରେମିକା...



ରୋଜି ଭୋଇ ପ୍ରଧାନ
ବନ୍ଧପଡା, କଳାହାଣ୍ଡି

ଆଜିବି ମନରୁ ଲିଭେଇ ପାରୁନି
କାହିଁକି କେଜାଣି ତତେ ,
ନିଜେ ବି ଜାଣିନି ଭଲପାଏ
କାହିଁକି ଏବେ ବି ଏତେ.....

ମୁକୁଳା କେଶକୁ ଭଲପାଏ ବୋଲି
ଗୋଲାପ ଦେଖିଲେ ଭାବେ ,
ନୀରବି ବସିଲେ ଖିଲି ଖିଲି ହସ
ପବନରେ ଭାସି ଆସେ.......

ନିଜକୁ ଭୁଲି ମୁଁ ନିର୍ସ୍ୱାଥ ଭାବରେ
ଭଲ ତତେ ପାଇଥିଲି ,
ନିଃଶ୍ୱାସ ରେ ମୋର ତୋ ସ୍ପର୍ଶ ରହିଛି
କେମିତି ଗଲୁ ରେ ଭୁଲି.......

ପ୍ରତାରଣା ସ୍ୱତେ ପ୍ରତି ନିଶ୍ୱାସରେ କାହିଁ
ପ୍ରିୟା ପ୍ରିୟା ଡାକିଥିଲି ,
ପ୍ରତିଧ୍ୱନୀ ମାରେ ଗାଲ କୁ ମୋହର
କାରଣ ଖୋଜୁଛି ବୋଲି.......

ଯେବେ ଦେଖା ହୁଏ ସମୟ ଚକ୍ରରେ
ହୃଦୟ ତରଳି ଯାଏ ,
ତିଳ ତିଳ କରି ଜଳୁଛି ଜୀବନ
ଶବ୍ଦ ରେ କି କହିହୁଏ.......

ଆଖିକୁ ଲୁଚେଇ ଦୁଇ ଧାର ଲୁହ
ଝରେଇ ଦିଏ ମୁଁ ଅନ୍ତରେ ,
ଭାବିନିଏ ପାଖରେ ବସିବ ପଚାରି ବୁଝିବ
କେମିତି ଅଛୁ ତୁ ସତରେ.....

ପ୍ରେମ ପାଇଁ ପାପ କରିବିନି ବୋଲି
ଛୁଇଁନି ତ କେବେ କାହିଁ ,
ମୋ ରକ୍ତରକ୍ତ ରେ ତୁ, ତୋର କଣ
ଥରେହେଲେ ଶିହରଣ ଜାଗି ନାହିଁ......

ଆଃ! ମଥାରେ ତୋର ସିନ୍ଦୂର ଦେଖିଲେ ସ୍ୱାର୍ଥ
ତୋର ମନେ ପଡେ ,
ତୁ ଥିଲୁ ମୋର ସତିର୍ଥ ପ୍ରେମିକା
ଭାବିଲେ ବି ଲାଜ ମାଡ଼େ.....

ନିରବି ଯାଇଛି ନିର୍ମଳ ହୃଦୟ
ଭାଗ୍ୟକୁ ନିନ୍ଦୁଛି ଖାଲି ,
ପ୍ରତି ନିଶ୍ୱାସରେ ଜିଁଇ ଉଠୁଅଛି
ତୋର ନିନ୍ଦା ଅପବାଦ ଆଉ ଗାଳି.....

ତଥାପି କାହିଁକି ଇଛାହୁଏ ଜହ୍ନ ଆଲୁରେ
ଜାବୁଡ଼ି ଧରିବି ଥରେ,
ଭୋ ଭୋ କାନ୍ଦିବାର ଚିତ୍କାର
ତତେ ଶୁଣେଇ ଦେବି ନୀରବରେ...



# ପ୍ରୀତି ଭିକ୍ଷା...

**କୃଷ୍ଣ ଚନ୍ଦ୍ର ବାରିକ**
ସୁବର୍ଣ୍ଣପୁର , ଓଡ଼ିଶା

କର ରତି ଦାନ ରେ ନାରୀ ରତନ
ରହିଛି ତୋ ଠାରେ ମନ,
ତିଥି ଚନ୍ଦ୍ର ପ୍ରାୟ ହେଲାଣି ମୋ କାୟ
ଝୁରି ଝୁରି ରାତି ଦିନ ॥

ପାଷାଣ ପ୍ରତିମା ପରାୟେ କାହିଁକି
ରହି ଅଛୁ ତୁନି ହୋଇ ,
ନୟନ ନିଳୟୁ ଧାର ଧାର ଲୁହ
ଯାଉ ଅଛି ସହି ବୋହି ॥

କର ଦୟା ବାରେ ପ୍ରାଣର ପୀୟୂଷ
ଦିଅ ବାରେ ଅଙ୍ଗ ସଙ୍ଗ ,
ମନର ମିଳନ ପ୍ରକୃତ ପ୍ରେମ ଲୋ
ହୁଏ ନାହିଁ କେବେ ଭଙ୍ଗ ॥

ଉଆଁସ ରାତିର ପୁନେଇଁ ଚାନ୍ଦ ତୁ
ସାଗର ଛାତିର ନୌକା ,
ପକ୍ଷୀପଲଙ୍କର କୁନି କୁନି ଡେଣା
ମନ ମଞ୍ଜେ ତୁ ନାୟିକା ॥

ମରୁଭୂମି ମଧ୍ୟେ ମରୁଦ୍ୟାନ ତୁ ଲୋ
ଆସ ଆସ ସହଚରୀ ,
ମଧୁଶାଳା ହେଉ ଉତ୍ସବ ମୁଖର
ମଧୁମଖା ବିଭାବରୀ ॥

# ଅସହାୟତା...



**ଆଦିତ୍ୟ ନାରାୟଣ ପତି**

ତାଳପଦା, ତିହିଡି, ଭଦ୍ରକ

**ଖ**ଣ୍ଡେ ରୁଟିକୁ ନେଇ ଭିକାରି ଆଉ କୁକୁର ମଧ୍ୟରେ ଚାଲିଥିଲା ସତେ ଯେପରି ଏକ ଖଣ୍ଡ ଯୁଦ୍ଧ । କେହି କାହା ଅଧିକାର ଛାଡିବାକୁ ପ୍ରସ୍ତୁତ ନ ଥିଲେ । ଏମିତି ଏକ ଦୃଶ୍ୟକୁ ଦେଖି ହାତ ଧରା ଧରି ହୋଇ ଚାଲିଥିବା ସ୍ୱାମୀଙ୍କୁ ସ୍ତ୍ରୀ କହିଲେ ଦେଖ ଏଇଥିପାଇଁ ମୁଁ ଓଡିଶା ଆସିବାକୁ ପସନ୍ଦ କରେନି । ଯୁଆଡେ ଦେଖିଲେ ଖାଲି ମାଗି ଖାଇବାର ଦୃଶ୍ୟ । ତମକୁ ମନା କରୁଥିଲି ଆମେରିକା ଛାଡ଼ି ଓଡିଶା ଆସିବା କଣ ଦରକାର ଥିଲା ? ଅନଲାଇନ ରେ ଟଙ୍କା ପଠେଇ ଦେଇ ଥିଲେ କଣ ହେଇ ନ ଥାଆନ୍ତା ?

ସ୍ୱାମୀ ଜଣଙ୍କ ଭାବୁଥିଲେ ଓଡିଶା ଛାଡ଼ି ଆମେରିକା ଯିବା ଦିନର କଥା । ଯେଉଁ ଦିନ ତାଙ୍କ ବାପା ବୋଉ ବହୁତ ବୁଝେଇବା ପରେ ସେ ଆମେରିକା ଯିବା ପାଇଁ ରାଜି ହୋଇଥିଲେ । ସତରେ ଏଠି ଏଇ ଯୁଦ୍ଧ ଆଉ ଗୋଟେ କର୍ମ ବ୍ୟସ୍ତ କର୍ପୋରେଟ ଅଫିସରେ ବସଙ୍କ ନିକଟରେ ଆପ୍ରୋଜ଼ାଲ ପାଇଁ ଅଧୀନସ୍ଥ କର୍ମଚାରୀ ମାନଙ୍କର ନିଜ ନିଜ ଭିତରେ ଶୀତଳ ଯୁଦ୍ଧ ତାଙ୍କୁ କାହିଁକି କେଜାଣି ଏକା ଭଳି ଲାଗୁଥିଲା ।

ଦୀର୍ଘ ଦୁଇବର୍ଷ ପରେ ବାବନ ଆଜି ଘରକୁ ଆସିବ । ବଡ଼ ଚାକିରୀ କରିବା ପାଇଁ ଆମେରିକା ଯିବା ଦିନଠାରୁ ବୁଢ଼ାବୁଢ଼ୀ ଦୁଇଜଣ ତାକୁ ଦେଖିବେ ବୋଲି ସତେ ଯେମିତି ଚାତକ ଭଳି ଚାହିଁ ବସିଛନ୍ତି । ବହୁତ ଦିନ ହେବ ଆଂଠୁଗଣ୍ଠି ବିନ୍ଧା ପରେ ବି' ଆଜି ମାଆ ତା ପୁଅ ପାଇଁ ଛଅ ତିଅଣ ନ ଭଜା କରି ଚାହିଁ ବସିଛି । ହଠାତ ଘର ଆଗରେ ଲାଗିଗଲା କାର୍ ଟେ । ଦୌଡ଼ି ଆସିଲେ ବାପା ମାଆ ଦୁଇଜଣ । ଘର ଭିତରକୁ ପଶୁ ପଶୁ ପୁଅ କହିଲା ମମି' ଆମେ ହୋଟେଲରେ ଖାଇକି ଆସିଛୁ । ଆମେ ଆଉ ଅଳ୍ପ ସମୟ ପରେ ରୀନାର ଘରକୁ ବାହାରିଯିବୁ । ଏହି ସମୟରେ ବୋହୁ ରୀନା କହୁଥାଏ ଓଃ କି ଗରମ ଏ ଘରେ, ଆଜିଯାଏ ଏ.ସି. ଟିଏ ଲାଗି ପାରିଲାନି । ବାପା ମାଆ ଦୁଇଜଣ ଭାବୁ ଥାଆନ୍ତି ଆମେରିକାରେ ରହି ଆମ ବାବନ ବହୁତ ବଡ଼ଲୋକ ହୋଇଗଲାଣି ।

ଦୁଇ ବର୍ଷ ପରେ ପୁଅ ଘରକୁ ଆସିଛି ରହଣି ମାତ୍ର ଅଧଘଣ୍ଟା । ହଉ ମାଆ ତା ପୁଅକୁ ଥରେ ଆଖି ପୁରେଇ ଦେଖିନେଲା ତ । ସନାତନ ବାବୁ ଏଇ କଥା ଟି ଭାବି ଭାବି ମନରେ ଘାଣ୍ଟି ହେଉ ଥାନ୍ତି । ବୟସ ଅଧିକ ହେବାରୁ ସନାତନ ବାବୁଙ୍କ ଆଖିକୁ ଆଉ ଭଲ କରି ଦେଖା ଯାଉ ନାହିଁ । ଗଲା ମାସରୁ ଚଷମା ଭାଙ୍ଗି ଯାଇଛି ଯେ ବାଗେଇବା ପାଇଁ କେହି ନାହାନ୍ତି । ବାବନ ଯିବା ପାଇଁ ବାହାରିଲା । ଆଉ ଗଲାବେଳକୁ ସନାତନ ବାବୁଙ୍କ ହାତରେ ଧରେଇ ଦେଇଗଲା ଚାରୋଟି ପାଞ୍ଚଶହ ଟଙ୍କିଆ ନୋଟ ।

ଥରଟେ ବି ପଚାରିଲାନି ବାପା କେମିତି ଅଛ, ଦେହ କେମିତି ଅଛି, ଜାଗାବାଡ଼ି ଖବର କଣ, ଏଥର ଆମ ଧାନ କଣ କେମିତି ହେଇଛି ?

ସନାତନ ବାବୁଙ୍କର ମନେ ପଡ଼ି ଯାଉଥାଏ ସେଇ ପୁରୁଣା କଥା । ଯେଉଁଦିନ ବାବନ ଗୋଟେ କ୍ରିକେଟ ବ୍ୟାଟ କିଣିବା ପାଇଁ ତାଙ୍କ ଆଗରେ ଜିଦ୍ କରିଥିଲା । ଆଉ ବହୁତ ସମୟ ପରେ ସନାତନ ବାବୁ ପକେଟରୁ ଶହେଟଙ୍କା ନୋଟ ଟିଏ କାଢ଼ି ଦେଇଥିଲେ ।

ମହ୍ଲାର...

ଏକ ନୂତନ ଆଶାରେ ପ୍ରାଣ ସଞ୍ଚାର...



ଧନ୍ୟବାଦ

**ଏଥିରେ ପ୍ରକାଶ ପାଇଥିବା ସମସ୍ତ ଲେଖାଗୁଡ଼ିକ ଲେଖକଙ୍କ ନିଜସ୍ୱ ଲେଖା , ଲେଖାରେ ଥିବା କୌଣସି ତ୍ରୁଟି ଓ ନକଲ ପାଇଁ ଆମ୍ଭର " ମହ୍ଲାର " କର୍ତ୍ତୃପକ୍ଷ ଦାୟୀ ନୁହନ୍ତି ...**

*ଦୟାକରି ଧ୍ୟାନ ଦିଅନ୍ତୁ :-*

- ଏହା ଏକ ମାସିକ ଇ-ପତ୍ରିକା .
- ପ୍ରତ୍ୟକ ମାସ ୧୦ ତାରିଖ ସୁଦ୍ଧା ଏହା PDF ଫର୍ମାଟ ରେ ପ୍ରକାଶ ପାଇବ ..
- ଏହା ଆମର ୱେବ୍-ସାଇଟ Www.MalharOdia.Com ରେ ପ୍ରକାଶ ପାଇବ .
- ଆପଣଙ୍କ ଲେଖାକୁ ଆମ ପତ୍ରିକାରେ ସ୍ଥାନ ଦେବା ନିମନ୍ତେ ଆମକୁ ସମ୍ପର୍କ କରନ୍ତୁ.
- ଆମର ପୂର୍ବ ସଂସ୍କରଣ ଗୁଡ଼ିକୁ ପଢିବା ନିମନ୍ତେ ଆମର ୱେବ୍-ସାଇଟ କୁ ଯାଆନ୍ତୁ ।

Www.MalharOdia.Com

******************************

ମହ୍ଲାର ଇ-ପତ୍ରିକାରେ ଅଂଶଗ୍ରହଣ କରିଥିବା ସମସ୍ତ ଲେଖକ ଓ ଲେଖିକାଙ୍କୁ ହୃଦୟରୁ ଧନ୍ୟବାଦ ...

ଭଗବାନ ଆପଣଙ୍କ କଲମକୁ ଏମିତି ଚିର ଋଦ୍ଧିମନ୍ତ କରି ରଖିଥାନ୍ତୁ.....

ମହ୍ଲାର ଇ-ପତ୍ରିକା ର ପରବର୍ତ୍ତୀ ମଇ ମାସର ସଂକଳନ ନିମନ୍ତେ ଆପଣଙ୍କ ଲେଖା ଦେବାକୁ ଚାହୁଁଥିଲେ ଆମ ୱେବ୍ସାଇଟ ରେ ସମ୍ପର୍କ କରନ୍ତୁ...

